

କଳିଙ୍ଗ ଲାନ୍ସର୍ସ ଚାମ୍ପିଅନ୍

▸ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-212 ◆WEDNESDAY ◆28 JANUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୧୨ ◆ବୁଧବାର ◆୨୮ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଭାରତ-ଇୟୁ ଐତିହାସିକ ବାଣିଜ୍ୟ ଚୁକ୍ତି

# ଶସ୍ତା ହେବ ଦାମୀ କାର୍, ଦାମୀ ମଦ

### ୯,୪୨୫ ଭାରତୀୟ ସାମଗ୍ରୀ ଉପରୁ ୟୁରୋପ୍‌ରେ ହଟିବ ଶୁଳ୍କ

### ଭାରତୀୟ ସାମଗ୍ରୀ ପାଇବ ୩୩ ଆରବ ଡଲାର୍ ବଜାର



■ ନୂଆଦିଲ୍ଲୀ,୨୭।୧ (ଏଜେନ୍ସି): ଦୀର୍ଘ ଦୁଇ ଦଶନ୍ଧି ଧରି ଆଲୋଚନା ପରେ ଭାରତ ଏବଂ ୟୁରୋପୀୟ ସଂଘ(ଇୟୁ) ମଧ୍ୟରେ ସ୍ୱାକ୍ଷରିତ ହୋଇଛି ଐତିହାସିକ ବାଣିଜ୍ୟ ଚୁକ୍ତି। ଆଜି ସ୍ୱାକ୍ଷରିତ ଏହି ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ)ଅନୁଯାୟୀ, ଅନେକ ପ୍ରମୁଖ କ୍ଷେତ୍ରରେ ଆମଦାନି ଶୁଳ୍କ ହ୍ରାସ ପାଇବ। ମଦ, ଖାଦ୍ୟ ସାମଗ୍ରୀ, ରାସାୟନିକ ପଦାର୍ଥ, ଯନ୍ତ୍ରପାତି, ଔଷଧ, ମହାକାଶ ଏବଂ ଅଟୋମୋବାଇଲ୍ ଭଳି କ୍ଷେତ୍ରଗୁଡ଼ିକ ଏଥିରେ ଅନ୍ତର୍ଭୁକ୍ତ। ୟୁରୋପ ଭାରତୀୟ ପୋଷାକ, ବସ୍ତ୍ର, ରତ୍ନ ପଥର ଏବଂ ଅଳଙ୍କାର ଉପରେ ଶୁଳ୍କ ସମାପ୍ତ କିମ୍ବା ହ୍ରାସ କରିବ। ଅର୍ଥାତ୍ ଭାରତକୁ ୟୁରୋପରୁ ଆସୁଥିବା ୯୬.୬% ସାମଗ୍ରୀ ଉପରୁ ଇୟୁ ଶୁଳ୍କ ହଟାଇବ କିମ୍ବା ହ୍ରାସ କରିବ। ତେବେ ଭାରତରୁ ୟୁରୋପକୁ ରପ୍ତାନି ହେଉଥିବା ୯୦%ରୁ ଅଧିକ ସାମଗ୍ରୀ ଉପରୁ ମଧ୍ୟ ଶୁଳ୍କ ହଟିବ। ଏହି ଚୁକ୍ତି ପରେ ୟୁରୋପୀୟ କାର, ବିୟର , ଫଳ ରସ, ପ୍ରକ୍ରିୟାକୃତ ଖାଦ୍ୟ ଏବଂ ଅନେକ ଖାଦ୍ୟ ସାମଗ୍ରୀ ଭାରତରେ ଶସ୍ତା ହେବ ବୋଲି କୁହାଯାଉଛି। ୨୭ ରାଷ୍ଟ୍ରକୁ ନେଇ ଗଠିତ ୟୁରୋପୀୟ ସଂଘ (ୟୁଇ) ସହିତ ହୋଇଥିବା ଏହି ଚୁକ୍ତିକୁ 'ମଦର ଅଫ୍ ଅଲ୍ ଡିଲ୍' ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଭାରତ ଇତିହାସର ସବୁଠାରୁ ବଡ଼ ବାଣିଜ୍ୟ ଚୁକ୍ତି ବୋଲି ବର୍ଣ୍ଣନା କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ୟୁରୋପୀୟ କମିସନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର ଲେଏନ୍ ଏବଂ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟାଙ୍କ ଉପସ୍ଥିତିରେ ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ସ୍ୱାକ୍ଷରିତ ହୋଇଛି। ଚୁକ୍ତି ଅନୁଯାୟୀ, ଭାରତକୁ ଆସୁଥିବା ୟୁରୋପୀୟ ମଦ ଉପରେ ଶୁଳ୍କ ୪୦% ଏବଂ ବିୟର ଉପରେ ଶୁଳ୍କ ୫୦% କୁ ହ୍ରାସ କରାଯିବ। ଅଲିଭ୍ ତେଲ, ମାର୍ଜାରିନ୍ ଏବଂ ଅନ୍ୟାନ୍ୟ ଭେଜିଟେବଲ ଅଏଲ ଉପରେ ଶୁଳ୍କ ହ୍ରାସ କିମ୍ବା ବନ୍ଦ ହେବ। ଏହାଛଡା ଖାଇବା ତେଲ ଉପରେ ୟୁରୋପ ଶୁଳ୍କ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ହଟାଇବ। ଚୁକ୍ତି ପରେ ଭାରତକୁ ଇୟୁଠାରୁ ୫୦୦ ନିୟୁତ ୟୁରୋ ସହାୟତା ମିଳିବ। ଇୟୁ ଭାରତରେ ଗ୍ରୀନହାଉସ୍ ଗ୍ୟାସ୍ ▸ପୃଷ୍ଠା-୭

# ଆଜିଠୁ ସଂସଦର ବଜେଟ ଅଧିବେଶନ



### ମନରେଗା, ଏସଆଇଆର୍ ଉପରେ ଆଲୋଚନା ପାଇଁ ବିରୋଧୀଙ୍କ ଦାବି

■ ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି): ଆସନ୍ତାକାଲି ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ଆସନ୍ତା ଫେବ୍ରୁଆରୀ ପହିଲାରେ ସରକାର ୨୦୨୬-୨୭ ବର୍ଷ ଲାଗି ବଜେଟ ଉପସ୍ଥାପନ କରିବେ। ସଂସଦର ଉଭୟ ଗୃହର ମିଳିତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣରୁ ବଜେଟ ଅଧିବେଶନ ଆରମ୍ଭ ହେବ।

ଏହି ଅଧିବେଶନ କିପରି ସୁରୁଖୁରରେ ଚାଲିପାରିବ, ତା ଉପରେ ଆଲୋଚନା ପାଇଁ ସରକାର ଆଜି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକରେ ବିଭିନ୍ନ ଦଳର ୨୮ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ୟୁପିଏ ଅମଳର ମନରେଗା (ଜି-ରାମ-ଜି), ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର), ଭାରତର ବୈଦେଶିକ ନୀତି ଏବଂ ୟୁଜିସି ବିବାଦ ଉପରେ ସ୍ୱତନ୍ତ୍ର ଆଲୋଚନା କରିବାକୁ ବିରୋଧୀ ଦଳର ପ୍ରତିନିଧି ଦାବି କରିଥିଲେ। ମାତ୍ର ଏଥିପାଇଁ ସରକାର ରାଜି ହୋଇନଥିଲେ। ସରକାର ସ୍ପଷ୍ଟ କରିଦେଇଥିଲେ ଯେ ବଜେଟ ଅଧିବେଶନରେ କେବଳ ବଜେଟ ସଂକ୍ରାନ୍ତ ପ୍ରସଙ୍ଗ ଉପରେ ହିଁ ଆଲୋଚନା ହେବ। ବିରୋଧୀ ଦଳ ସେମାନଙ୍କର ପ୍ରସଙ୍ଗ ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ବେଳେ ଉପସ୍ଥାପିତ କରିପାରିବେ। ସରକାରଙ୍କର ଏଥିରେ କୌଣସି ଆପତ୍ତି ନାହିଁ।

**ସ୍ୱତନ୍ତ୍ର ଆଲୋଚନା ପାଇଁ ସରକାର ମନାକଲେ**

ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଲେ ଯେ ମନରେଗା ବଦଳରେ ସରକାର ଯେଉଁ ନୂଆ ଆଇନ ଜି-ରାମ-ଜି ଆଣିଛନ୍ତି, ତାହାକୁ ପ୍ରତ୍ୟାହାର କରାଯିବାର ପ୍ରଶ୍ନ ଉଠୁନାହିଁ। ପୁଣି ଏସଆଇଆର ଉପରେ ସଂସଦର ଗତ ଅଧିବେଶନରେ ଆଲୋଚନା ହୋଇଥିବାରୁ ଏଥର ଆଲୋଚନା କରାଯିବାର କୌଣସି ଆବଶ୍ୟକତା ▸ପୃଷ୍ଠା-୭

# ସାରା ଦେଶରେ ୟୁଜିସି ନିଆଁ

## ନୂଆ ନିୟମକୁ ବିରୋଧ କରି ବିଭିନ୍ନ ସ୍ଥାନରେ ବିକ୍ଷୋଭ

■ ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି): ସାରା ଦେଶରେ ସାଧାରଣ ବର୍ଗର ଛାତ୍ରଛାତ୍ରୀ ଏବଂ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନୂଆ ନିୟମକୁ ବିରୋଧ କରି ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀସ୍ଥିତ ୟୁଜିସି ମୁଖ୍ୟାଳୟ ବାହାରେ ସୁରକ୍ଷା ବୃଦ୍ଧି କରାଯାଇଛି। ବିକ୍ଷୋଭକାରୀଙ୍କୁ କ୍ୟାମ୍ପସ ଭିତରକୁ ନ ଛାଡ଼ିବା ପାଇଁ ବ୍ୟାରିକେଡ ଲଗାଯାଇଛି। ଉତ୍ତର ପ୍ରଦେଶର ଲକ୍ଷ୍ନୌ, ରାଏବରେଲି, ବାରାଣସୀ, ମିରଟ, ପ୍ରୟାଗରାଜ ଓ ସୀତାପୁରରେ ଛାତ୍ରଛାତ୍ରୀ, ଯୁବକ ଓ ବିଭିନ୍ନ ସଂଗଠନ ବିଭିନ୍ନ ସ୍ଥାନରେ ବିକ୍ଷୋଭରେ ସାମିଲ ହୋଇଛନ୍ତି।




**ସୁପ୍ରିମକୋର୍ଟରେ ପହଞ୍ଚିଲା ମାମଲା**

**କୌଣସି ଭେଦଭାବ ହେବ ନାହିଁ: ସରକାର**

ନୂଆ ନିୟମ ଯୋଗୁଁ ସାଧାରଣ ବର୍ଗର ଛାତ୍ରଛାତ୍ରୀ ସର୍ବାଧିକ କ୍ଷତିଗ୍ରସ୍ତ ହେବେ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ନିୟମର ଅପବ୍ୟବହାରର ଅଧିକ ସମ୍ଭାବନା ରହିଥିବାରୁ ସେମାନଙ୍କ ପାଇଁ ଜୀବନ କଷ୍ଟକର ହୋଇପଡ଼ିବ। ତେବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସଫେଇ ଦେବାକୁ ଯାଇ କହିଛନ୍ତି ଯେ କାହା ସହ ଅତ୍ୟାଚାର କିମ୍ବା ଭେଦଭାବ ମଧ୍ୟ ହେବ ନାହିଁ। ଏହି ଆଇନର ଅପବ୍ୟବହାର କରିପାରିବା ଲାଗି କାହାରିକୁ ଅଧିକାର ଦିଆଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ସୂଚନା ଅନୁଯାୟୀ, ଜାନୁଆରି ୧୩ରେ ୟୁଜିସି ନୂଆ ନିୟମର ବିଜ୍ଞପ୍ତି ଜାରି କରିଥିଲା। ଏହାର ନାମ 'ଉଚ୍ଚ ଶିକ୍ଷା ପ୍ରତିଷ୍ଠାନରେ ସମାନତା ପ୍ରୋତ୍ସାହନ ନିୟମାବଳୀ, ୨୦୨୬' ରହିଛି। ଏହା ଅଧୀନରେ କଲେଜ ଓ ବିଶ୍ୱବିଦ୍ୟାଳୟରେ ଜାତିଭିତ୍ତିକ ଭେଦଭାବକୁ ରୋକିବା ପାଇଁ ସ୍ୱତନ୍ତ୍ର କମିଟି, ହେଲ୍‌ପଲାଇନ ନମ୍ବର ଓ ମନିଟରିଂ ଟିମ୍ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଟିମ୍ ଏସ୍‌ସି, ଏସ୍‌ଟି ଓ ଓବିସି ଛାତ୍ରଛାତ୍ରୀଙ୍କ ▸ପୃଷ୍ଠା-୭

## ପ୍ରଦୂଷଣ ପ୍ରମାଣପତ୍ର ମାମଲା

# ରାଜ୍ୟ ସରକାରଙ୍କୁ ଅଦାଲତୀ ଝଟ୍‌କା

■ କଟକ, ୨୭ ।୧ (ସମିସ): ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) ନଥିଲେ ପେଟ୍ରୋଲ କଟକଣା ଓ ବକେୟା ଚାଲାଣ ପଇଠ ନକଲେ ପ୍ରମାଣପତ୍ର ଦିଆନଯିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଲାଗିଛି ଅଦାଲତୀ ଝଟ୍‌କା। ପ୍ରଦୂଷଣ ପ୍ରମାଣପତ୍ର ପାଇଁ ଗାଡ଼ି ମାଲିକଙ୍କୁ ବକେୟା ଚାଲାଣ ଭରିବାକୁ ପଡ଼ିବ ବୋଲି ପରିବହନ ବିଭାଗ କରିଥିବା ଯୁକ୍ତିକୁ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି। ପ୍ରଦୂଷଣ ପ୍ରମାଣପତ୍ର ପାଇଁ ବକେୟା ଚାଲାଣ ଭରିବା ପାଇଁ ଗାଡ଼ି ମାଲିକଙ୍କୁ ବାଧ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଏନେଇ ରହିଥିବା ଦ୍ୱନ୍ଦ୍ୱକୁ 'ବାହନ' ପୋର୍ଟାଲରେ ସଂଶୋଧନ କରିବା ପାଇଁ ଆଜି ରାଜ୍ୟ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସ୍ନିଗ୍ଧା ପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ସରକାର ଓ ପରିବହନ କମିସନର ପରବର୍ତ୍ତୀ ଶୁଣାଣି ସୁଦ୍ଧା ଜବାବ ଦାଖଲ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବ୍ରୁଆରୀ ୩କୁ ଧାର୍ଯ୍ୟ କରାଯାଇଛି।



**ଚାଲାଣ ପଇଠ ସମ୍ପର୍କରେ ପୋର୍ଟାଲରେ ସଂଶୋଧନ କରିବାକୁ ନିର୍ଦ୍ଦେଶ**

**ପେଟ୍ରୋଲ କଟକଣା ସମ୍ପର୍କିତ ନିଷ୍ପତ୍ତି ପ୍ରତ୍ୟାହାର ହୋଇଥିବା ଜଣାଇଲେ ସରକାର**

ସେହିଭଳି ପିୟୁସିସି ନ ଥିଲେ ପେଟ୍ରୋଲ ପାଇଁ ମନା କରାଯିବ ନାହିଁ। ପୂର୍ବରୁ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ପେଟ୍ରୋଲ ମନା ସମ୍ପର୍କିତ ପରିବହନ ବିଭାଗର ବିବାଦୀୟ ନିଷ୍ପତ୍ତି ପ୍ରତ୍ୟାହାର କରାଯାଇଛି ବୋଲି ଆଜି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଏ ସଂକ୍ରାନ୍ତରେ ସମସ୍ତ ତୈଳ ବିତରକ କମ୍ପାନୀମାନଙ୍କୁ ସାନି ଚିଠି ଜାରି କରାଯାଇଛି। ତେବେ ସେମାନେ ଗାଡ଼ି ଚାଳକଙ୍କୁ ସଚେତନ କରିବେ ବୋଲି ଉକ୍ତ ଚିଠିରେ କୁହାଯାଇଛି।

ମାମଲାରୁ ପ୍ରକାଶ ଯେ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇ ବୈଧ ପିୟୁସି ପ୍ରମାଣପତ୍ର ନଥିଲେ ପେଟ୍ରୋଲ ନ ଦେବା ପାଇଁ ତୈଳ କମ୍ପାନୀଗୁଡ଼ିକୁ ଚିଠି କରାଯାଇଥିଲା। ପରିବହନ ବିଭାଗର ଗତ ୨୦୨୫ ଡିସେମ୍ବର ୨୦ର ଏଭଳି ବିଜ୍ଞପ୍ତି ବେଆଇନ ତଥା ସମ୍ବିଧାନ ବିରୋଧୀ ଏବଂ ଏହାକୁ ▸ପୃଷ୍ଠା-୭

## ଦେବଗଡ଼ରେ ଶିଶୁକନ୍ୟାକୁ ଦୁଷ୍କର୍ମ

# "ଲୋକେ ଆତଙ୍କିତ, ବିଚଳିତ"



■ ଭୁବନେଶ୍ୱର, ୨୭।୧ (ସମିସ): ଦେବଗଡ଼ରେ ଜନୈକ ଶିଶୁକନ୍ୟା ଦୁଷ୍କର୍ମର ଶିକାର ହେବାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଦେଶ ୭୭ତମ ଗଣତନ୍ତ୍ର ଦିବସ ପାଳନ କରୁଥିବାବେଳେ ଦେବଗଡ଼ରେ ୫ ବର୍ଷର ଶିଶୁକନ୍ୟା ଦୁଷ୍କର୍ମର ଶିକାର ହେବା ଅତ୍ୟନ୍ତ ଦୁଃଖଦ ଓ ସ୍ପର୍ଶକାତର ବିଷୟ ବୋଲି ସେ କହିଛନ୍ତି।

**ଅତ୍ୟନ୍ତ ଦୁଃଖଦ ଓ ସ୍ପର୍ଶକାତର ବିଷୟ**

**କଠୋର କାର୍ଯ୍ୟାନୁଷ୍ଠାନ ଦାବି**

ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରି ନବୀନ କହିଛନ୍ତି, ପ୍ରତିଦିନ ରାଜ୍ୟରେ ବଢ଼ୁଥିବା ଦୁଷ୍କର୍ମ ପରି ବୀଭତ୍ସ ଘଟଣା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସାଧାରଣ ଜନତାଙ୍କୁ ଆତଙ୍କିତ ଏବଂ ବିଚଳିତ କରୁଛି। ସାଧାରଣତନ୍ତ୍ର ଦିବସରେ ସମୃଦ୍ଧ, ବିକଶିତ ଓଡ଼ିଶା ଗଠନ ନେଇ ସରକାର ବଡ଼ ଭାଷଣ ଦେଉଛନ୍ତି। ହେଲେ ଆମ ଶିଶୁକନ୍ୟା, ମା'ଭଉଣୀଙ୍କ ସୁରକ୍ଷା ବିନା କ'ଣ ବିକଶିତ ଓଡ଼ିଶା ସମ୍ଭବ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ଗଣତନ୍ତ୍ରରେ ସାଧାରଣ ଜନତାଙ୍କ ସୁରକ୍ଷା ହେଉଛି ସର୍ବୋପରି। ସରକାରଙ୍କ ନିଦ ଏବେ ନ ଭାଙ୍ଗିଲେ ସ୍ଥିତି ଆହୁରି ବିପର୍ଯ୍ୟସ୍ତ ହେବ। ଦୁଷ୍କର୍ମ ପରି ହୀନ କାର୍ଯ୍ୟକୁ ରୋକିବା ଦିଗରେ ସରକାର ଦୃଢ଼ ହୁଅନ୍ତୁ। ସଚେତନତାକୁ ବ୍ୟାପକ କରାଯିବା ସହ ଦୋଷୀଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ନବୀନ ଦାବି କରିଛନ୍ତି।

## ମଦ ବିରୋଧ ନାଁରେ କଙ୍ଗାରୁ କୋର୍ଟ

# ଯୁବତୀଙ୍କ ବେକରେ ଜୋତାମାଳ ପକାଇ ବୁଲାଇଲେ

■ ଭଦ୍ରକ, ୨୭।୧ (ସମିସ): ମଦକୁ ବିରୋଧ ଆଳରେ କଙ୍ଗାରୁ କୋର୍ଟରେ ଯୁବତୀଙ୍କୁ ନିର୍ଯାତନା। ଗାଁରେ ଚୋରା ମଦ ବିକ୍ରି ଅଭିଯୋଗରେ ଗାଁ ଦାଣ୍ଡରେ ସର୍ବସମ୍ମୁଖରେ ଯୁବତୀଙ୍କ ନିସ୍ତୁକ ମାଡ଼ ମାରିବା ସହ ବେକରେ ଜୋତାମାଳ ପକାଇ ବୁଲାଇଲେ। ବିଚ୍ ରାସ୍ତାରେ ଝିଅକୁ ଏମିତି ଅପମାନ, ବାପା ଦେହରେ ଗଲାନି। ଲଜ୍ଜା, ଅପମାନ ଯୋଗୁଁ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଜୀବନ ହାରିଦେଲେ ବୃଦ୍ଧ ବାପା। ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଚଡ଼ଦିଆ ପଞ୍ଚାୟତରେ ଏଭଳି ସ୍ପର୍ଶକାତର ଘଟଣା ଜିଲ୍ଲାବ୍ୟାପୀ ତୀବ୍ର

**ବିଷ ପିଇ ଜୀବନ ହାରିଲେ ବାପା**

ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ବାଂଶଡ଼ା ଥାନା ପୁଲିସ୍ ଏକ ମାମଲା ରୁଜୁ କରି ୧୦ ଜଣଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ମୃତ ବୃଦ୍ଧଜଣଙ୍କ ହେଲେ, ଚଡ଼ଦିଆ ପଞ୍ଚାୟତର ଲମ୍ବୋଦର ତରେଇ (୬୫)।

ସୂଚନାନୁଯାୟୀ, ଲମ୍ବୋଦରଙ୍କ ଝିଅ ଲକ୍ଷ୍ମୀପ୍ରିୟା ତରେଇ ଗାଁରେ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗ କରି ପଞ୍ଚାୟତର ମହିଳା ମହାସଂଘ ଓ କିଛି ଯୁବକ ଆଇନକୁ ହାତକୁ ନେଇଥିଲେ। ସେମାନେ ▸ପୃଷ୍ଠା-୭

## ନାମକୁ ମାତ୍ର 'ସ୍ୱୟଂଶାସିତ'

# ମାନ୍ୟତା ହରାଇଲେଣି ୨୯ରୁ ୨୭

■ ଭୁବନେଶ୍ୱର, ୨୭ ।୧ (ସମିସ): ସ୍ୱୟଂଶାସିତ କଲେଜ ଦାବି କରୁଥିବା ରାଜ୍ୟର ଦୁଇ ଡ଼ଜନରୁ ଊର୍ଦ୍ଧ୍ୱ କଲେଜ ମାନ୍ୟତା ହରାଇ ସାରିଲେଣି। ତଥାପି ନିଜକୁ ସ୍ୱୟଂଶାସିତ ବୋଲି ଏହି କଲେଜଗୁଡ଼ିକ ଦାବି କରୁଛନ୍ତି। ବିଡ଼ମ୍ବନା ହେଉଛି କେବଳ ୨ଟି କଲେଜକୁ ଛାଡ଼ି ୨୯ରୁ ୨୭ଟି କଲେଜ ଏବେ କେବଳ ସ୍ୱଘୋଷିତ 'ସ୍ୱୟଂଶାସିତ' ହୋଇ ରହିଛନ୍ତି। ବୈଧ ମାନ୍ୟତା ପ୍ରମାଣପତ୍ର ଅବଧି ଶେଷ ହୋଇ ଯାଇଥିବାରୁ ବସ୍ତୁତଃ ଏହି କଲେଜଗୁଡ଼ିକୁ ସ୍ୱୟଂଶାସିତ କୁହାଯାଇ ପାରିବ ନାହିଁ। ଯାହାକୁ ନେଇ ଛାତ୍ର ଓ ଅଭିଭାବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। କିଛି ଶିକ୍ଷାବିତ୍ ଏହି ଭୟଙ୍କର ଶୈକ୍ଷିକ ଠକେଇ ବିରୋଧରେ ଅଦାଲତ ଯିବାକୁ ସଜବାଜ ହୋଇଛନ୍ତି।

ସୂଚନା ଅନୁସାରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ମୋଟ୍ ୨୯ ସ୍ୱୟଂଶାସିତ ରହିଛି। ତନ୍ମଧ୍ୟରୁ ୨୭ ଟି ଅର୍ଥାତ ୯୩%

**ଛଅ ପ୍ରମୁଖ ବିଶ୍ୱବିଦ୍ୟାଳୟ ଓ ବିଜେବି କଲେଜର ନାହିଁ ସ୍ୱୟଂଶାସିତ ମାନ୍ୟତା**

**ପରୀକ୍ଷା ଓ ପରିଚାଳନାର ବୈଧତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ**

**ଅଧ୍ୟକ୍ଷ ଓ ପରୀକ୍ଷା ନିୟନ୍ତ୍ରକଙ୍କୁ ନେଇ ଉଚ୍ଚଶିକ୍ଷା ବିଭାଗର ଜରୁରୀ ବୈଠକ୍**

ମହାବିଦ୍ୟାଳୟର ମାନ୍ୟତା ସରି ଯାଇଛି। ଏପରିକି ସବୁଠୁ ପ୍ରତିଷ୍ଠିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) କଲେଜ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଦକ୍ଷିଣ ଓଡ଼ିଶା ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମୋଟ୍ ୨୭ ଟି କଲେଜର ମାନ୍ୟତା ଅବଧି ଶେଷ ହୋଇଥିବା ଜଣାପଡ଼ିଛି।

ସ୍ୱୟଂଶାସିତ ମାନ୍ୟତା ସରିଯାଇଥିବା ରାଜ୍ୟର ୩୬ଟି ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାନୁଷ୍ଠାନର ତାଲିକା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଜାରି କରିବା ପରେ ଉଚ୍ଚଶିକ୍ଷା ବିଭାଗର ଚେତା ପଶିଛି। ୨୯ଟି ସ୍ୱୟଂଶାସିତ ମହାବିଦ୍ୟାଳୟ ମଧ୍ୟରୁ ୨୭ ଟିର ମାନ୍ୟତା ନବୀକରଣ କରିବାକୁ ବିଭାଗ ଜରୁରୀ ବୈଠକ ମଧ୍ୟ ଡ଼ାକିଛନ୍ତି। କିଛି ମହାବିଦ୍ୟାଳୟ ମାନ୍ୟତା ନବୀକରଣ ପାଇଁ ଆବେଦନ କରିଥିବାବେଳେ ଅନେକ ଦୀର୍ଘ ବର୍ଷ ଧରି ଆବେଦନ କରୁ ନାହାନ୍ତି। ମାନ୍ୟତା ନ ଥିବା ସତ୍ତ୍ୱେ ସ୍ୱୟଂଶାସିତ ଭାବେ ପରୀକ୍ଷା ପରିଚାଳନା କରୁଥିବାରୁ ଏହି ପରୀକ୍ଷାର ବୈଧତା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୟୁଜିସି କିଛି କଠୋର ନିଷ୍ପତ୍ତି ନେଲେ ରାଜ୍ୟର ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରତି କଳା ବାଦଲ ଛାଇଯିବାର ▸ପୃଷ୍ଠା-୭


SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ଆମେରିକାରେ ତୁଷାର ଝଡ଼: ୩୦ ମୃତ

ୱାସିଂଟନ, ୨୭।୧ (ଏଜେନ୍ସି): ତୁଷାର ଝଡ଼ ଆମେରିକାକୁ ବରଫ ଚାଦରରେ ଢାଙ୍କି ଦେଇଛି। ଶୁଳ୍କ ଲଗାଇ ଅନ୍ୟ ଦେଶ ଉପରେ ଦାଉ ସାଧିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଏହି ପ୍ରାକୃତିକ ବିପର୍ଯ୍ୟୟରୁ ଜନସାଧାରଣଙ୍କୁ ସୁରକ୍ଷା ଦେଇପାରୁ ନାହାନ୍ତି। ଏହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଭୀଷଣ ଶୀତ ଏବଂ ତୁଷାର ଝଡ଼ରେ ୩୦ ଜଣଙ୍କ ଜୀବନ ଗଲାଣି। ସ୍ଥିତି ଏପରେ ହୋଇଛି ଯେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ପ୍ରାୟ ୨୧ କୋଟି ଲୋକ ତଥା ଦୁଇ ତୃତୀୟାଂଶ ଆମେରିକୀୟ ରବିବାରଠାରୁ ଆରମ୍ଭ ହୋଇଥିବା ଏହି ଝଡ଼ରେ ପ୍ରଭାବିତ ହୋଇଛନ୍ତି। ଏହାକୁ ଦେଖି ରାଷ୍ଟ୍ରପତି ୨୦ ରାଜ୍ୟ ଏବଂ ରାଜଧାନୀ ୱାଶିଂଟନ ଡିସିରେ

**■ ଅନ୍ଧାରରେ ୭ ଲକ୍ଷ ଘର**
**■ ୮ ହଜାର ବିମାନ ବାତିଲ**

ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ଅଧିକାଂସ ରାଜ୍ୟର ତାପମାତ୍ରା ବିଯୁକ୍ତ ୪୫ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ଜାତୀୟ ପାଣିପାଗ ସେବା (ଏନଡବ୍ଲ୍ୟୁଏସ) ସୂଚନା ଅନୁଯାୟୀ, ଏହି ଝଡ଼ ପ୍ରାୟ ୩,୨୨୦ କିମି ଅଞ୍ଚଳରେ ବ୍ୟାପିଛି। ଦୁଇ-ତୃତୀୟାଂଶ ଆମେରିକୀୟ ଏହି ଝଡ଼ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ବିମାନ ଚଳାଚଳ ବ୍ୟାହତ ହୋଇଛି। ପ୍ରମୁଖ ବିମାନ ବନ୍ଦରଗୁଡ଼ିକରେ ଅନେକ ବିମାନକୁ ବାତିଲ କରିବାକୁ ପଡ଼ିଛି। ଏହି ସପ୍ତାହ ଶେଷରେ ଆଉ ଏକ ଆର୍କଟିକ୍ ବିସ୍ଫୋରଣ ଘଟିବାକୁ ଯାଉଥିବାରୁ ନୂଆ ଶୀତଝଡ଼ରେ ବିମାନଶିଳ୍ପ ଅଧିକ ବ୍ୟାହତ ହେବାର ସମ୍ଭାବନା ରହିଛି। ଏବେ ଦେଶର ଅନେକ ଅଞ୍ଚଳରେ ୧୨ ରୁ ୨୦ ଇଞ୍ଚର ବରଫ ଗଦା ହୋଇ ରହିଛି। ରାଜପଥ ବନ୍ଦ ହୋଇଯାଇଛି। ବିମାନ ବାତିଲ କରାଯାଇଥିବାବେଳେ ସ୍କୁଲ ଛୁଟି କରିଦିଆଯାଇଛି।ସୋମବାର ସନ୍ଧ୍ୟା ସୁଦ୍ଧା ପ୍ରାୟ ୭୦୦,୦୦୦ ଘର ବିନା ବିଦ୍ୟୁତ୍ ରହିଛି। ସୋମବାର ସାରା ଦେଶରେ ୮,୦୦୦ ରୁ ଅଧିକ ବିମାନ ବାତିଲ କରାଯାଇଥିଲା। ଶୁକ୍ରବାରଠାରୁ ୩୧,୦୦୦ ରୁ ଅଧିକ ବିମାନ ବାଧାପ୍ରାପ୍ତ ହୋଇଛି।



ରବିବାର ୧୦,୮୦୦ ରୁ ଅଧିକ ବିମାନ ବାତିଲ କରାଯାଇଥିଲା। ବିମାନ ବାତିଲ ଏବଂ ବିଳମ୍ବ ସମସ୍ୟା ଅନେକ ଦିନ ପର୍ଯ୍ୟନ୍ତ ଲାଗି ରହିପାରେ ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ମାସାଚୁସେଟ୍ସ ଏବଂ ଓହିଓରେ ରାସ୍ତାରୁ ବରଫ ହଟାଉଥିବା ଗାଡ଼ି ଚଢ଼ିଯିବାରୁ ଦୁଇଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ଆର୍କାନସାସ୍ ଓ ଟେକ୍ସାସରେ ସ୍ଲେଡିଂ ଦୁର୍ଘଟଣା ଘଟିଛି। ପୁଲିସ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ନ୍ୟୁୟର୍କ ସହରରେ ତୁଷାର ଝଡ଼ ଆଠ ଜଣଙ୍କ ଜୀବନ ନେଇଛି। ଝଡ଼ ପ୍ରଭାବରେ ଗଛର ଡାଳ ଭାଙ୍ଗିଥିବା ବିଦ୍ୟୁତ ତାର ଛିଡ଼ି ଯାଇଛଇ ବିଦ୍ୟୁତ୍ ପୁନରୁଦ୍ଧାର ପାଇଁ କିଛି ଦିନ ଲାଗିପାରେ ବୋଲି ଅଧିକାରୀମାନେ ଚେତାବନୀ ଦେଇଛନ୍ତି। ତୁଷାର ଝଡ଼ରେ ଟେନେସି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ରବିବାର ଅପରାହ୍ନ ସୁଦ୍ଧା ପ୍ରାୟ ୩,୩୭,୦୦୦ ଘର ଏବଂ ବ୍ୟବସାୟ ବିଦ୍ୟୁତ୍ ବିନା ରହିଛି।

## ମହାକାଳେଶ୍ୱର ମନ୍ଦିରରେ ଭିଆଇପି ବ୍ୟବସ୍ଥାକୁ ବଜାୟ ରଖିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି): ବାବା ମହାକାଳଙ୍କ ମନ୍ଦିରରେ ଥିବା ଭିଆଇପି ଦର୍ଶନ ପ୍ରଥାକୁ ସୁପ୍ରିମ୍‌କୋର୍ଟ କାଏମ ରଖିଛନ୍ତି। ଏହା ବିରୋଧରେ ଦାଏର ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ମଧ୍ୟପ୍ରଦେଶ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ଏହି ଆବେଦନ କରାଯାଇଥିଲା। ଏହା କୋର୍ଟଙ୍କ କାର୍ଯ୍ୟ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ମହାକାଳେଶ୍ୱରର ମନ୍ଦିରର ଗର୍ଭଗୃହରେ ସାଧାରଣ ଓ ଭିଆଇପି ଭକ୍ତଙ୍କ ମଧ୍ୟରେ ଭେଦଭାବ ନ କରି ଦର୍ଶନ ପାଇଁ ସମସ୍ତ ଭକ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରିବାକୁ ଆବେଦନକାରୀ ଦର୍ପଣ ଅବସ୍ଥିଙ୍କ ଦାବି କରିଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଆର୍ ମହାଦେବନ୍ ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଥିଲେ ଯେ ଯେଉଁମାନେ ଏଭଳି ଆବେଦନ ଦାଖଲ କରନ୍ତି ସେମାନେ ପ୍ରକୃତ ଭକ୍ତ ନୁହନ୍ତି। କୋର୍ଟ ଏଭଳି ପ୍ରସଙ୍ଗରେ ନିର୍ଦ୍ଦେଶାବଳୀ କିମ୍ବା ନୀତି ସ୍ଥିର କରିବା ଅନୁଚିତ। ଆବେଦନକାରୀଙ୍କ ଓକିଲ ବିଷ୍ଣୁ ଜୈନଙ୍କ ଯୁକ୍ତି ଶୁଣିବା ପରେ କୋର୍ଟ ଏହି ଆବେଦନକୁ ଖାରଜ କରିଦେଇଥିଲେ। ଆବେଦନକାରୀଙ୍କୁ ସରକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବାକୁ କୋର୍ଟ ଅନୁମତି ଦେଇଥିଲେ। ଶୁଣାଣି ସମୟରେ ଜୈନ କହିଥିଲେ ଯେ ଗର୍ଭଗୃହରେ କାହାକୁ ପ୍ରବେଶ ପାଇଁ ସମାନ ନୀତି ରହିବା ଉଚିତ। ମହାକାଳକୁ ଆସୁଥିବା ପ୍ରତ୍ୟେକ 'ଭିଆଇପି' ଓ ସାଧାରଣ ବ୍ୟକ୍ତିଙ୍କର ଗର୍ଭଗୃହରେ ପ୍ରବେଶ କରିବା ଓ ଦେବତାଙ୍କୁ ଜଳଲାଗି କରିବାର ଅଧିକାର ରହିବା ଉଚିତ। ତେବେ ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଜୈନଙ୍କ ଯୁକ୍ତିରେ ସନ୍ତୁଷ୍ଟ ହୋଇ ନ ଥିଲେ।

## ଦୁଃସ୍ୱପ୍ନ ପାଲଟିଲା ମନାଲି



**ଗାଡ଼ି ଭିତରେ ୨୪ ଘଣ୍ଟା ହେଲା ଫସି ରହିଛନ୍ତି ପର୍ଯ୍ୟଟକ**

ମନାଲି, ୨୭।୧ (ଏଜେନ୍ସି): ବରଫ ଆଚ୍ଛାଦିତ ଧଳା ପାହାଡ଼ ଦେଖିବାକୁ ବହୁ ଆଶା ନେଇ ଯାଇଥିବା ଯାତ୍ରୀଙ୍କ ପାଇଁ ହିମାଚଳ ପ୍ରଦେଶର ମନଲା ଦୁଃସ୍ୱପ୍ନ ପାଲଟି ଯାଇଛି। ପର୍ଯ୍ୟଟକଙ୍କ ସହିତ ଗାଡ଼ି ମୋଟର ସଂଖ୍ୟା ବଢ଼ୁଥିବାରୁ ମନାଲିରେ ପ୍ରବେଶ କରିବା କଷ୍ଟସାଧ ହୋଇଯାଇଛି। ସଦ୍ୟ ତୁଷାରପାତ ମଧ୍ୟରେ ହିମାଚଳ ହିମ ଆଚ୍ଛାଦିତ ହୋଇଥିବାବେଳେ ପର୍ଯ୍ୟଟକ ୨୪ ଘଣ୍ଟା ହେଲା ରାସ୍ତାରେ ଫସି ରହିଛନ୍ତି। ସେମାନେ ନା ଆଗକୁ ଯାଇ ପାରୁଛନ୍ତି ନା ପଛକୁ। ଦିଲ୍ଲୀ, ଗୁରୁଗ୍ରାମ, ଚଣ୍ଡିଗଡ଼ରୁ ଯାଇଥିବା ଅନେକ ଲୋକ ଗାଡ଼ି ଭିତରେ ଫସି ରହି ଟ୍ରାଫିକ ଫାଙ୍କା ହେବାକୁ ଅପେକ୍ଷା କରିଛନ୍ତି। ଜାତୀୟ ରାଜପଥ ଜାମ ଥିବାବେଳେ ହୋଟେଲଗୁଡ଼ିକ ବି ଫାଙ୍କା ନାହିଁ। ପ୍ରବଳ ତୁଷାରପାତ ମନାଲୀର ଜୀବନଯାତ୍ରାକୁ ଠପ୍ କରିଦେଇଛି। ଫଳରେ ଶହ ଶହ ପର୍ଯ୍ୟଟକ ଭୀଷଣ ଶୀତରେ ଥରୁଛନ୍ତି। ରାସ୍ତାଗୁଡ଼ିକରେ ଦୁଇ ଫୁଟ ଉଚ୍ଚର ବରଫ ଜମି ରହିଛି। ଏଥିପାଇଁ ବୁଲାଣି ପାର୍ କରିବାରେ ସମସ୍ୟା ହେଉଛି। ଜାତୀୟ ରାଜପଥରେ ୮ ରୁ ୧୦ କିମି ପର୍ଯ୍ୟନ୍ତ ଜାମ ଲାଗିଛି। ସ୍ଥିତିକୁ ଦେଖି ପର୍ଯ୍ୟଟକ ଗାଡ଼ିରୁ ବାହାରି ବରଫରେ ଚାଲି ଚାଲି ଯାଉଥିବା ଦେଖାଯାଉଛି। ମୌଳିକ ସୁବିଧାର ଅଭାବ ସଙ୍କଟକୁ ଆହୁରି ଜଟିଳ କରିଦେଇଛି। ଜଣେ ପର୍ଯ୍ୟଟକ କହିଛନ୍ତି ଯେ ଶନିବାର ସନ୍ଧ୍ୟାରୁ ଆମେ ଏଠାରେ ଫସି ରହିଛୁ।

## ସଂଖ୍ୟା ନ ଲେଖିବାରୁ ଚାରି ବର୍ଷର ଝିଅକୁ ମାରିଦେଲା ବାପା

ଚଣ୍ଡିଗଡ଼, ୨୭।୧ (ଏଜେନ୍ସି): ହରିୟାଣା ଫରିଦାବାଦରୁ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ପାଠ ଲେଖି ପାରିଲାନି ବୋଲି ଚାରି ବର୍ଷର ଶିଶୁକନ୍ୟାକୁ ବାପା ପିଟିପିଟି ହତ୍ୟା କରିଛି। ଏହି ଶିଶୁକନ୍ୟ ୧ରୁ ୫୦ ପର୍ଯ୍ୟନ୍ତ ସଂଖ୍ୟା ଲେଖିବାରେ ବିଫଳ ହୋଇଥିଲା। ଫଳରେ ବାପା ରାଗିଯାଇ ତାକୁ ବେଲଣା ବାଡ଼ିରେ ଆକ୍ରମଣ କରିଥିଲା। ସୂଚନା ମିଳିବା ପରେ ପୁଲିସ ଅଭିଯୁକ୍ତ ବାପାକୁ ଗିରଫ କରି ତଦନ୍ତ ଆରମ୍ଭ କରିଛି। ମୃତ ଶିଶୁକନ୍ୟାର ନାମ ବଂଶିକା ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ବାପା କୃଷ୍ଣ ଜୟସ୍ୱାଲ (୩୧) ଝିଅକୁ ଘରେ ପାଠ ପଢ଼ାଉଥିଲେ। ସଂଖ୍ୟା ଠିକ୍ ଭାବରେ ଲେଖି ନପାରିବାରୁ କୃଷ୍ଣ ଉତ୍ତ୍ୟକ୍ତ ହୋଇ ଶିଶୁର ମୁଣ୍ଡକୁ ବେଲେଣା ବାଡ଼ିରେ ମାଡ଼ ମାରିଥିଲେ। ଏଥିରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ ଡାକ୍ତରଖାନାକୁ ନିଆ ଯାଇଥିଲା। ମାତ୍ର ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ପରେ ଦୋଷ ଲୁଚାଇବା ପାଇଁ ଅଭିଯୁକ୍ତ କୃଷ୍ଣ ମିଛ କାହାଣୀ ରଚିଥିଲା। ଝିଅ ଖେଳୁଥିବା ସମୟରେ ସିଡ଼ିରୁ ଖସିପଡ଼ି ଆହତ ହୋଇଛି ବୋଲି ସେ ପତ୍ନୀ ରଞ୍ଜିତା ଏବଂ ଡାକ୍ତରଙ୍କୁ କହିଥିଲେ। ମାତ୍ର ୭ ବର୍ଷର ପୁଅ ମାଆଙ୍କୁ ସବୁ ସତ କହି ଦେଇଥିଲା।


## ଅଭିନେତା ବିଜୟଙ୍କୁ ଝଟ୍‌କା

ଚେନ୍ନଇ, ୨୭।୧ (ଏଜେନ୍ସି):ଦକ୍ଷିଣ ଭାରତୀୟ ସୁପରଷ୍ଟାର ବିଜୟ ଥଲପତିଙ୍କୁ ବଡ଼ ଝଟ୍‌କା ଲାଗିଛି। ତାଙ୍କର ଶେଷ ତଥା ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଜନ ନାୟଗନ'ର ମୁକ୍ତିଲାଭ ନେଇ ଏବେ ବି ସଂଶୟ ଜାରି ରହିଛି। ଏହି ଚଳଚ୍ଚିତ୍ରକୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଟ୍ (ସିବିଏଫ୍‌ସି)କୁ ଚଳଚ୍ଚିତ୍ରକୁ ୟୁଏ ସାର୍ଟିଫିକେଟ୍ ପ୍ରଦାନ ପାଇଁ ଏକକ ଖଣ୍ଡପୀଠ ଦେଇଥିବା ନିର୍ଦ୍ଦେଶକୁ ଆଜି ମାଡ୍ରାସ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ମୁଖ୍ୟ ବିଚାରପତି ମନୀନ୍ଦ୍ର ମୋହନ ଶ୍ରୀବାସ୍ତବ ଏବଂ ବିଚାରପତି ଜି. ଅରୁଲ ମୁରୁଗାନଙ୍କ ଡିଭିଜନ ବେଞ୍ଚ ମାମଲାକୁ ପୁଣି ଥରେ ଏକକ ବିଚାରପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ସେନ୍ସର ବୋର୍ଡକୁ ପକ୍ଷ ଉପସ୍ଥାପନ କରିବା ପାଇଁ ପୂର୍ଣ୍ଣ ସୁଯୋଗ ଦିଆଯିବା ଉଚିତ ଥିଲା ବୋଲି ଖଣ୍ଡପୀଠ କହିଛନ୍ତି।

## ସରକାର-ଶଙ୍କରାଚାର୍ଯ୍ୟଙ୍କ ବିବାଦ ବଢୁଛି

ପ୍ରୟାଗରାଜ, ୨୭।୧ (ଏଜେନ୍ସି): ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ଏବଂ ମାଘ ମେଳା ପ୍ରଶାସନ ମଧ୍ୟରେ ଚାଲିଥିବା ବିବାଦ ସରକାରଙ୍କ ପାଇଁ ସମସ୍ୟା ପାଲଟି ଯାଇଛି। ଏହାକୁ ନେଇ ସରକାରରେ ଫାଟ ସୃଷ୍ଟି ହୋଇଛି। ଗୋଟିଏ ଗୋଷ୍ଠୀ ଶଙ୍କରାଚାର୍ଯ୍ୟଙ୍କ ସମର୍ଥନରେ ବାହାରିଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ପ୍ରଶାସନକୁ ସମର୍ଥନ କରୁଛି। ଏହାକୁ ନେଇ ଅଡୁଆ ଖିଅ ବଢ଼ିବାରେ ଲାଗିଛି। ଶଙ୍କରାଚାର୍ଯ୍ୟଙ୍କ ସମର୍ଥନରେ ଜଣେ ସରକାରୀ ଅଧିକାରୀ

**■ ପ୍ରମାଣ ମାଗି ପ୍ରଶାସନ ମର୍ଯ୍ୟାଦା ଭାଙ୍ଗିଛି: ଉମା ଭାରତୀ**
**■ ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ଏହା କହିଦିଅନ୍ତୁ: ଶଙ୍କରାଚାର୍ଯ୍ୟ**
**■ ଅବିମୁକ୍ତେଶ୍ୱରାନନ୍ଦଙ୍କ ସମର୍ଥନରେ ଫଳାହାରୀ ବାବା**
**■ ରକ୍ତରେ ଲେଖିଲେ ଚିଠି**
**■ ମୁଖ୍ୟମନ୍ତ୍ରୀଙ୍କ ସମର୍ଥନରେ ଅଧିକାରୀଙ୍କ ଇସ୍ତଫା**



ଇସ୍ତଫା ଦେଇଥିବାବେଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମର୍ଥନ କରି ଅନ୍ୟ ଜଣେ ଅଧିକାରୀ ପଦ ଛାଡ଼ିଛନ୍ତି। ଏହି ବିବାଦର ଫାଇଦା ଉଠାଇ ଶଙ୍କରାଚାର୍ଯ୍ୟଙ୍କ ମୁହଁରେ ନିଜର ପ୍ରଶଂସା ଶୁଣି ଉପ-ମୁଖ୍ୟମନ୍ତ୍ରୀ କେଶବ ମୌର୍ଯ୍ୟ ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖୁଛନ୍ତି। ମାତ୍ର ଯୋଗୀଙ୍କ ପ୍ରଶାସନ ନିଇଁବାକୁ ନା ଧରୁନାହାନ୍ତି। ଏବେ ବିଜେପିର ଫାୟାର ବ୍ରାଣ୍ଡ ନେତ୍ରୀ ଉମା ଭାରତୀ ଶଙ୍କରାଚାର୍ଯ୍ୟଙ୍କ ସମର୍ଥନରେ ବାହାରିଛନ୍ତି। ସେ କହିଛନ୍ତି ଯେ ଶଙ୍କରାଚାର୍ଯ୍ୟଙ୍କୁ ପ୍ରମାଣମାଗି ପ୍ରଶାସନ ମର୍ଯ୍ୟାଦା ଭାଙ୍ଗିଛି। ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ମଧ୍ୟ ଏହାର ଜବାବ ଦେଇଛନ୍ତି। ଏହି କଥା ଯୋଗୀଙ୍କୁ ଜଣାଇଦେବାକୁ ଉମାଙ୍କୁ କହିଛନ୍ତି।

ଏହା ମଧ୍ୟରେ ଶ୍ରୀକୃଷ୍ଣ ଜନ୍ମଭୂମି ମନ୍ଦିର ମାମଲାର ମୁଖ୍ୟ ଆବେଦନକାରୀ ଦିନେଶ ଫଳାହାରୀ ବାବା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ରକ୍ତରେ ଚିଠି ଲେଖିଛନ୍ତି। ସେ ଦାବି କରିଛନ୍ତି ଯେ ଗଙ୍ଗାରେ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ସମ୍ମାନଜନକ ସ୍ନାନ ପାଇଁ ବ୍ୟବସ୍ଥା କରାଯାଉ। ଅଧିକାରୀମାନଙ୍କୁ କ୍ଷମା ମାଗିବାକୁ ନିର୍ଦ୍ଦେଶ ଦିଆଯାଉ। ସୂଚନା ଅନୁଯାୟୀ, ମାଘ ମେଳା ପ୍ରଶାସନ ଏବଂ ଶଙ୍କରାଚାର୍ଯ୍ୟଙ୍କ ମଧ୍ୟରେ ୧୦ ଦିନ ଧରି ଚାଲିଥିବା ବିବାଦ ଅମଲାତନ୍ତ୍ର ପର୍ଯ୍ୟନ୍ତ ପହଞ୍ଚିଛି। ଅଯୋଧ୍ୟାର ଜିଏସଟି ଡେପୁଟି କମିଶନର ପ୍ରଶାନ୍ତ କୁମାର ସିଂହ ଯୋଗୀଙ୍କ ସମର୍ଥନରେ ଇସ୍ତଫା ଦେଇଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଶଙ୍କରାଚାର୍ଯ୍ୟ ବ୍ୟବହାର କରିଥିବା ଅପମାନଜନକ ଭାଷାରେ ସେ ଆଘାତ ପାଇଛନ୍ତି। ଆଉ ଏହି ଅପମାନ ସେ ସହ୍ୟ କରିପାରିବେ ନାହିଁ। ଅନ୍ୟପଟେ ଅଯୋଧ୍ୟା କ୍ୟାଣ୍ଟନମେଣ୍ଟ ଧାମର ପରମହଂସ ମହାରାଜ କହିଛନ୍ତି ଯେ ଅବିମୁକ୍ତେଶ୍ୱରାନନ୍ଦ ଏବଂ ସତୁଆ ବାବା ମାଘ ମେଳାକୁ ବଦନାମ କରିଛନ୍ତି। ଉଭୟଙ୍କୁ ମାଘ ମେଳାରେ ପ୍ରବେଶ କରିବାରୁ ନିଷେଧ କରାଯିବା ଉଚିତ। ଶଙ୍କରାଚାର୍ଯ୍ୟଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆଇନ (ଏନଏସଏ) ଅନୁଯାୟୀ ମାମଲା ରୁଜୁ କରାଯିବା ଉଚିତ।

ଏହା ପୂର୍ବରୁ ବରେଲିର ସିଟି ମାଜିଷ୍ଟ୍ରେଟ୍ ଅଲଙ୍କାର ଅଗ୍ନିହୋତ୍ରୀ ଅବିମୁକ୍ତେଶ୍ୱରାନନ୍ଦଙ୍କ ସମର୍ଥନରେ ଇସ୍ତଫା ଦେଇଛନ୍ତି। ଆଜିର ଲଢ଼େଇ ହିନ୍ଦୁ ଏବଂ ମୁସଲମାନ କିମ୍ବା ବ୍ରିଟିଶ ଏବଂ ଭାରତୀୟଙ୍କ ମଧ୍ୟରେ ନୁହେଁ, ବରଂ ନକଲି ଏବଂ ପ୍ରକୃତ ହିନ୍ଦୁଙ୍କ ମଧ୍ୟରେ ବୋଲି ସେ କହିଛନ୍ତି। ଅନ୍ୟପଟେ ଦ୍ୱାରକା ଶାରଦା ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ କହିଛନ୍ତି ଯେ ଅବିମୁକ୍ତେଶ୍ୱରାନନ୍ଦଙ୍କ ସମର୍ଥନରେ ତିନି ଜଣ ଶଙ୍କରାଚାର୍ଯ୍ୟ ଅଛନ୍ତି। ତାଙ୍କ ପ୍ରମାଣପତ୍ର ଦାବି କରିବାକୁ ପ୍ରଶାସନ କିଏ? ଏହାର କୌଣସି ଅଧିକାର ନାହିଁ। ପ୍ରଶାସନ ନିରୀହ ବ୍ରାହ୍ମଣମାନଙ୍କୁ ଯେଉଁ ନିର୍ମମତା ସହିତ ଆକ୍ରମଣ କରିଛି ତାହା ଅତ୍ୟନ୍ତ ନିନ୍ଦନୀୟ।

## ଆମେରିକାକୁ ପରମାଣୁ ସୂଚନା ବିକିଥିଲେ ଚୀନ୍ ଜେନେରାଲ



ୱାସିଂଟନ, ୨୭।୧ (ଏଜେନ୍ସି): ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ହଟାଇବା ପାଇଁ ଷଡ଼ଯନ୍ତ୍ର କରିଥିବା ଚୀନ୍‌ର କେନ୍ଦ୍ରୀୟ ସାମରିକ କମିଶନ (ସିଏମସି)ର ଉପାଧ୍ୟକ୍ଷ ଝାଙ୍ଗ୍ ୟୁସିଆଙ୍କ ବିରୋଧରେ ତଦନ୍ତ ଆରମ୍ଭ ହୋଇଛି। ସେ ଚୀନ୍‌ର ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପର୍କିତ ଗୁପ୍ତ ସୂଚନା ଆମେରିକାକୁ ଲିକ୍ କରିଥିବା ଅଭିଯୋଗ ଲାଗିଛି। ଏହାକୁ ନେଇ ଗତ ୨୪ ତାରିଖରେ ଝାଙ୍ଗ୍‌ଙ୍କୁ ତାଙ୍କ ପଦରୁ ହଟାଇ ଦିଆଯାଇଥିଲା। ଚୀନ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ତାଙ୍କ ଉପରେ ଶୃଙ୍ଖଳା ଏବଂ ଆଇନର ଗମ୍ଭୀର ଉଲ୍ଲଂଘନ କରିଥିବା ଅଭିଯୋଗ ଲଗାଇଛି। ସିଏମସି ଭିତରେ ଏକ ଗୋଷ୍ଠୀ ଗଠନ କରିବା ଏବଂ ଦଳ ମଧ୍ୟରେ ବିଭାଜନ ସୃଷ୍ଟି କରିବାର ମଧ୍ୟ ଅଭିଯୋଗ ତାଙ୍କ ବିରୋଧରେ ଲାଗିଛି। ରିପୋର୍ଟ ଅନୁଯାୟୀ, ଚୀନ୍ ଜାତୀୟ ପରମାଣୁ ନିଗମର ପୂର୍ବତନ ମହାପ୍ରବନ୍ଧକ ଗୁଜୁନ୍ ଝାଙ୍ଗ୍‌ଙ୍କ ବିରୋଧରେ ପ୍ରମାଣ ପ୍ରଦାନ କରିଛନ୍ତି। କମ୍ୟୁନିଷ୍ଟ ପାର୍ଟି ଫାଟ ସୃଷ୍ଟି ପାଇ ଉଦ୍ୟମ କରିଥିବାରୁ ଗୁଜୁନ୍‌ଙ୍କ ବିରୋଧରେ ମଧ୍ୟ ତଦନ୍ତ କରାଯାଉଛି।

ସୂଚନା ଅନୁଯାୟୀ, ଜିନପିଙ୍ଗଙ୍କୁ କ୍ଷମତାଚ୍ୟୁତ କରିବାର ଷଡ଼ଯନ୍ତ୍ର ପଛରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହାତ ରହିଛି। ଜିନପିଙ୍ଗଙ୍କୁ କ୍ଷମତାରୁ ହଟାଇବା ପାଇଁ ତାଙ୍କର ବିଶ୍ୱସ୍ତ ଶୀର୍ଷ ଜେନେରାଲଙ୍କ ସହ ଟ୍ରମ୍ପ ଗୁପ୍ତ ବୁଝାମଣା କରିଥିଲେ। ସେ ବେଜିଂର ପରମାଣୁ ଗୁପ୍ତ ତଥ୍ୟ ଆମେରିକା ଦେଇଥିବା କୁହାଯାଉଛି। ଏବେ ବିସ୍ତାରବାଦୀ ଚୀନ୍ ଆଉ ଜଣେ ବିସ୍ତାରବାଦୀଙ୍କ ଫାସରେ ପଡ଼ି ଯାଇଛନ୍ତି। ଟ୍ରମ୍ପ ତାଙ୍କ ଗୁପ୍ତଚରଙ୍କୁ ସି ଜିନପିଙ୍ଗଙ୍କ ନିକଟରେ ରଖିଛନ୍ତି। ଆମେରିକାର ଗୁପ୍ତଚର ସଂସ୍ଥା ସିଆଇଏ ଚୀନ୍‌ରେ ବଡ଼ ଅଭିଯାନ ଆରମ୍ଭ କରିଛି। ଜିନପିଙ୍ଗଙ୍କ କ୍ଷମତା ଏଥିରେ ଫସିଯାଇଛି। ଜିନପିଙ୍ଗ ବିରୋଧରେ ବିଦ୍ରୋହର ବହ୍ନି ଉଠିବାରେ ଲାଗିଛି। ଶୀର୍ଷ ଚୀନ୍ ଜେନେରାଲ ଝାଙ୍ଗ ୟୁସିଆ ଜିନପିଙ୍ଗଙ୍କ ପାଇଁ କଣ୍ଟା ପାଲଟିଛନ୍ତି। ସେ ସିଆଇଏ ସହିତ ସମ୍ପର୍କ ରଖିଛନ୍ତି। ଏହାକୁ ଆଧାର କରି ଚୀନ୍ ତଦନ୍ତ ଚଳାଇଛି। ସବୁ କିଛି ପଦାରେ ପଡ଼ିଯିବ ବୋଲି କାହାକୁ କିଛି ସୂଚନା ଦିଆଯାଉ ନାହିଁ।ଜିନପିଙ୍ଗଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ସେ ଆମେରିକାର ନିର୍ଦ୍ଦେଶରେ କାମ କରୁଥିବା ଅଭିଯୋଗ ହୋଇଛି। ଟ୍ରମ୍ପ ଚୀନ୍‌ର ପରମାଣୁ କାର୍ଯ୍ୟକ୍ରମର ପ୍ରତ୍ୟେକ ଗୁପ୍ତ ବିବରଣୀ ହାସଲ କରିବାକୁ ଚାହୁଁଛନ୍ତି। ୟୁସିଆ ଏହି ଯୋଜନାର ଅଂଶ ହୋଇପାରନ୍ତି। ତାଙ୍କ ମାଧ୍ୟମରେ ଆମେରିକା ଏକ ବଡ଼ ରଣନୀତି ଉପରେ କାମ କରୁଥିବା କୁହାଯାଉଛି।

ସାଧାରଣତନ୍ତ୍ର ଦିବସ ପାଳିତ

## ବିଶ୍ୱ ଦେଖିଲା ଭାରତର ଶକ୍ତି




ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି): ଦେଶବାସୀ ବହୁ ଉତ୍ସାହର ସହ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରିଛନ୍ତି। ଏହି ଅବସରରେ ଦିଲ୍ଲୀର କର୍ତ୍ତବ୍ୟ ପଥରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପତାକା ଉତ୍ତୋଳନ କରିଛନ୍ତି। ଏହି ଅବସରରେ ଗ୍ରୁପ କ୍ୟାପ୍‌ଟେନ ଶୁଭାଂଶୁ ଶୁକ୍ଳାଙ୍କୁ ଅଶୋକ ଚକ୍ରରେ ସମ୍ମାନିତ କରିଥିଲେ। ପ୍ରଥମ ଥର ପାଇଁ ସାଧାରଣତନ୍ତ୍ର ଦିବସରେ ଦୁଇ ମୁଖ୍ୟ ଅତିଥି ହୋଇଛନ୍ତି। ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ କମିଶନର ଅଧ୍ୟକ୍ଷା ଉର୍ସୁଲା ଭାନ ଡେରେ ଲେୟନ ଭାରତର ନିମନ୍ତ୍ରଣ ରକ୍ଷା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦୁଇ ମୁଖ୍ୟ ଅତିଥିଙ୍କ ସହ ରାଷ୍ଟ୍ରପତି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରପତି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏଠାରେ ରାଷ୍ଟ୍ରପତିଙ୍କୁ ୨୧ ତୋପ ସଲାମୀ ଦିଆଯାଇଥିଲା। ପରେଡ୍‌ରେ ରାଷ୍ଟ୍ରପତି ଅଭିବାଦନ ଗ୍ରହଣ କରିଥିଲେ। ଏହି ପରେଡରେ ଭାରତର ଶକ୍ତି ଏବଂ ସାମର୍ଥ୍ୟ ପ୍ରଦର୍ଶନ କରାଯାଇଥିଲା। ଭାରତର ବିକାଶ ଯାତ୍ରା, ସାଂସ୍କୃତିକ ବିବିଧତା, ସ୍ୱର୍ଣ୍ଣିମ ଇତିହାସ ଏବଂ ସାମରିକ ଶକ୍ତି ସାରା ବିଶ୍ୱ ଦେଖିଥିଲା।

ପ୍ରାୟ ୯୦ ମିନିଟ୍ ଧରି ଚାଲିଥିବା ପରେଡ୍‌ରେ ତିନି ସେନା ନିଜ ଶକ୍ତି ପ୍ରଦର୍ଶନ କରିଥିଲା। ରାଫେଲ୍, ଜାଗୁଆର, ମିଗ-୨୯, ସୁଖୋଇ, ସି-୧୩୦ ଓ ସି-୨୯୫ ବିମାନ ଗର୍ଜନ କରିଥିଲା। ଏହି ବିମାନ ସିନ୍ଦୁର, ବଜ୍ରାଙ୍ଗ, ଅର୍ଜନ ଏବଂ ପ୍ରହାର ଗଠନ କରିଥିଲେ। ପ୍ରଥମ ଥର ପାଇଁ ହାଇପରସୋନିକ୍ କ୍ଷେପଣାସ୍ତ୍ରର ଝଲକ ଦେଖିବାକୁ ମିଳିଥିଲା। ପାକିସ୍ତାନ ସୀମାରେ ନିୟୋଜିତ ବାକ୍ଟ୍ରିୟାନ୍ ଓଟମାନଙ୍କୁ ମଧ୍ୟ ପରେଡ୍‌ରେ ସାମିଲ କରାଯାଇଥିଲା। ପ୍ରଥମ ଥର ପାଇଁ ଦୁଇଟି କୁଜ ବିଶିଷ୍ଟ ଓଟ ଏବଂ ଶାଗୁଣା ପରେଡରେ ସାମିଲ ହୋଇଥିଲେ। ଏହି ପରେଡରେ ୧୭ ରାଜ୍ୟରୁ ତିରିଶ ପ୍ରଜ୍ଞାପନ ମେଢ଼ ଅଂଶଗ୍ରହଣ କରିଥିଲା। ଭୈରବ ବାଟାଲିଅନ୍ ପ୍ରଥମ ଥର ପାଇଁ ସାହସିକତା ପ୍ରଦର୍ଶନ କରିଥିଲା। ମହିଳା ଅଗ୍ନିବୀରମାନେ ବାୟୁସେନା ମାର୍ଚ୍ଚିଂ ବ୍ୟାଣ୍ଡରେ ଅଂଶଗ୍ରହଣ କରିଥିଲେ। ଉତ୍ତରାଖଣ୍ଡ ନିର୍ଦ୍ଦେଶାଳୟ ସିନିୟର ୱିଙ୍ଗ ଗାର୍ଲ୍ସର କମାଣ୍ଡର ସିନିୟର ଅଣ୍ଡର ଅଫିସର ମାନସୀ ବିଶ୍ୱକର୍ମା ୧୪୮ ଜଣ ବାଳିକା କ୍ୟାଡେଟଙ୍କ ଏକ ଏ୍ନସିସି କଣ୍ଟିଜେଣ୍ଟର ନେତୃତ୍ୱ ନେଇଥିଲେ। ମହିଳା ଯବାନ ଚଳନ୍ତା ବାଇକରେ ୧୮ ଫୁଟର ଉଚ୍ଚ ସିଡ଼ି ଚଢ଼ି କଳାକୌଶଳ ପ୍ରଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଦୁଇ ଅତିଥିଙ୍କୁ ବିଭିନ୍ନ ରାଜ୍ୟର ପ୍ରଜ୍ଞାପନ ମେଢ ବିଷୟରେ ବୁଝାଉଥିବା ଦେଖା ଯାଇଥିଲା। ଅନ୍ୟପଟେ ବିରୋଧୀ ନେତାଙ୍କ ପାଇଁ ବସିବା ବ୍ୟବସ୍ଥାକୁ ନେଇ କଂଗ୍ରେସ ସରକାରଙ୍କୁ ପ୍ରଶ୍ନ ଉଠାଇଛି। ବିରୋଧୀ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମେତ ବିରୋଧୀ ନେତାମାନଙ୍କୁ ପଛରେ ବସାଇ ସରକାର ଅପମାନିତ କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହାର ଜବାବରେ କଂଗ୍ରେସ ୨୦୧୪ ମସିହାର ଏକ ଫଟୋ ସେୟାର କରିଛି। ଏହି ଫଟୋରେ ବିରୋଧୀ ନେତା ଲାଲକୃଷ୍ଣ ଆଡଭାନୀ ଆଗ ଧାଡ଼ିରେ ବସିଥିବା ଦେଖାଯାଇଛି।

## ୟୁଜିସି ଆଇନକୁ ବିରୋଧ:ମାଜିଷ୍ଟ୍ରେଟଙ୍କ ଇସ୍ତଫା, ସାଂସଦଙ୍କୁ ଚୂଡ଼ି ପଠାଇଲେ ବିରୋଧୀ

ବରେଲି, ୨୭।୧ (ଏଜେନ୍ସି): ୟୁଜିସିର ନୂଆ ଆଇନ ଏବଂ ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦଙ୍କ ଶିଷ୍ୟଙ୍କୁ ମାଡ଼ ମାରିବା ଘଟଣାକୁ ବିରୋଧ କରି ଉତ୍ତର ପ୍ରଦେଶର ପିସିଏସ୍ ଅଧିକାରୀ ଅଲଙ୍କାର ଅଗ୍ନିହୋତ୍ରୀ ସାଧାରଣତନ୍ତ୍ର ଦିବସରେ ଇସ୍ତଫା ଦେଇଛନ୍ତି। ସେ ଇସ୍ତଫାକୁ ନେଇ ୫ ପୃଷ୍ଠାର ଚିଠି ମଧ୍ୟ ଲେଖିଥିଲେ। ସରକାରଙ୍କଠାରୁ ମୋହ ଭଙ୍ଗ ହୋଇଥିବା କହିଥିଲେ। ଏହା ପରେ ସେ ସନ୍ଧ୍ୟାରେ ଜିଲ୍ଲାପାଳ ଅବିନାଶ ସିଂହଙ୍କୁ ଭେଟିବାକୁ ଯାଇଥିଲେ। ମାତ୍ର ସେଠାରେ ତାଙ୍କୁ ଭେଟିବାକୁ ଦିଆଯାଇ ନ ଥିଲା। ସେଠାରୁ ବାହାରିବା ପରେ ଅଗ୍ନିହୋତ୍ରୀ କହିଥିଲେ ଯେ ଜିଲ୍ଲାପାଳଙ୍କ ବାସଭବନରେ ତାଙ୍କୁ ୪୫ ମିନିଟ ପର୍ଯ୍ୟନ୍ତ ବନ୍ଦୀ କରି ରଖାଯାଇଥିଲା। ଏସଏସପି କହିବାରୁ ଛାଡ଼ି ଦିଆଯାଇଥିଲା। ତେବେ ଏଡିଏମ ଏହି ଅଭିଯୋଗକୁ ଖଣ୍ଡନ କରିଦେଇଛନ୍ତି। ଅନ୍ୟପଟେ ଅଗ୍ନିହୋତ୍ରୀଙ୍କୁ ସରକାର ନିଲମ୍ବନ କରିଦେଇଛନ୍ତି। ତାଙ୍କ ବିରୋଧରେ ବିଭାଗୀୟ ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ତାଙ୍କ ଇସ୍ତଫାକୁ ମଞ୍ଜୁର କରାଯାଇ ନାହିଁ। ତଦନ୍ତ ଶେଷ ହେବା ପରେ ସରକାର ଇସ୍ତଫା ସ୍ୱୀକାର କରିବେ ବୋଲି କୁହାଯାଉଛି। ଏବେ ବରେଲି କମିସନର ମାମଲାର ତଦନ୍ତ କରୁଛନ୍ତି। ସରକାର ଅଗ୍ନିହୋତ୍ରୀଙ୍କ ଗାଡ଼ି ପ୍ରତ୍ୟାହାର କରି ନେଇଛନ୍ତି। ସେ ମଙ୍ଗଳବାର ସକାଳେ ମଧ୍ୟ ଜିଲ୍ଲପାଳଙ୍କୁ ଭେଟିବାକୁ ଯାଇଥିଲେ। ସାକ୍ଷାତ କରିବାକୁ ନ ଦେବାରୁ ସେ ଦୁଇ ଘଣ୍ଟା ପର୍ଯ୍ୟନ୍ତ କଲେକ୍ଟରେଟ ବାହାରେ ଧାରଣା ଦେଇଥିଲେ।

ଏହା ମଧ୍ୟରେ ସେ ମଧ୍ୟରାତ୍ରିରେ ସରକାରୀ ବାସଭବନ ଖାଲି କରି କାହାକୁ ଦାୟିତ୍ୱ ହସ୍ତାନ୍ତର ନକରି ସହର ଛାଡି ଚାଲିଯାଇଥିବା କୁହାଯାଇଥିଲ। ପ୍ରଶାସନ ପାଖରେ ତାଙ୍କର ନୂଆ ଠିକଣା ବିଷୟରେ କୌଣସି ସୂଚନା ନ ଥିଲା। ସେ ସୋମବାର ମଧ୍ୟରାତ୍ରି ପ୍ରାୟ ସାଢ଼େ ୧୨ଟା ସରକାରୀ ବାସଭବନରୁ ଅଧିକାଂଶ ଜିନିଷପତ୍ର ବାହାର କରି ଚାଲିଯାଇଥିଲେ। ଅଗ୍ନିହୋତ୍ରୀ କହିଛନ୍ତି ଯେ ଇସ୍ତଫା ପ୍ରତ୍ୟାହାର କରିବି ନାହିଁ। ସରକାରରୁ ମୋହଭଙ୍ଗ ହୋଇଯାଇଛି। ମୋତେ ଆଗକୁ କ'ଣ କରିବାକୁ ହେବ ତାହା ସମାଜ ସ୍ଥିର କରିବ। ୟୁପିରେ ରାଷ୍ଟ୍ରପତି ଶାସନ ଲଗାଇବାକୁ ସେ ଦାବି କରିଛନ୍ତି। ଏହା ପୂର୍ବରୁ ସେ ବିଳମ୍ବିତ ରାତିରେ ଶଙ୍କାରାଚାର୍ଯ୍ୟଙ୍କ ସହ ଫୋନରେ କଥା ହୋଇଥିଲେ। ସମ୍ପୂର୍ଣ୍ଣ ସନାତନୀ ସମାଜ ତାଙ୍କ ଉପରେ ପ୍ରସନ୍ନ ଥିବା କହିଥିଲେ। ଯେଉଁ ପଦ ଆପଣଙ୍କୁ ସରକାର ଦେଇଥିଲେ ତାଠାରୁ ବଡ଼ ପଦେ ଧର୍ମ କ୍ଷେତ୍ରରେ ଆପଣଙ୍କୁ ଦିଆଯିବ ବୋଲି କହିଥିଲେ।

ଏହି ମାମଲାରେ ଚୁପ ରହିଥିବାରୁ ରାଏବରେଲିରେ ବିଜେପି କୃଷକ ନେତା ରମେଶ ବାହାଦୂର ସିଂହ ଓ ଗୋରକ୍ଷା ଦଳର ସଭାପତି ମହେନ୍ଦ୍ର ପାଣ୍ଡେ ସାଧାରଣ ବର୍ଗର ସାଂସଦଙ୍କ ନିକଟକୁ ଚୂଡ଼ି ପଠାଇଛନ୍ତି। ୟୁଜିସିର ଏହି ନିୟମକୁ କଥାବାଚକ କୁମାର ବିଶ୍ୱାସ ୟୁଜିସିର ତୀବ୍ର ସମାଲୋଚନା କରିଛନ୍ତି।





ସାଧାରଣତନ୍ତ୍ର ଦିବସ ଅବସରରେ ଗାନ୍ଧୀମାର୍ଗରେ ପରେଡ୍



ଶଙ୍ଖ ଭବନରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି

### କଟ୍‌ନୀଛଟ୍‌ନୀକୁ ବିରୋଧ

# ବିଷ ବୋତଲ ଧରି ମଣ୍ଡିରେ ବସିଲେ ଚାଷୀ

ବାସୁଦେବପୁର, ୨୭।୧(ସମିସ): ମିଲରଙ୍କ ବିରୋଧରେ ଯୁଦ୍ଧଂଦେହୀ ଡକରା। କଟନୀଛଟନୀକୁ ବିରୋଧ କରି ହାତରେ ବିଷ ବୋତଲ ଧରି ମଣ୍ଡିରେ ବସିଲେ ଚାଷୀ। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଜଗନ୍ନାଥପୁର ପଞ୍ଚାୟତର ବଚ୍ଛଦା ସମବାୟ ସମିତିରେ ଏମିତି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି।

ବଚ୍ଛଦା ସୋସାଇଟିରେ ୪୧୦ ଚାଷୀ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୧୦ ଧାନ ବିକ୍ରିର ଟୋକନ୍ ପ୍ରକ୍ରିୟାକରଣ ହୋଇଛି। ମଙ୍ଗଳବାର ଶହଶହ ଚାଷୀ ମଣ୍ଡିରେ ଧାରଣା ଦେଇ ବସିଥିବାରୁ ଘଟଣାସ୍ଥଳରେ ପହଞ୍ଚିଥିଲେ ଯୋଗାଣ ଅଧିକାରୀ ମଧୁସ୍ମିତା ସେନାପତି ଓ ଏସ୍‌ଆର୍‌ସିଏସ୍ ବାବାଜୀ ଚରଣ ମଲ୍ଲିକ। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ପୁଲିସ ମୁତୟନ କରାଯାଇଥିଲା। ସୋମବାର ସାଧାରଣତନ୍ତ୍ର ଦିବସ ଛୁଟିରେ ମିଲର ପହଞ୍ଚିଥିଲେ ବଚ୍ଛଦା ସୋସାଇଟିରେ। ଧାନର ମାନକୁ ନେଇ ପାଟିତୁଣ୍ଡ ହୋଇଥିଲା। କଟ୍‌ନୀ ଛଟ୍‌ନୀ ସରକାର ମନା କରୁଥିବା ବେଳେ ମିଲର ୯% କାଟିବେ ବୋଲି କହିଥିଲେ। ଯାହାକୁ ଚାଷୀମାନେ ବିରୋଧ କରିଥିଲେ। ମୁଣ୍ଡ ଝାଳ ତୁଣ୍ଡରେ ମାରି ଅନ୍ନଦାତା ଫସଲ ଫଳାଇଛନ୍ତି। ମଫତରେ ୯% ଦେବେ ନାହିଁ ବୋଲି ଯୁକ୍ତି କରି ମିଲର୍ ଓ ଚାଷୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। କିଛି ସମୟ ସୋସାଇଟି ପରିସରରେ ଉତ୍ତେଜନା ଲାଗି ରହିଥିଲା। ଠେଲାପେଲା ମଧ୍ୟ ହୋଇଥିଲେ। ମିଲର୍‌ଙ୍କ କଟ୍‌ନୀଛଟ୍‌ନୀ ନିଷ୍ପତ୍ତିକୁ ବିରୋଧ କରି ଚାଷୀ ସୋସାଇଟି ଆଗରେ ଧାରଣା ଦେଇଥିଲେ। ଧାନ କ୍ରୟ ନ ହେଲେ ଆଗାମୀ ୩ ତାରିଖରେ ଚାଷୀଙ୍କ ଟୋକନ କଟିଯିବ। ଉୟରେ ମଙ୍ଗଳବାର ମହିଳା ଚାଷୀ ବିଷ ବୋତଲ ଧରି ବସିଛନ୍ତି। ପ୍ରଶାସନ ନ ଶୁଣିଲେ ବିଷପିଇ ଆତ୍ମହତ୍ୟା କରିବେ ବୋଲି ଚାଷୀ କହିଛନ୍ତି।



# ଆଜି ନବ ନିର୍ମାଣ ସଂଗଠନର ଓଡ଼ିଶା ବନ୍ଦ

- ବନ୍ଦକୁ କଂଗ୍ରେସ ଓ ବାମ ଦଳଙ୍କ ସମର୍ଥନ
- ସଂଗଠନକୁ ସାଧୁବାଦ ଜଣାଇଲା ବିଜେଡି
- ବନ୍ଦ ପୂର୍ବରୁ ସରକାରଙ୍କ ଦମନଲୀଳା

ଭୁବନେଶ୍ୱର, ୨୭।୧ (ସମିସ): ରାଜ୍ୟରେ ଧାନ ମଣ୍ଡି ଓ ଧାନ ବିକ୍ରିରେ ଅବ୍ୟବସ୍ଥା, ଟୋକନ ଯାତନା, ମଣ୍ଡିରେ କଟନିଛଟନି, ୧୫୦ କ୍ୱିଣ୍ଟାଲ ବିକ୍ରି ପରେ ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ଦିଆ ନ ଯିବା, ପ୍ରଦୂଷଣ ନାମରେ ସାଧାରଣ ଲୋକଙ୍କଠାରୁ ହଜାର ହଜାର ଟଙ୍କାର ଜୋରିମାନା ଆଦାୟ, ସ୍ମାର୍ଟ ମିଟର ବ୍ୟବସ୍ଥା ସହ ଚାଷୀ ନେତାମାନଙ୍କ ଉପରେ ଗୁଣ୍ଡାଙ୍କ ଦ୍ୱାରା ଉପମୁଖ୍ୟମନ୍ତ୍ରୀଙ୍କ ଆକ୍ରମଣର ପ୍ରତିବାଦରେ ବୁଧବାର ନବ ନିର୍ମାଣ କୃଷକ ସଂଗଠନ ଦେଇଛି ଓଡ଼ିଶା ବନ୍ଦ ଡ଼କରା। ସକାଳ ୬ଟାରୁ ୨ଟା ପର୍ଯ୍ୟନ୍ତ ଓଡ଼ିଶା ବନ୍ଦର ଡାକରା ଦିଆଯାଇଥିବା ବେଳେ ଏହି ବନ୍ଦକୁ ରାଜ୍ୟ କଂଗ୍ରେସ ସମେତ ସିପିଆଇ ଓ ସିପିଆଇ(ଏମ୍)ଙ୍କ ସମେତ ଅନେକ ସଂଗଠନ ସମର୍ଥନ ଜଣାଇଛନ୍ତି। ଏହାସହିତ ଚାଷୀଙ୍କ ସମସ୍ୟା ଯୋଗୁଁ ସଂଗଠନ ରାଜରାସ୍ତାକୁ ଓହ୍ଲାଇଥିବାରୁ ବିଜେଡି ସଂଗଠନକୁ ସାଧୁବାଦ ଜଣାଇଛି। ‘ଓଡ଼ିଶା ବନ୍ଦ’ ଡାକରାକୁ ସଫଳ କରିବା ପାଇଁ ନବନିର୍ମାଣ ଯୁବ ଛାତ୍ର ସଂଗଠନ କଟକ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ କାର୍, ବାଇକ୍ ରାଲି ମାଧ୍ୟମରେ ଶାନ୍ତିପୂର୍ଣ୍ଣ ପ୍ରଚାର କରି ଓଡ଼ିଶା ବନ୍ଦକୁ ସମର୍ଥନ ଜଣାଇବା ସହ ଦୋକାନ ବଜାର ଓ ଯାନବାହନ ଚଳାଚଳ ବନ୍ଦ ରଖିବା ପାଇଁ ନିବେଦନ କରିଛି। ଏହି ସମୟରେ ନବନିର୍ମାଣ ସଙ୍ଗଠନର ପ୍ରଚାରକୁ ଦବାଇ ଦେବା ପାଇଁ ବା ଭୟଭୀତ ହୋଇ ନବନିର୍ମାଣ ଯୁବ ଛାତ୍ର ସଂଗଠନ ଉପରେ ଦମନ ଲୀଳା ଆରମ୍ଭ କରାଯାଇଥିବା ମଧ୍ୟ ସଙ୍ଗଠନ ଅଭିଯୋଗ କରିଛି। ପରିବହନ ବିଭାଗ ପଟିଆ ଅଞ୍ଚଳରେ ରହୁଥିବା ନବନିର୍ମାଣ ଯୁବ ଛାତ୍ର ସଂଗଠନ କର୍ମକର୍ତ୍ତାଙ୍କ ଘରୁ ଗାଡି ଉଠାଇ ଆଣିବା ସହ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବାକୁ ଧମକ ଦେଇଛି। ଏହାକୁ ନବନିର୍ମାଣ କୃଷକ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ଦୃଢ଼ ନିନ୍ଦା କରିବା ସହ ସରକାରଙ୍କୁ ଏଥିରୁ ବିରତ ରହିବା ପାଇଁ ଚେତାବନୀ ଦିଆଯାଇଛି। ସୂଚନା ଥାଉ କି ଏହି ବନ୍ଦ ଡାକରାକୁ ଅନ୍ୟ ପ୍ରମୁଖ ସଂଗଠନ ମଧ୍ୟରେ କିନ୍ନର ସଂଘ, ଆରଟିଆଇ ସଂଘ, ଅଭିଭାବକ ସଂଘ, ବିଭିନ୍ନ ସାମାଜିକ ସଂଗଠନ ଆଦି ସମର୍ଥନ ଜଣାଇଛନ୍ତି।

# ଷଣ୍ଢକୁ ବୋଲେରୋରେ ଘୋଷାଡ଼ିଲେ

ବାରିପଦା, ୨୭।୧ (ସମିସ): ବାରିପଦା ସହରରେ ଗୋରୁ ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଗତକାଲି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ରାସ୍ତାରେ ଶୋଇଥିବା ଏକ ଷଣ୍ଢକୁ ବୋଲେରୋରେ ଘୋଷାଡ଼ି ଘୋଷାଡ଼ି ନେଇଛନ୍ତି। ବାରିପଦା ପୌରାଞ୍ଚଳର ବାଗଡିହା ଛକ ନିକଟରେ ରାତି ପ୍ରାୟ ୩ଟା ବେଳେ ଏହି ଘଟଣା ଘଟିଛି। ଏହାର ଦୃଶ୍ୟ ପାଖରେ ଲାଗିଥିବା ଏକ ସିସିଟିଭିରେ କଏଦ୍ ହୋଇଛି। ବାରିପଦା ସଦର ଥାନା ପୁଲିସ ଏହାର ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତମାନଙ୍କୁ ଧରିବାକ ପୁଲିସ ଉଦ୍ୟମ ଚଳାଇଛି।

### ବାସୁଦେବପୁର-ଧାମରା ରାସ୍ତା ମରଣଯନ୍ତା

# ଚାପିଦେଲା ଲୁହାବୋଝେଇ ଟ୍ରକ୍: ୨ ମୃତ

ଭଦ୍ରକ/ବାସୁଦେବପୁର, ୨୭।୧(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର-ଧାମରା ରାସ୍ତା ମରଣଯନ୍ତା ପାଲଟିଛି। ନିୟମିତ ଭାବେ ଏଠାରେ ଦୁର୍ଘଟଣା ଘଟି ଜୀବନ ଯାଉଛି। ଗତ ୨୨ ତାରିଖରେ ବାଇକ୍ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସୋମବାର ରାତିରେ ପୁଣି ଏହି ରାସ୍ତା ୨ଜଣଙ୍କ ମୁଣ୍ଡ ନେଇଛି। ରାତି ପ୍ରାୟ ୧୧ଟା ବେଳେ ପାରାପୋଖରୀ ଛକରେ ଏକ ଲୁହା ବୋଝେଇ ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅଧୀନସ୍ଥ ବୈରିମାଳ ଗାଁର ଚିନ୍ମୟ ମଲ୍ଲିକ ଓ ଦୀପକ ରାଉତ। ସେମାନେ ସ୍ଥାନୀୟ ଅଞ୍ଚଳରେ ଜେସିବି ଡ୍ରାଇଭର୍ ଭାବେ କାର୍ଯ୍ୟ କରୁଥିବା ଜଣାଯାଇଛି। ସୂଚନାନୁସାରେ ଦୁହେଁ ଏକ ବାଇକ୍‌ରେ ବିରସ ଛକରୁ ବାସୁଦେବପୁର ଆଡ଼କୁ ଆସୁଥିଲେ। ଏହି ସମୟରେ ଏକ ଟ୍ରକ୍‌ଟି ତାଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପାଇଁ ୨ ମୃତଦେହକୁ ବାସୁଦେବପୁର ଡାକ୍ତରଖାନାରେ ରଖାଯାଇଛି। କସିଆ ସାମୁଦ୍ରିକ ଥାନା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

### ■ କାଳ ହେଲା ଓଭରଟେକ୍

# ପିକ୍-ଅପ୍ ଧକ୍କାରେ ୨ ମୃତ

ପଟ୍ଟାଙ୍ଗି, ୨୭।୧(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ କୁନ୍ଦୁଲି ଆଞ୍ଚଳିକ ହାଇସ୍କୁଲ ସମ୍ମୁଖରେ ପିକ୍-ଅପ୍ ଧକ୍କାରେ ୨ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତାହତମାନଙ୍କର ପରିଚୟ ମିଳିପାରି ନଥିଲେ ହେଁ ସେମାନଙ୍କ ଘର ଆନ୍ଧ୍ରପ୍ରଦେଶ ରାଜ୍ୟର ଆରୁକୁ ଅଞ୍ଚଳରେ ହୋଇଥିବା କୁହାଯାଉଛି। ସୂଚନା ଅନୁଯାୟୀ, ଯୁବକମାନେ ଏକ ବାଇକ୍‌ରେ ୨୬ ନମ୍ବର ଜାତୀୟ ରାଜପଥରେ ପଟ୍ଟାଙ୍ଗି ଦେଇ କୁନ୍ଦୁଲି ଆଡ଼କୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଦ୍ରୁତଗାମୀ ଏକ ବସ୍‌କୁ ଓଭରଟେକ୍ କରିବା ବେଳେ ସାମ୍ନାରୁ ଆସୁଥିବା ଏକ ପିକ୍-ଅପ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣଙ୍କୁ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପୁଲିସ ତାଙ୍କ ପରିବାର ସହ ଯୋଗାଯୋଗ କରିବାକୁ ଚେଷ୍ଟା ଚଳାଇଛି।

# ପୁଣି ଗୋଟିଏ ମାଈହାତୀର ମୃତ୍ୟୁ

ମୁରିବାହାଲ, ୨୭।୧(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଅଧୀନ ଚଲକି ପଞ୍ଚାୟତର ଜାମଲିସର ଗ୍ରାମ ନିକଟସ୍ଥ ଏକ ଡୁଙ୍ଗୁରି ନିକଟରେ ମଙ୍ଗଳବାର ଏକ ଅସୁସ୍ଥ ମାଈ ହାତୀର ମୃତ୍ୟୁ ଘଟିଛି। ହାତୀଟିର ବୟସ ପ୍ରାୟ ୧୯/୨୦ବର୍ଷ ହେବ। ଖବର ପାଇ ଏସିଏଫ ମୁରାରୀ ପଣ୍ଡା, ଭବାନୀପାଟଣାରୁ ଆରସିସିଏଫ ସଂଘମିତ୍ରା ଭୋଇ, ମୁରିବାହାଲ ରେଞ୍ଜର ଶିବ ପ୍ରସାଦ ନାଏକ, ବିଦ୍ୟୁତ୍ ବିଭାଗ ସେକ୍ସନ ଅଫିସର ତପନ ପ୍ରଧାନ, ଗୁଡିଘାଟ ଇନ୍‌ଚାର୍ଜ ଅଜିତ୍ ତରିଆ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଶବକୁ ବ୍ୟବଚ୍ଛେଦ ପରେ ସେଠାରେ ପୋତି ଦିଆଯାଇଛି। ସୂଚନାଯୋଗ୍ୟ, ମୁରିବାହାଲ ରେଞ୍ଜ ଅଞ୍ଚଳରେ ଦେଢ଼ବର୍ଷ ହେବ ୩/୪ଟି ଦଳରେ ପ୍ରାୟ ୧୦୦ଟି ହାତୀ ବୁଲୁଛନ୍ତି। ଏମାନେ ଫସଲ ନଷ୍ଟ କରିବା ସହ ଘରଦ୍ୱାର ଭାଙ୍ଗୁଛନ୍ତି। ଅପରପକ୍ଷେ, ହାତୀ ଆକ୍ରମଣରେ ୨ ଜଣଙ୍କ ଜୀବନ ମଧ୍ୟ ଗଲାଣି।



# ଗାଁ ଦାଣ୍ଡରେ ଦମ୍ପତିଙ୍କୁ ନିସ୍ତୁକ ମାଡ଼

ଭଦ୍ରକ, ୨୭।୧ (ସମିସ): ଜମିରେ ଇଟା ରଖିବାକୁ କେନ୍ଦ୍ର କରି ବଚସାରୁ ଗାଁ ଦାଣ୍ଡରେ ଦମ୍ପତିଙ୍କୁ ନିସ୍ତୁକ ମାଡ଼। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଅର୍ଣ୍ଣପାଳ ଗ୍ରାମରେ ଗତ ସୋମବାର ଏଭଳି ଏକ ଘଟଣା ଘଟିଛି। ଏହାର ଏକ ଭିଡିଓ ଜୋରସୋର୍‌ରେ ଭାଇରାଲ ହେବାରେ ଲାଗିଛି।



**ଭିଡିଓ ଭାଇରଲ୍**

ଅପରପକ୍ଷେ, ଏନେଇ ଅଭିଯୋଗ ଆଧାରରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆକ୍ରମଣର ଶିକାର ଦମ୍ପତି ହେଲେ, ଗ୍ରାମର ଉର୍ବଶୀଲତା ଜେନା ଓ ତାଙ୍କ ସ୍ୱାମୀ ପ୍ରଶାନ୍ତ କୁମାର ନାୟକ। ପଡ଼ୋଶୀ ଦେବୀପ୍ରସାଦ ଦାସ ଉର୍ବଶୀଲତାଙ୍କ ଜମିରେ ୧୫ ଦିନ ପାଇଁ ଇଟା ରଖିବେ ବୋଲି କହିଥିଲେ। ଏଥିରେ ଉର୍ବଶୀଲତା ବି ରାଜି ହୋଇଯାଇଥିଲେ। କିନ୍ତୁ, ଦୀର୍ଘଦିନ ପରେ ବି ସେ ଜମିରୁ ଇଟା ନ ଉଠାଇବାରୁ ଉର୍ବଶୀଲତା ଓ ତାଙ୍କ ସ୍ୱାମୀ ଏ ସଂପର୍କରେ ଦେବୀପ୍ରସାଦଙ୍କୁ କହିଥିଲେ। ଏହାକୁ ନେଇ ଦୁଇ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦେବୀ ଓ ତାଙ୍କ ପରିବାରଲୋକ ଗାଁ ଦାଣ୍ଡରେ ଦମ୍ପତିଙ୍କୁ ନିସ୍ତୁକ ପିଟିଥିଲେ।

# ଖରା ଆସିଲାଣି, ଶୀତ ଯାଉନି

- ୩ ଦିନରେ ୩ ଡିଗ୍ରୀ ବଢ଼ିବ ତାତି
- ରାଜ୍ୟରେ ଶୀତ ଅବଧି ଏଥର ଲମ୍ବା

ଭୁବନେଶ୍ୱର,୨୭।୧(ସମିସ): ରାଜ୍ୟରେ ଚଳିତ ବର୍ଷ ଲମ୍ବା ଅବଧି ଧରି ଶୀତ ଜାରି ରହିଛି। ଜାନୁଆରୀ ମାସ ଶେଷ ହେବାକୁ ବସିଥିଲେ ମଧ୍ୟ ରାଜ୍ୟର ଅଧିକାଂଶ ସ୍ଥାନରେ ରାତିରେ ଶୀତ ଅନୁଭୂତ ହେଉଛି। ପୂର୍ବ ବର୍ଷମାନଙ୍କରେ ଫେବୃଆରୀ ପ୍ରଥମ ସପ୍ତାହରୁ ଖରାର ପ୍ରକୋପ ଆରମ୍ଭ ହୋଇଯାଉଥିବା ବେଳେ ବହୁ ବର୍ଷ ପରେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଘଟିଛି। ଯଦିଓ ଆଉ ଶୀତ ଲହରୀ ଅନୁଭୂତ ହେବାର ସମ୍ଭାବନା ନାହିଁ, ମାତ୍ର ସମ୍ପୂର୍ଣ୍ଣ ଶୀତ ବିଦାୟ ନେବାକୁ ଆହୁରି କିଛି ଦିନ ଲାଗିପାରେ ବୋଲି ଆକଳନ କରାଯାଉଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଚଳିତ ବର୍ଷ ଲା-ନିନା ‘ପୋଲାର ଭୋର୍ଟେକ୍ସ’ର ସମଷ୍ଟି ଯୋଗୁଁ ଉତ୍ତର ଗୋଲାର୍ଦ୍ଧର ବିଭିନ୍ନ ଦେଶ ସହିତ ଭାରତ ଏବଂ ଓଡ଼ିଶାରେ ମଧ୍ୟ ଶୀତଋତୁ ଅଧିକ ସମୟ ରହିବାର ସମ୍ଭାବନା ରହିଛି। ଲା-ନିନା ଯୋଗୁଁ କେନ୍ଦ୍ରୀୟ ଓ ପୂର୍ବ ପ୍ରଶାନ୍ତ ମହାସାଗରରେ ତାପମାତ୍ରା କମ୍ ରହିଛି। ଏହାସହିତ ବିଶ୍ୱସ୍ତରରେ ବାୟୁ ପ୍ରବାହ ଓ ପାଣିପାଗ ପ୍ରଭାବିତ ହୋଇଛି। ଫଳତଃ ଉତ୍ତର ଓ କେନ୍ଦ୍ରୀୟ ଭାରତରେ ହିମାଳୟ/ ସାଇବେରିଆରୁ ଆସୁଥିବା ପବନ ଅଧିକ ଥଣ୍ଡା ରହୁଛି ଏବଂ ଦୀର୍ଘ ସମୟ ଧରି ବହୁଛି। ଚଳିତ ବର୍ଷ ଓଡ଼ିଶା ସମେତ ପୂର୍ବ ଭାରତରେ ମଧ୍ୟ ଥଣ୍ଡା ଅଧିକ ରହିଛି। ତେବେ ଲା-ନିନା ସହିତ ଉତ୍ତର ମେରୁ ଅଞ୍ଚଳରୁ ସୃଷ୍ଟି ହୋଇଥିବା ପୋଲାର ଭୋର୍ଟେକ୍ସ ପ୍ରଭାବ ଦେଖିବାକୁ ମିଳିବ। ପୋଲାର ଭୋର୍ଟେକ୍ସ କହିଲେ, ଉପର ବାୟୁମଣ୍ଡଳରେ ଥଣ୍ଡା ବାୟୁର ଜେଟ୍ ଷ୍ଟ୍ରିମ୍ ପ୍ରବାହିତ ହୁଏ। ଚଳିତ ବର୍ଷ ଏହା ଦକ୍ଷିଣ ଆଡ଼କୁ ଗତି କରି ମଧ୍ୟ-ଅକ୍ଷାଂଶ ପର୍ଯ୍ୟନ୍ତ ଆସିବ। ଫଳରେ ଥଣ୍ଡା ଅଧିକ ହେବା ସହିତ ଶୀତ ଋତୁ ଅଧିକ ରହିବାର ଆକଳନ କରାଯାଉଛି। ୧୯୮୫, ୧୯୯୬ ଓ ୨୦୧୦ରେ ଏହିପରି ସ୍ୱାଭାବିକଠାରୁ ଅଧିକ ଥଣ୍ଡା ବିଶ୍ୱସ୍ତରରେ ଦେଖାଯାଇଥିଲା। ଆକଳନ କରାଯାଉଛି, ସାରା ରାଜ୍ୟରେ ଥଣ୍ଡା ରାତି ସହ ସ୍ୱାଭାବିକଠାରୁ କମ୍ ତାପମାତ୍ରା ଓଡ଼ିଶାରେ ରହିବାର ସମ୍ଭାବନା ରହିଛି। କନ୍ଧମାଳ, କୋରାପୁଟ ଭଳି ଆଭ୍ୟନ୍ତରୀଣ ଅଞ୍ଚଳରେ ଥଣ୍ଡା ଜାରି ରହିବ। ସମ୍ଭବତଃ ଉତ୍ତର ପଶ୍ଚିମ ଓଡ଼ିଶାରେ ଥଣ୍ଡା ଅଧିକ ରହିବ। ଫେବୃଆରୀ ପ୍ରଥମ ସପ୍ତାହ ପରେ ଥଣ୍ଡା ଅଧିତ କମିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ପାଣିପାଗ କେନ୍ଦ୍ର କହିଛି, ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨-୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହେବାର ସମ୍ଭାବନା ରହିଛି। ଏହାସହିତ ଏହି ସମୟରେ କିଛି ମାତ୍ରାରେ କୁହୁଡ଼ି ନେଇ ମଧ୍ୟ ପାଗ ଅନୁକୂଳ ରହିଛି। ବୁଧବାର ରାତିରୁ ଗୁରୁବାର ସକାଳ ମଧ୍ୟରେ ଭଦ୍ରକ, ଜଗତସିଂହପୁର, ପୁରୀ, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, କଳାହାଣ୍ଡି, ଗଞ୍ଜାମ, ଗଜପତି, ଖୋର୍ଦ୍ଧା, କଟକ, ନୟାଗଡ଼, ଅନୁଗୁଳ, ଢେଙ୍କାନାଳ ଓ ଯାଜପୁରରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ଆଶଙ୍କା ରହିଛି।

### ରତ୍ନଭଣ୍ଡାର ମାମଲା

# ତଦନ୍ତ କମିସନଙ୍କ ରିପୋର୍ଟ ଉପସ୍ଥାପନ ହୋଇନଥିବା ନେଇ ହାଇକୋର୍ଟଙ୍କ ଉଦ୍‌ବେଗ

କଟକ,୨୭।୧(ସମିସ): ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ମରାମତି ଓ ଚାବି ହଜିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ତେବେ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଗଠିତ ହୋଇଥିବା ଜଷ୍ଟିସ୍ ରଘୁବୀର ଦାଶ ତଦନ୍ତ କମିସନଙ୍କ ରିପୋର୍ଟକୁ ଅଦ୍ୟାବଧି ବିଧାନସଭାରେ ଉପସ୍ଥାପନ କରାଯାଇ ନଥିବା ନେଇ ଅଦାଲତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅନ୍ୟପଟରେ ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ପାଇଁ ଏକ ଡ୍ରାଫ୍ଟ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର) ପ୍ରସ୍ତୁତ ହୋଇସାରିଥିବା ବେଳେ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଚୂଡ଼ାନ୍ତ ଏସ୍‌ଓପି ଖୁବ୍‌ଶୀଘ୍ର ପ୍ରସ୍ତୁତ କରାଯିବ ବୋଲି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଆଜି ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ଏଥିପାଇଁ ନିର୍ଦ୍ଧାରିତ ସମୟସୀମା ଧାର୍ଯ୍ୟ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଦିଲ୍ଲୀପ କୁମାର ବରାଳଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆଡଭୋକେଟ ଜେନେରାଲଙ୍କ ପକ୍ଷରୁ ଦାଖଲ ଜବାବରେ ଦର୍ଶାଯାଇଛି ଯେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଉଭୟ ଭିତର ଓ ବାହାର ମରାମତି କାମ ସମ୍ପୂର୍ଣ୍ଣ କରାଯାଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇସାରିଛି। ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଗଠିତ ୯ ଜଣିଆ କମିଟିଙ୍କ ତତ୍ତ୍ୱାବଧାନରେ ରତ୍ନଭଣ୍ଡାର ଖୋଲାଯିବା ସହ ରତ୍ନ ଅଳଙ୍କାରକୁ ଷ୍ଟ୍ରଙ୍ଗରୁମରେ ରଖାଯାଇଛି। ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ପ୍ରକ୍ରିୟା ପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ସହାୟତା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଗତ ୧୯୭୮ରେ ଶେଷଥର ପାଇଁ ହୋଇଥିବା ଭିତର ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ପ୍ରାୟ ଏକ ବର୍ଷ ଲାଗିଥିଲା ବୋଲି ଅଦାଲତଙ୍କୁ ଅବଗତ କରାଇଥିଲେ ଆଡଭୋକେଟ୍ ଜେନେରାଲ।

### ସଂସଦର ବଜେଟ ଅଧିବେଶନ

# ରାଜ୍ୟସ୍ୱାର୍ଥ ପ୍ରସଙ୍ଗକୁ ଦୃଢ଼ ଭାବରେ ଉପସ୍ଥାପନ କରିବ ବିଜେଡି

- ଉଠିବ ଚାଷୀ ଅବହେଳା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତି ପ୍ରସଙ୍ଗ
- କୋଇଲା ରାଜଭାଗ ବୃଦ୍ଧି, ଯୋଗାଯୋଗ ସୁଦୃଢ଼ ପାଇଁ ହେବ ଦାବି

ଭୁବନେଶ୍ୱର,୨୭।୧(ସମିସ): ଆସନ୍ତାକାଲିଠାରୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବ। ଏହି ଅଧିବେଶନରେ ଓଡ଼ିଶାର ସ୍ୱାର୍ଥ ସହ ଜଡ଼ିତ ଏକାଧିକ ପ୍ରସଙ୍ଗକୁ ଦୃଢ଼ ଭାବରେ ବିଜେଡି ଉପସ୍ଥାପନ କରିବ। ବିଶେଷକରି ରାଜ୍ୟରେ ଚାଷୀମାନେ ସମ୍ମୁଖୀନ ହେଉଥିବା ମାଳମାଳ ସମସ୍ୟା ଏବଂ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ସରକାରଙ୍କୁ ଘେରିବାକୁ ବିଜେଡି ରଣନୀତି ପ୍ରସ୍ତୁତ କରିଛି। ଏହାବ୍ୟତୀତ କୋଇଲା ରାଜଭାଗ ସଂଶୋଧନ, ମହାନଦୀ, ପୋଲାଭରମ ସମସ୍ୟା ସମାଧାନ, ରାଜ୍ୟରେ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ିକରଣ ଆଦି ପ୍ରସଙ୍ଗରେ ସଂସଦରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ବିଜେଡି ରାଜ୍ୟସଭା ସଂସଦୀୟ ଦଳ ନେତା ଡ. ସସ୍ମିତ ପାତ୍ର ସୂଚନା ଦେଇଛନ୍ତି।

ଅଧିବେଶନ ପୂର୍ବରୁ ମଙ୍ଗଳବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବିଜେଡି ଉପରୋକ୍ତ ପ୍ରସଙ୍ଗ ଉତ୍ଥାପନ କରିଛି। ଏନେଇ ଡ. ପାତ୍ର କହିଛନ୍ତି ଯେ ସର୍ବଦଳୀୟ ବୈଠକରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୨ଟି ପ୍ରମୁଖ ପ୍ରସଙ୍ଗ ଉତ୍ଥାପନ କରାଯାଇଥିଲା। ତାହା ହେଲା ରାଜ୍ୟରେ ଚାଷୀମାନେ ସମ୍ମୁଖୀନ ହେଉଥିବା ବ୍ୟାପକ ସମସ୍ୟା ଓ ଅନ୍ୟଟି ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତି। ଓଡ଼ିଶାରେ ଚାଷୀମାନଙ୍କ ସହ ଚରମ ଅବହେଳା କରାଯାଉଛି। ମଣ୍ଡି ଖୋଲା ଯାଉନଥିବା ବେଳେ ଚାଷୀଙ୍କ ଧାନ ଉଠାଯାଉ ନାହିଁ। କ୍ୱିଣ୍ଟାଲ ପିଛା ୮ରୁ ୧୦ କେଜି ପର୍ଯ୍ୟନ୍ତ କଟନୀ ଛଟନୀ କରାଯାଉଛି। ସେହିପରି ଧାନର ଏମ୍‌ଏସ୍‌ପି ବାବଦରେ ୩୧୦୦ ଟଙ୍କା ଦେବା କଥା କୁହାଯାଉଥିବାବେଳେ ତାହା ସବୁ ଚାଷୀଙ୍କୁ ମିଳୁ ନାହିଁ। ଓଡ଼ିଶାରୁ ନିର୍ଦ୍ଧାରିତ ଧାନ ଉଠାଣ କୋଟାକୁ କମ୍ କରି ଦିଆଯାଉଛି। ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ସାର ମିଳୁନି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କ୍ଷତିପୂରଣ ମିଳୁନାହିଁ। ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ । କରି ମହିଳା ଅତ୍ୟାଚାର ପାଇଁ ଓଡ଼ିଶା ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଦୁର୍ନାମ ମୁଣ୍ଡେଇଲାଣି। ଏହାବ୍ୟତୀତ ଏଯାବତ୍ ଡବଲ ଇଞ୍ଜିନ ସରକାର ମହାନଦୀ ଓ ପୋଲାଭରମ ପ୍ରସଙ୍ଗର ସମାଧାନ କରିପାରିଲା ନାହିଁ। ଗତ ୧୦ ବର୍ଷ ହେଲା କୋଇଲା ରାଜଭାଗ ସଂଶୋଧନ ଦାବି ପୂରଣ ହେଉନାହିଁ। ୨୦୧୪ ମସିହାରେ ବିଜେପି ନିଜ ନିର୍ବାଚନୀ ଇସ୍ତାହାରରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ପ୍ରଦାନ ନେଇ ଉଲ୍ଲେଖ କରିଥିଲା। ମାତ୍ର ଏଯାଏଁ ଏହି ପ୍ରତିଶ୍ରୁତି ପୂରଣ ହେଲାନାହିଁ। ଯୋଗାଯୋଗ କ୍ଷେତ୍ରରେ ମଧ୍ୟ ଓଡ଼ିଶାରେ ଆଖିଦୃଶିଆ ଉନ୍ନତି ଏଯାଏଁ ପରିଲକ୍ଷିତ ହେଲା ନାହିଁ। ହାଇୱେ, ରେଳ, ଡିଜିଟାଲ ସଂଯୋଗ, ବ୍ୟାଙ୍କିଙ୍ଗ ଆଦି ସବୁ କ୍ଷେତ୍ରରେ ଓଡ଼ିଶାରେ କୌଣସି ସୁଧାର ଆସିପାରିଲା ନାହିଁ । ରାଜ୍ୟରେ ବେକାରୀ ହାର ବଢ଼ି ବଢ଼ି ଚାଲିଛି। ନିଯୁକ୍ତି ଆଶାୟୀ ଯୁବକ ଯୁବତୀମାନେ ହତାଶା ମଧ୍ୟରେ ଗତି କରୁଛନ୍ତି। ଏହି ସବୁ ପ୍ରସଙ୍ଗକୁ ବିଜେଡି ସଂସଦରେ ଦୃଢ଼ ଭାବରେ ଉତ୍ଥାପନ କରିବ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି।

# କରାଟେ ପ୍ରତିଯୋଗିତାରେ ସଫଳତା



**ବାରିପଦା, ୨୭ ।୧(ସମିସ):** ବାରିପଦାସ୍ଥ ଉତ୍କଳ କରାଟେ ସ୍କୁଲ କ୍ରୀଡ଼ାବିତ୍ ରାଜ୍ୟ କରାଟେ ପ୍ରତିଯୋଗିତାରେ ୪ଟି ପଦକ ହାସଲ କରିଛନ୍ତି। ଭୁବନେଶ୍ୱରସ୍ଥ ଉତ୍କଳ କରାଟେ ସ୍କୁଲରେ ରାଜ୍ୟ କରାଟେ ସଂଘ (ଓସ୍କା) ପକ୍ଷରୁ ଆୟୋଜିତ ୩୭ତମ ରାଜ୍ୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୁକୋକାଇ କରାଟେ ୟୁନିଅନ ଓ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡକ୍ଟର ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବାରିପଦା ଉତ୍କଳ କରାଟେ ସ୍କୁଲ ପକ୍ଷରୁ ଶ୍ରୀକାନ୍ତ ବାରିକ ଓ ମୁଖ୍ୟ ପ୍ରଶିକ୍ଷକ ରଶ୍ମି ସୁଶାନ୍ତ ବାରିକ ତତ୍ତ୍ୱାବଧାନରେ ୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଶୁଭ୍ରଜିତ୍ ନାୟକ କୁମିତରେ କାଂସ୍ୟ, ଏସଆର୍ କ୍ରିଷ୍ଣା, ଶୁଭ୍ରଜିତ୍ ନାୟକ, ଏସଆର୍ ଶିବ ଟିମ୍ କାଟାରେ କାଂସ୍ୟ ପଦକ ହାସଲ କରିଛନ୍ତି। ସ୍କୁଲ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି ଭାବେ ଉପନିର୍ଦ୍ଦେଶକ କରୁଣାକର ହେମ୍ବ୍ରମ, ସମ୍ପାଦକ ଯଦୁନାଥ ନାୟକ ଓ ରଞ୍ଜନ ପୃଷ୍ଟି ପ୍ରମୁଖ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

### ଜିଲ୍ଲାସ୍ତରୀୟ ବହୁଭାଷୀ କବି ସମ୍ମିଳନୀ ଓ ସାରସ୍ୱତ ସମାରୋହ

# 'କବି ଅପରୂପକୁ ରୂପ ଦିଏ, ଅବ୍ୟକ୍ତକୁ ବ୍ୟକ୍ତ କରେ'

**ବାରିପଦା, ୨୭ ।୧(ସମିସ)**



ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବହୁଭାଷୀ କବି ସମ୍ମିଳନୀ ପ୍ରତିଷ୍ଠାନର ସ୍ଥାୟୀ ସଭାପତି ଡା. ପାର୍ଥସାରଥି ଜେନାଙ୍କ ସଭାପତିତ୍ୱରେ ସ୍ଥାନୀୟ ଛଉ ପଡ଼ିଆରେ ହେଉଥିବା ପୁସ୍ତକମେଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସୁଶ୍ରୀ ଭାରତୀ ବେବର୍ତ୍ତା ବନ୍ଦେ ମାତରମ ଓ ଶ୍ରୀଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ। ପରେ ପ୍ରତିଶ୍ରୁତି ପତ୍ରିକାର ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ ସତ୍ୟ, ବାସ୍ତବତା, କଳ୍ପନା ଓ ସୌନ୍ଦର୍ଯ୍ୟବୋଧର ସମନ୍ୱୟରେ କବିତା ସାର୍ବଜନୀନ ଲାଭ କରିଥାଏ ବୋଲି କହିବା ସହିତ ସମାଜକୁ ସୁଶୃଙ୍ଖଳିତ କରିବା ପାଇଁ କବିଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ଉଲ୍ଲେଖ କରିଥିଲେ। ଏହି ସମାରୋହରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟଅତିଥି, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଉଦ୍‌ଘାଟକ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟବକ୍ତା, ସମାଜସେବୀ ଶରତ ଚନ୍ଦ୍ର ନାୟକ ବିଶିଷ୍ଟ ଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଶାନ୍ତ କୁମାର ବସା ସମ୍ମାନିତ ବକ୍ତା ଓ ସାହିତ୍ୟିକ ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାହିତ୍ୟ ଓ କବିତାର ବିଭିନ୍ନ ଦିଗ ଦିଗନ୍ତ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଶ୍ରୀ ସେଠୀ କବିତା ମାଧ୍ୟମରେ ନିଜର ଅଭିଭାଷଣ ରଖି କବି ଅପରୂପକୁ ରୂପ ଦିଏ, ଅବ୍ୟକ୍ତକୁ ବ୍ୟକ୍ତ କରେ, କୁତ୍ସିତକୁ ଅପରୂପ ଲାବଣ୍ୟ ପ୍ରଦାନ କରିଥାଏ ବୋଲି ପ୍ରକାଶ କରିଥିଲେ।

ପରେ ଗାୟିକା ଭାରତୀ ବେବର୍ତ୍ତା ଓ କବି ଗୋପାଳ ଚନ୍ଦ୍ର ସାଓଙ୍କ ସଂଯୋଜନାରେ ୯୫ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ଓଡିଆ, ହିନ୍ଦୀ, ସାନ୍ତାଳୀ, ମୁଣ୍ଡାରୀ, ହୋ, ଇଂରାଜୀ ଓ ବଙ୍ଗଳା ପ୍ରଭୃତି ଭାଷାରେ ସ୍ୱରଚିତ କବିତା ଆବୃତ୍ତି କରି ପରିବେଶକୁ ଭାବମୟ କରିଥିଲେ। ଏ ଅବସରରେ ବେତନଟୀରୁ ପ୍ରକାଶିତ କଇଁଫୁଲ ପତ୍ରିକାର ୧୦ମ ବର୍ଷ ପ୍ରଥମ ସଂଖ୍ୟା ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ପରେ ସଭାପତି ଡା. ଜେନା ପଠିତ କବିତାର ସମୀକ୍ଷା କରି ଦେଶପ୍ରେମ, ଆଧ୍ୟାତ୍ମିକ ଚେତନା ତଥା ମା' ମାଟି ପ୍ରତି ମମତ୍ୱ ପ୍ରକାଶ କରୁଥିବା କବିତାର ସୁନ୍ଦର ସମୀକ୍ଷା କରିଥିଲେ। ଏହି ଉତ୍ସବରେ ଡ. ଶଶୀଧର ବିଶ୍ୱାଳ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ କବି, କବୟିତ୍ରୀ, ସାମ୍ବାଦିକ, ବୁଦ୍ଧିଜୀବୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ସିମିଳାବନ୍ଧରେ ଅଷ୍ଟପ୍ରହରୀ ନାମଯଜ୍ଞ

**କୁଆମରା, ୨୭ ।୧(ସମିସ):** ଗୋପବନ୍ଧୁନଗର ବ୍ଲକ କୁଶଳଦା ପଞ୍ଚାୟତ ସିମିଳାବନ୍ଧସ୍ଥ ପ୍ରସିଦ୍ଧ ବାବା ସିଦ୍ଧେଶ୍ୱର ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କରମଳା ଆଶ୍ରମ ବାବାଜୀ ହରିହର ଦାସ, ବାବାଜୀ ଶ୍ୟାମସୁନ୍ଦର ଦାସ ଓ ଦୀନବନ୍ଧୁ ଦାସ ଯୋଗ ଦେଇଥିଲେ। ଶିବପ୍ରୀୟା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

# ୩ଟି ଟ୍ରାନ୍ସଫର୍ମରରୁ କୋର୍ ଓ କଏଲ ଚୋରି

**ରାଇରଙ୍ଗପୁର, ୨୭।୧ (ସମିସ):** ଭଞ୍ଜକିଆ ଅଞ୍ଚଳରୁ ୩ଟି ଟ୍ରାନ୍ସଫର୍ମରରୁ କୋର ଓ କଏଲ ଚୋରି ହୋଇଛି। ଏ ନେଇ ଟାଟା ପାୱାର ଯଶିପୁର ବିଦ୍ୟୁତ ସେକ୍ସନ କନିଷ୍ଠ ଯନ୍ତ୍ରୀ ଶଶଧର ସାହୁ ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ଭଞ୍ଜକିଆ, ଭ୍ରମରପୋଷି ଓ ଧାଙ୍ଗିଡିପୋଷି ଗ୍ରାମ ଅଞ୍ଚଳରେ ବିଦ୍ୟୁତ ସମସ୍ୟା ହେବାରୁ ଲାଇନ ମ୍ୟାନ ଯାଞ୍ଚ କରିଥିଲେ। ତେବେ ୩ଟି ଟ୍ରାନ୍ସଫର୍ମର ମଧ୍ୟରୁ କୋର ଓ କଏଲ ଚୋରି ହୋଇଥିବା ସୂଚନା ପାଇଥିଲେ। ଫଳରେ ଉକ୍ତ ଗ୍ରାମର ଉପଭୋକ୍ତା ଅନ୍ଧାରରେ ଅଛନ୍ତି। ଏହାର ଆନୁମାନିକ ମୂଲ୍ୟ ୧, ୫୦, ୦୦୦ ଟଙ୍କା ଅଟେ। ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଆରପଟାକୁ ହରାଇ ଜୁଆଳିଆ ଏଫ୍‌ସି ଚାମ୍ପିଅନ୍

**କୁଆମରା, ୨୭ ।୧(ସମିସ):** ଗୋପବନ୍ଧୁ ନଗର ବ୍ଲକ ଜୟପୁର ପଞ୍ଚାୟତ ମାର୍ଶି ଗାଁ ୟୁଥ କ୍ଲବ ପକ୍ଷରୁ ଦ୍ୱିତୀୟ ବାର୍ଷିକ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ଆରପଟା ଏଫ୍‌ସିକୁ ହରାଇ ଜୁଆଳିଆ ଏଫ୍‌ସି ଚାମ୍ପିଅନ୍ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସମାଜସେବୀ କଲ୍ଲୋଳ ସିଂ, ଜ୍ୟୋତିଶଙ୍କର ସାହୁ,



ଜ୍ୟୋତି ରଞ୍ଜନ ରାଜ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର ବିନ୍ଧାଣୀ ଯୋଗଦେଇ ଚାମ୍ପିଅନ ଦଳକୁ ୩୦ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ୨୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଯୁବକ ସଂଘ ସଭାପତି ହିତେଶ କୁମାର ସାହୁ, ସମ୍ପାଦକ ଟିଟୁ ମୁଖୀ, ମାଧବାନନ୍ଦ ମାଝୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବଚପନ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାରିପଦା, ୨୭ ।୧(ସମିସ):** ସ୍ଥାନୀୟ ସହିଦ ସ୍ମୃତି ଭବନରେ ବଚପନ ବିଦ୍ୟାଳୟର ଅଧ୍ୟକ୍ଷ ମିନାକ୍ଷୀ ପାତ୍ରଙ୍କ ପୌରୋହିତ୍ୟରେ ବାର୍ଷିକ ଉତ୍ସବ 'ସ୍ମାଇଲ୍ସ ଆଣ୍ଡ ସାର୍କଲ୍ସ' ପାଳିତ ହୋଇଯାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଗୋଗେନାନୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ବିଶେଷ ଅତିଥି ଓ ସମ୍ମାନିତ ଅତିଥି ଭାବେ ସିନେ କଳାକାର ସୁକାନ୍ତ ରଥ ଯୋଗଦେଇ ପିଲାଙ୍କ ନୈତିକ ମୂଲ୍ୟବୋଧ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ତ୍ରିଷ୍ଟି ସ୍ୱରୂପ ଦାସ, ଶୁଭ୍ରାନ୍ତି ମହାନ୍ତି, ସୌମେନ ମହାନ୍ତି, ଶୁଭସ୍ମିତା ମହାନ୍ତି, ଅମିତ ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରେ କୁନି କୁନି ପିଲା ନୃତ୍ୟ ପରିବେଷଣ କରିଥିବାବେଳେ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଜହ୍ନବି ଉଙ୍ଗର ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣତନ୍ତ୍ର ଦିବସରେ ରକ୍ତଦାନ ଶିବିର

**ବାରିପଦା, ୨୭ ।୧(ସମିସ):** ବାରିପଦା ରକ୍ତ ଭଣ୍ଡାରରେ ଭାରତୀୟ ରେଡକ୍ରସ ସୋସାଇଟିର ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ଗଣତନ୍ତ୍ର ଦିବସ ଅବସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲା ଅଧ୍ୟକ୍ଷ ତଥା ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଶିବିରକୁ ଜିଲ୍ଲା ଜରୁରିକାଳୀନ ଅଧିକାରୀ ତଥା ଭାରତୀୟ ରେଡକ୍ରସ ସୋସାଇଟିର ମୟୂରଭଞ୍ଜ ଜିଲ୍ଲା ଶାଖା ସମ୍ପାଦକ ଶ୍ରଦ୍ଧା ସୁମନ, କାର୍ଯ୍ୟକାରୀ ସଦସ୍ୟ ଅମର ସେଠୀ, ଆଜୀବନ ସଦସ୍ୟ ଅସୀମ ଚକ୍ରବର୍ତ୍ତୀ ଓ ଜୁନିଅର ରେଡକ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣି ପ୍ରମୁଖ ଉଦଘାଟନ କରିଥିଲେ। ରକ୍ତ ଅଭାବଜନିତ ସମସ୍ୟାକୁ ଦୂରୀଭୂତ କରିବା ପାଇଁ ଗଣତନ୍ତ୍ର ଦିବସରେ ଏଭଳି ମହତ ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ। ରକ୍ତଦାନ ଶିବିରରେ ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଜିଲ୍ଲା ଜରୁରୀକାଳୀନ ଅଧିକାରୀ କାର୍ଯ୍ୟାଳୟର କର୍ମଚାରୀ ଚିନ୍ମୟ ଶତପଥୀ, ରବୀନ୍ଦ୍ର ନାଥ ଦାଶ, ଅମୃତା ଶତପଥୀ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ। କିଚକ ବେହେରା, ସଞ୍ଜୀବ ମହାନ୍ତି, ଦେବାଶିଷ ଗୁପ୍ତା ଓ ରକ୍ତ ଭଣ୍ଡାର କର୍ମଚାରୀ ସହଯୋଗ କରିଥିଲେ।

# ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପିତ



**ବହଳଦା, ୨୭।୧ (ସମିସ):** ଝରାଡିହି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଦେଓଲା ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ନବଚରଣ ମାଝୀ ଓ ମୁଖ୍ୟବକ୍ତା ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବହଳଦା ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭଶ୍ରୀ ସିଂ, ଡା. ମୋହନ ସିଂ, ପ୍ରାକ୍ତନ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମଣ୍ଡଳ, ଓଷ୍ଟା ସଭାପତି ଦୁର୍ଯ୍ୟୋଧନ ବେହେରା, ଏସଏମସି ଅଧକ୍ଷ ବୃହସ୍ପତି ବେହେରା ଓ ବହଳଦା ବିଧାୟକ ପ୍ରତିନିଧି ବିକାଶ ଅଗ୍ରୱାଲ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ମିତା ହାଁସଦା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ରଘୁନାଥ ମାଝୀ ଓ ବରିଷ୍ଠ ଶିକ୍ଷୟିତ୍ରୀ ଧରିତ୍ରୀ ବେହେରା ମଞ୍ଚ ପରିଚାଳନା କରିଥିଲେ। କେନ୍ଦ୍ର ସରକାରଙ୍କ ପ୍ରଯୋଜିତ ଶିକ୍ଷା ଯୋଜନା ପିଏମଶ୍ରୀ ସ୍କୁଲ ଫର ରାଇଜିଂ ଇଣ୍ଡିଆ। ଏହି ଯୋଜନାର ଲକ୍ଷ୍ୟ ହେଉଛି ଚୟନିତ ସରକାରୀ ବିଦ୍ୟାଳୟକୁ ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ (ଏନଇପି) ସହିତ ଉତ୍କର୍ଷ ବିଦ୍ୟାଳୟରେ ପରିଣତ କରି ସଶକ୍ତ କରିବା ବୋଲି ସାଂସଦ ଶ୍ରୀ ମାଝୀ ଓ ବିଧାୟକ ଶ୍ରୀ ନାଏକ ପ୍ରକାଶ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଷ୍ଟଲରେ ଜଳପାନ ଦୋକାନ ସହିତ ବିଭିନ୍ନ ପ୍ରଦର୍ଶନୀ ଲଗାଇଥିଲେ। ଏଥିସହିତ ଛାତ୍ରଛାତ୍ରୀ ନୃତ୍ୟ, ସଙ୍ଗୀତ ଓ ନାଟକ ପ୍ରଦର୍ଶନ କରିଥିଲେ। ଝରାଡିହି ପିଏମଶ୍ରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକାଧିକ ଛାତ୍ରୀନିବାସ ରହିଥିବାବେଳେ ବାଳକ ବିଦ୍ୟାର୍ଥୀଙ୍କ ପାଇଁ ଛାତ୍ର ନିବାସ ନିତାନ୍ତ ବୋଲି ପୂର୍ବତନ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମଣ୍ଡଳ ସାଂସଦ ନବଚରଣ ମାଝୀ ଓ ରାଇରଙ୍ଗପୁର ବିଧାୟକ ଜଲେନ ନାଏକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ୱୟଂସହାୟିକା ଗୋଷ୍ଠୀ ସଭାନେତ୍ରୀ ରଶ୍ମିତା ମହାକୁଡ଼, ସାମ୍ବାଦିକ ବସନ୍ତ ସାଣ୍ଡିଲ, ଦିନେଶ ମହାନ୍ତ, ଝରାଡିହି ଫରେଷ୍ଟର ଏମଡି ମୁସଲେମ ପ୍ରମୁଖଙ୍କ ସହ ଏସଏମସି କମିଟି ସଦସ୍ୟ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଓଷ୍ଟା କାର୍ଯ୍ୟକାରିଣୀ ସଭାପତି ପ୍ରକାଶ ନାଏକଙ୍କ ସହ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରିୟାଂଶୀ ରାଧେ କଲେଜର ବାର୍ଷିକ ଉତ୍ସବ




**ବୈଶିଙ୍ଗା, ୨୭ ।୧(ସମିସ):** ବୈଶିଙ୍ଗାସ୍ଥ ପ୍ରିୟାଂଶୀ ରାଧେ ବିଜ୍ଞାନ ଆବାସିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇଂରାଜୀ ଅଧାପକ ସୁଶାନ୍ତ ରାଉତ ପ୍ରାରମ୍ଭିକ ସୂଚନା ଦେବା ସହିତ ବରିଷ୍ଠ ପଦାଧିକାରୀ ଓ ଆମନ୍ତ୍ରିତ ଅତିଥିଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ। ସମ୍ପାଦକ ଈଶାନ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିବା ପୂର୍ବରୁ ଅନୁଷ୍ଠାନର ପରଲୋଗତ କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ଖଟୁଆ ଓ ଉପଦେଷ୍ଟା ବିଜୟ ଆଚାର୍ଯ୍ୟଙ୍କ ପତ୍ନୀ କବିତା ଆଚାର୍ଯ୍ୟଙ୍କ ନିମନ୍ତେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟଅତିଥି ଭାବେ କବି ପ୍ରଶାନ୍ତ ଦାସ, ମୁଖ୍ୟବକ୍ତା ଶିକ୍ଷାବିତ ଦିଲ୍ଲୀପ ଭୋଇ, ସମ୍ମାନିତ ଅତିଥି ଯୁବ ବିକାଶର ନିର୍ଦ୍ଦେଶକ ଗୋବିନ୍ଦ ଦଳାଇ ଓ ନୂଆଦିଲ୍ଲୀସ୍ଥ ଗୁଞ୍ଜ ଅନୁଷ୍ଠାନର ଆଞ୍ଚଳିକ ସଂଯୋଜକ ସୁରେଶ କୁମାର, ବୈଶିଙ୍ଗା ଥାନା ଅଧିକାରିଣୀ ବାରିଣୀ ଦାସ, କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ବିଜୟ ଆଚାର୍ଯ୍ୟ ଓ କୋଷାଧକ୍ଷ କରୁଣାକର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ଉପଦେଶ ଦେଇଥିଲେ।

କ୍ରିଷ୍ଣା ଏଜୁ୍ୟକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ସୁଶାନ୍ତ ନାୟକ ସଭାପତିତ୍ୱ କରିଥିବାବେଳେ ଇଂରାଜୀ ଅଧାପକ ସୁଶାନ୍ତ ରାଉତ ମଞ୍ଚ ପରିଚାଳନା କରିଥିଲେ। ଶୁଭେନ୍ଦୁ ଗିରି ଧନ୍ୟବାଦ ଅର୍ପଣ କରିଛନ୍ତି। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ନାଟକ ପରିବେଷଣ କରାଯାଇଥିଲା। ସୁବ୍ରତ ଦଣ୍ଡପାଟ, ରଞ୍ଜିତ ନାୟକ, ରତିକ ମଲ୍ଲିକ, ଶିକ୍ଷକ ପ୍ରକାଶ କର, ସୌମ୍ୟ ସୌରଭ ପଣ୍ଡା, ରବିନ ସାହୁ, ତାପସ ସାହୁ, ଅଞ୍ଜନା ଜେନା, ଗୀତାଞ୍ଜଳି ବେହେରା, ଗୀତାଞ୍ଜଳି ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଭିଜିତ୍‌ଙ୍କୁ ଶ୍ରଦ୍ଧାଞ୍ଜଳି



**ଉଦଳା, ୨୭।୧(ସମିସ):** ସଙ୍ଗୀତ ଦୁନିଆର ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମଜୁମଦାରଙ୍କ ବିୟୋଗରେ ଉଦଳା ସେବା ସଂଗଠନ ପକ୍ଷରୁ ସ୍ଥାନୀୟ ଗଣେଶ ମନ୍ଦିର ପ୍ରାଙ୍ଗଣରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ଅଭିଜିତ ମଜୁମଦାରଙ୍କ ଫଟୋଚିତ୍ରରେ ପୁଷ୍ପ ଓ ଧୂପ ଦେଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଓଡ଼ିଆ ସିନେ ଜଗତରେ ଏକ ଅପୂରଣୀୟ କ୍ଷତି ବୋଲି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଉଦଳା ସେବା ସଂଗଠନର ସଦସ୍ୟ ବୀରେନ୍ଦ୍ର ମଢେଇ, ଗତିକୃଷ୍ଣ ମହାପାତ୍ର, ବିଜୟ ବେହେରା, ବସନ୍ତ ଲେଙ୍କା, ବିଜୟ କମିଲା, କୁଞ୍ଜବିହାରି ଘୋଷ ଉପସ୍ଥିତ ଥିଲେ। ବୁଦ୍ଧିଜୀବୀ ଜୟକୃଷ୍ଣ ପୃଷ୍ଟି, ଗୋପୀନାଥ ଜେନା, ଉଦୟ ନାରାୟଣ ବେହେରା, ନୀଳମାଧବ ମହାନ୍ତି, ପ୍ରଫୁଲ୍ଲ ହୋତା ପ୍ରମୁଖ ଯୋଗ ଦେଇଥିଲେ।

# ମାଗଣା କୋଚିଂ ସେଣ୍ଟର ଉଦ୍‌ଘାଟିତ



**ରାଇରଙ୍ଗପୁର, ୨୭।୧(ସମିସ):** ରାଇରଙ୍ଗପୁରରେ ଭଏସ ଅଫ୍ ଶ୍ରମିକ ଫାଉଣ୍ଡେସନ ଅଫ୍ ଇଣ୍ଡିଆ ପକ୍ଷରୁ ମାଗଣା କୋଚିଂ ସେଣ୍ଟର ଉଦ୍‌ଘାଟିତ ହୋଇଛି। ରାଜ୍ୟ ଅଧକ୍ଷ ବିଷ୍ଣୁ ଦାସଙ୍କ ପରିଚାଳନାରେ ଜିଲ୍ଲା ସଂଯୋଜକ ଅମର ମହାନ୍ତ ଓ ରାଇରଙ୍ଗପୁର ବ୍ଲକ କୋଡିନେଟର ରୂପକ ମହାନ୍ତିଙ୍କ ଉପସ୍ଥିତି କ୍ରମେ ଉଦଘାଟନ ହୋଇଛି। ବହଳଦା ବ୍ଲକ ଅଳାଁଯୋଡ଼ି ପଞ୍ଚାୟତର ୩ଟି ଗ୍ରାମ କୁଦରସାହି, ବିକ୍ରମପୁର ଓ ତିଖିଆ ଗ୍ରାମର ଗରିବ ଶ୍ରେଣୀର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାଗଣା କୋଚିଂ ପାଇବେ। ଏଥିରେ ବହଳଦା ବ୍ଲକ କୋଡିନେଟର ଆକାଶ ମହାନ୍ତ, ପଞ୍ଚାୟତ ସର୍ଭେ ଅଫିସର ବାସନ୍ତୀ ବେସ୍ରା, କୁଦରସାହି ଗ୍ରାମ ସିଆରପି ନିରୂପମା ମହାନ୍ତ, ଶିକ୍ଷୟିତ୍ରୀ ନନ୍ଦିତା ମହାନ୍ତ, ବିକ୍ରମପୁର ଗ୍ରାମ ସିଆରପି ଅନୁସୂୟାଁ ମହାନ୍ତ, ୱାର୍ଡ ମେମ୍ବର ଦୀପାଞ୍ଜଳି ମହାନ୍ତ, ଶିକ୍ଷୟିତ୍ରୀ ମଧୁସ୍ମିତା ମହାନ୍ତ, ତିଖିଆ ଗ୍ରାମର ସିଆରପି ଦେବକୀ ମହାନ୍ତ, ଶିକ୍ଷୟତ୍ରୀ ଭାରତୀ ମହାନ୍ତ ଓ ଗ୍ରାମବାସୀଙ୍କ ସହଯୋଗରେ ଉଦଘାଟନ କରାଯାଇଥିଲା। ଉକ୍ତ ଉଦଘାଟନୀ ସମାବେଶରେ ସ୍କିଲ ଇଣ୍ଡିଆ ପକ୍ଷରୁ ମାଗଣାରେ ଖାତା ଓ କଲମ ଯୋଗାଇ ଦିଆଯିବା ସହିତ ଆଗାମୀ ଦିନରେ ମୟୂରଭଞ୍ଜ ଜିଲ୍ଲାର ପ୍ରତି ବ୍ଲକର ପଞ୍ଚାୟତରେ ଏଭଳି କୋଚିଂ ସେଣ୍ଟର ଖୋଲିବାର ପୟାସ ରଖିଛି ବୋଲି ଏନଜିଓ କର୍ମକର୍ତ୍ତା ସୂଚନା ଦେଇଥିଲେ।

# ନିଶାମୁକ୍ତି ଭାରତ ଅଭିଯାନର ଶୁଭାରମ୍ଭ

**କରଞ୍ଜିଆ, ୨୭।୧(ସମିସ):** କରଞ୍ଜିଆର ଆଧ୍ୟାତ୍ମିକ, ସାମାଜିକ ସଂସ୍କାର ଅନୁଷ୍ଠାନ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କରଞ୍ଜିଆ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ଭ୍ରାମ୍ୟମାନ ରଥର ମଧ ଉଦଘାଟନ କରାଯାଇଛି। ବ୍ରହ୍ମ କୁମାରୀ ଦମୟନ୍ତୀ, ମୁଖ୍ୟ ସଞ୍ଚାଳିକାଙ୍କ ସଭାପତିତ୍ୱରେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ମନୋଜ କୁମାର ସାହୁ, ଏବିଇଓ ସନ୍ତୋଷ ମିଶ୍ର, ବ୍ରହ୍ମ କୁମାର ବିକାଶ ଓ ବ୍ରହ୍ମ କୁମାର ଡା. ଧୀରେନ୍ଦ୍ର ନାଥଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଉଦଘାଟନ ହୋଇଥିଲା।




ପ୍ରାରମ୍ଭରେ ଅନୁଷ୍ଠାନର ସମସ୍ତ ବ୍ରହ୍ମ କୁମାରୀ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଡା. ବ୍ରହ୍ମ କୁମାର ଧୀରେନ୍ଦ୍ର ନାଥ ନିଶା ସେବନର କୁପରିମାଣ, ଏହା ସମାଜ, ପରିବାରର କିପରି କ୍ଷତି କରୁଛି, ନିଶା ସେବନରୁ କିପରି ବ୍ୟକ୍ତିଙ୍କୁ ଦୂରେଇ ରଖିହେବ, ଯୋଗ, ଧ୍ୟାନ ଦ୍ୱାରା କିପରି ନିଶା ସେବନକୁ ନିୟନ୍ତ୍ରଣ କରି ହେବ ତା' ଉପରେ ସେ ଆଲୋଚନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ଏକ ଭ୍ରମ୍ୟମାଣ ରଥକୁ ଉଦଘାଟନ କରାଯାଇଥିଲା। ନିଶା ସେବନର ଭୟଙ୍କର ପରିସ୍ଥିତି ଉପରେ ଡା. ଜ୍ୟୋତିର୍ମୟୀ ତ୍ରିପତି, ଡା. ଭାଗବତ ଲେଙ୍କା, ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ ବକ୍ତବ୍ୟ ରଖିଥିଲେ। ବ୍ରହ୍ମକୁମାରୀ ମଞ୍ଜୁ ସମସଦତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ମୟୂରଭଞ୍ଜ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟା

# ବୌଦ୍ଧିକ ଆଲୋଚନା ଓ ସାରସ୍ୱତ ସଭା





**ବାରିପଦା, ୨୭।୧(ସମିସ)**

ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟାରେ ବୌଦ୍ଧିକ ଆଲୋଚନା ଓ ସାରସ୍ୱତ ସଭା ଆୟୋଜିତ ହୋଇଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସ୍ୱନାମଧନ୍ୟ ଗୀତିକାର ପ୍ରାଧ୍ୟାପକ ସୁନୀଲ କୁମାର ଜେନା, ପ୍ରାକ୍ତନ କଲେଜ ଅଧକ୍ଷଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନା ସଭାରେ ବିଶିଷ୍ଟ ଯୁବ ସାହିତ୍ୟିକ ଦେବେନ୍ଦ୍ର ପ୍ରସାଦ ବଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରିପଦା, ମା' ମାଟିର କବି ସଞ୍ଜୟ କୁମାର ଚୌଧୁରୀ ବରିଷ୍ଠ ପତ୍ରକାର, ଶିକ୍ଷାବିତ ବିନୋଦ କୁମାର ଦାସ ଯଥାକ୍ରମେ ମୁଖ୍ୟଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକବିଂଶ ଶତାବ୍ଦୀର ସ୍ମାର୍ଟଫୋନ୍ ଓ କମ୍ପ୍ୟୁଟରଗ୍ରସ୍ତ ସାମ୍ପ୍ରତିକ କାଳଖଣ୍ଡରେ ଭାଷା ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ନିମନ୍ତେ ପୁସ୍ତକ ଅଧ୍ୟୟନ ତଥା ମାତୃଭାଷାରେ ଲିଖନ ପଠନ ଯେ କେତେ ଅପରିହାର୍ଯ୍ୟ ସେ ବିଷୟରେ ଆଲୋକପାତ କରିଥିଲେ। କୃତୀ ଶିକ୍ଷକ ଦୀପକ କୁମାର ଦଣ୍ଡପାଟ ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବାସନ୍ତୀଲତା ମହାପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

ସଦସ୍ୟ ଅଜୟ କୁମାର ପାଳ, ସଂଯୁକ୍ତା ଚାନ୍ଦ, ଜୟନ୍ତ କୁମାର ପାଣିଗ୍ରାହୀ, ଦୀପକ କୁମାର ଭୂୟାଁ, ଅଜିତ କୁମାର ପାଣିଗ୍ରାହୀ, ସୁପ୍ରୀତି ଦଳବେହେରା, ଅଜିତ କୁମାର କବାଟ ଓ କୈବଲ୍ୟ ପ୍ରସାଦ ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ମୟୂରଭଞ୍ଜ ଆର୍ଟ ଫାଉଣ୍ଡେସନର ୪୫ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଓ ଛାତ୍ରଛାତ୍ରୀ ଓଡ଼ିଶାର ପାରମ୍ପାରିକ ନାଚଠାରୁ ଆରମ୍ଭ କରି ଓଡିଶୀ ଶାସ୍ତ୍ରୀୟ ନୃତ୍ୟ ପର୍ଯ୍ୟନ୍ତ ସଂଖ୍ୟାଧିକ ମନଛୁଆଁ ନୃତ୍ୟ ଓ ନୃତ୍ୟନାଟିକା ପରିବେଷଣ କରିଥିଲେ। ଅଧାପକ ସମରେନ୍ଦ୍ର ବସା, ଜଗନ୍ନାଥ ସାହୁ, ଗୋପାଳ ଚନ୍ଦ୍ର ସାଓ, ଫାଉଣ୍ଡେସନର ଗୁରୁଜୀ ଗୁରୁମା ଓ ସାଇ ଚିତ୍ରାଳୟର ନିର୍ଦ୍ଦେଶିକା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।






# ପ୍ରବଳ ହଟ୍ଟଗୋଳରେ ସରିଲା ବସ୍ତା ପଞ୍ଚାୟତ ସମିତି ବୈଠକ

ବସ୍ତା ବ୍ଲକ, ୨୭।୧ (ସମିସ)



ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକରେ ଚଳିତ ନବବର୍ଷ ୨୦୨୬ର ପ୍ରଥମ ପଞ୍ଚାୟତ ସମିତି ବୈଠକ ପ୍ରବଳ ହଟ୍ଟଗୋଳ ମଧ୍ୟରେ ସମାପ୍ତି ହୋଇଛି। ମଙ୍ଗଳବାର ବସ୍ତା ବ୍ଲକ ସଭାଗୃହରେ ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବସ୍ତା ବିଧାୟିକା ସୁବାସିନୀ ଜେନା, ଜଳେଶ୍ୱର ବିଧାୟକ ଅଶ୍ୱିନି କୁମାର ପାତ୍ର, ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ବସ୍ତା ବିଡ଼ିଓ ମିହିର ରଞ୍ଜନ ବେହେରା, ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁ ପ୍ରିୟା ବୁଗୁଡି ଯୋଗ ଦେଇଥିଲେ। ପ୍ରାରମ୍ଭରୁ ଗୃହରେ ଅସନ୍ତୋଷ ଦେଖା ଦେଇଥିଲା। ବିଧାୟିକା ଶ୍ରୀମତୀ ଜେନା ଖୋଦ୍ ବସ୍ତା ବିଡ଼ିଓଙ୍କ ଉପରେ ବର୍ଷିଥିଲେ। ବସ୍ତା ବିଡ଼ିଓ ଓ ଅଧ୍ୟକ୍ଷାଙ୍କ ମନମାନି ପାଇଁ ପଞ୍ଚାୟତ ସମିତି ଗୃହର ମର୍ଯ୍ୟାଦା ହାନି ଘଟୁଛି। ଲୋକଙ୍କ ସେବା ପାଇଁ ଜନପ୍ରିନିଧି ସେବା ଯୋଗାଇବାକୁ ବ୍ରତ ଭାବେ ଗ୍ରହଣ କରୁଥିବା ବେଳେ ବସ୍ତା ବ୍ଲକ ଅଧିକାରୀଙ୍କ ଦାୟିତ୍ୱହୀନତାକୁ ସେ ସିଧାସଳଖ ଗୃହରେ ଦର୍ଶାଇ ଥିଲେ। ବିଧାୟକ ମାନଙ୍କ ଅନେକ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମ ରହୁଥିବାରୁ ବୈଠକ ପୂର୍ବରୁ ତାଙ୍କୁ ସ୍ୱତନ୍ତ୍ର ଭାବେ ଜଣା ଯାଉ ନାହିଁ। କେବଳ ହ୍ୱାଟ୍ସରେ ଚିଠି ଦେଇ ସେମାନେ ଚୁପ୍ ରହୁଛନ୍ତି। ଏହି ଭଳି ଘଟଣା ତାଙ୍କ ଉପରେ ଘଟିଥିବାରୁ ସେ ବିଳମ୍ବରେ ଖବର ପାଇ ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରି ବିଳମ୍ବରେ ସମିତି ବୈଠକକୁ ଆସିଥିଲେ। ଯାହା ଫଳରେ ଦୁଇ ଘଣ୍ଟା ବିଳମ୍ବରେ ବୈଠକ ଆରମ୍ଭ ହୋଇଥିଲା। ଏହି ଘଟଣା କୁ ନେଇ ଜନ ପ୍ରତିନିଧି ମାନେ ଗୃହରେ କ୍ଷୋଭ ପ୍ରକାଶ କରିଥିଲେ। ନିର୍ଦ୍ଧାରିତ ସମୟରେ ପଞ୍ଚାୟତ ସମିତି ବୈଠକ ହେଉ ନଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଯାହା ଫଳରେ ସମୟ ଅଭାବରୁ ଅନେକ ଗୁରୁତ୍ୱ ପୂର୍ଣ୍ଣ ବିଭାଗ ଉପରେ ଆଲୋଚନା ହୋଇ ପାରୁନାହିଁ। ଏହି ଘଟଣା ପରେ ଅଧ୍ୟକ୍ଷା ଅଞ୍ଜଳି ଦାସ ଓ ବିଡ଼ିଓ ତାହାର ପ୍ରତିକ୍ରିୟା ରଖିବା ପରେ ଗୃହ ସ୍ୱାଭାବିକ ଅବସ୍ଥାକୁ ଫେରିଥିଲା। ପ୍ରଥମେ ସ୍ୱାସ୍ଥ୍ୟ ବିଭାଗ ଉପରେ ଆଲୋଚନା ହୋଇଥିଲା। ବ୍ଲକର ସମସ୍ତ ସବ ସେଣ୍ଟରରେ କର୍ମଚାରୀ ଡ୍ୟୁଟି କରୁନଥିବା ନେଇ ହଟ୍ଟଗୋଳ ହୋଇଥିଲା। ଭିତ୍ତିଭୂମି ଥାଇ ମଧ୍ୟ ସବ ସେଣ୍ଟର୍ ନିର୍ମାଣ ହୋଇ ନଥିବା ଅଭିଯୋଗ ଉପରେ ଆଲୋଚନା କରାଯିବା ସହିତ କଣ କଣ ନିର୍ମାଣ କାର୍ଯ୍ୟ ହେଉଛି ତାହା ମେଡିକାଲ ଇନ ଚାର୍ଜ ଜାଣି ପାରୁନଥିବାରୁ ଏନ୍ଏଚଏମର ଯନ୍ତ୍ରୀ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ସମିତି ବୈଠକରେ ପର୍ଯ୍ୟାପ୍ତ ସମୟରେ ଆଲୋଚନା ହୋଇ ପାରୁ ନ ଥିବାରୁ ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ସମସ୍ତ ଅସୁବିଧାକୁ ଦୁଇ ବିଧାୟକଙ୍କୁ ବ୍ୟକ୍ତିଗତ ଭାବେ ଜଣାଇବାକୁ ମେଡିକାଲ ଇନ ଚାର୍ଜ ସମୀର ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁକୁଳିଶି ସରପଞ୍ଚ ଅମିତ କୁମାର ବିଶ୍ୱାଳ ଏକ ଗୁରୁତ୍ୱ ପୂର୍ଣ୍ଣ ସମସ୍ୟାର ଦୃଷ୍ଟି ଆକର୍ଷଣ କରି ଉତ୍ତର ମାଗିଥିଲେ। ବସ୍ତା ଉପରେ ବସ୍ତା, ବାଲିଆପାଳ, ସଦର, ଜଳେଶ୍ୱର, ସହିତ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର, ମୋରୋଡା ବ୍ଲକର ଲୋକେ ନିର୍ଭରଶୀଳ। ଏହା ସହିତ ୬୦ ନମ୍ବର ଜାତୀୟ ରାଜପଥ ରେ ଦୁର୍ଘଟଣା। ବସ୍ତା ହସ୍ପିଟାଲକୁ ଆସୁଥିବା ରୋଗୀଙ୍କ ମୃତ୍ୟୁ ହେଲେ ମାମଲା ରୁଜୁ କରି ପୁଲିସ ବ୍ୟବଚ୍ଛେଦ କରିବାର ପ୍ରବିଧାନ ରହିଛି। ମାତ୍ର ବାହାର ମୃତଦେହକୁ ବସ୍ତା ହସ୍ପିଟାଲର ଡାକ୍ତର ବ୍ୟବଚ୍ଛେଦ ନକରି ନିଜ ଅଞ୍ଚଳର ଥିବା ହସ୍ପିଟାଲକୁ ପଠାଇ ଦେଉଛନ୍ତି। ଡାକ୍ତର ଆଗରେ ପୁଲିସ ନୀରବଦ୍ରଷ୍ଟା ସାଜିଥିବା ବେଳେ ମୃତଦେହ ଧରି ସମ୍ପର୍କୀୟ ମୋଟ ଅର୍ଥ ଖର୍ଚ୍ଚ କରି ବାଲେଶ୍ୱର ଅଥବା ବାରିପଦା ନେଇ ଯାଉଛନ୍ତି। ଫଳରେ ୩ ଦିନରୁ ଅଧିକ ସମୟ ଧରି ମୃତକଙ୍କ ଅନ୍ତ୍ୟେଷ୍ଟି ହୋଇ ପାରୁ ନାହିଁ। ଲୋକେ କାନ୍ଦି ବୋବାଳି ଭାଗ୍ୟ କୁ ନେଇ ଯାଉଛନ୍ତି। ଅନେକ କ୍ଷେତ୍ରରେ ନେତା ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଯାଇ ବ୍ୟବଚ୍ଛେଦ ହେଉଛି। ଏହି ଭଳି ଘଟଣାକୁ ନେଇ ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା କ୍ଷୋଭ ପ୍ରକାଶ କରିବା ସହିତ ଚିକିତ୍ସା ଅଧିକାରୀ ଶ୍ରୀ ପଣ୍ଡାଙ୍କୁ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଡାକ୍ତର ଅଭାବ ସମସ୍ୟା କହି ଶ୍ରୀ ପଣ୍ଡା ଆଡେଇ ଯାଉଥିବା ବେଳେ ଆଗରୁ ମଧ୍ୟ ତ ଡାକ୍ତର ଅଭାବ ଥିଲା ସେତେବେଳେ ତ ବ୍ୟବଚ୍ଛେଦ

**ବିଡିଓଙ୍କ ଉପରେ ବର୍ଷିଲେ ବିଧାୟିକା**

ହେଉଥିଲା ଏବେ କାହିଁକି ହେଉନି ତାହା ଉପରେ ଜନ ପ୍ରତିନିଧି ପ୍ରଶ୍ନ କରିଥିଲେ। ଏହାପରେ ଚିରାଚରିତ ଭାବେ ମହିଳା ଶିଶୁ ବିଭାଗ, ପାନୀୟଜଳ ଉପରେ ପ୍ରବଳ ହୋହଲ୍ଲା ହୋଇଥିଲା। ଏହି ଦୁଇ ବିଭାଗ ଉପରେ ଅଲଗା ଅଲଗା ବୈଠକ କରିବାକୁ ବାରମ୍ବାର ଦାବି ହେଉଥିବା ବେଳେ ବିଭାଗ ହେୟ ମଣିବା ଅତ୍ୟନ୍ତ ପରିତାପର ବିଷୟ ବୋଲି କୁହା ଯାଇଥିଲା। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ପାନୀୟ ଜଳ ବିଭାଗ ଉପରେ ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ତୁରନ୍ତ ଡାକିବାକୁ ଜନପ୍ରତିନିଧି ମାନେ ଦାବି ଦାବି କରିଥିଲେ। ପଞ୍ଚାୟତ ସମିତି ବୈଠକକୁ ଅନେକ ଅଧିକାରୀ ଆସୁନଥିବା ନେଇ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ସମିତି ବୈଠକକୁ ଭୋଜି ଭାତର ଆସର ନ ଭାବି ଲୋକଙ୍କ ପାଇଁ କାମ କରିବା ଓ ସମସ୍ତ ସୁବିଧା ଅସୁବିଧାକୁ ଗୃହରେ ସମାଧାନ କରିବାର ଏକ ମାଧ୍ୟମ ବୋଲି ବିଧାୟିକା ଶ୍ରୀମତୀ ଜେନା ପ୍ରକାଶ କରିଥିଲେ।

## ଜାତୀୟ ପତାକା ଉତ୍ତୋଳନ କଲାନି ବସ୍ତା ଗ୍ରାମ୍ୟ ବ୍ୟାଙ୍କ

ବସ୍ତା ବ୍ଲକ, ୨୭।୧ (ସମିସ): ସାରା ଭାରତ ବର୍ଷ ସୋମବାର ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ କରୁଥିବା ବେଳେ ଏହାର ଏକ ବଡ଼ ବ୍ୟତିକ୍ରମ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ବସ୍ତା ସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ବସ୍ତା ଶାଖା କାର୍ଯ୍ୟାଳୟରେ। ବସ୍ତାର ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ହସ୍ପିଟାଲ ସହିତ ବିଭିନ୍ନ ସଂଗଠନ ସାଧରତନ୍ତ ଦିବସରେ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ବସ୍ତା ବଜାର ମୁଖ୍ୟ ରାସ୍ତାରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଖୋଲା ଯାଇ ନ ଥିଲା କି ପତାକା ଉତ୍ତୋଳନ ହୋଇ ନ ଥିଲା। ଏହା ଜଣା ପଡ଼ିବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସଭ୍ୟ ସମାଜରେ ଶିକ୍ଷିତ ହୋଇ ସାଧାରଣତନ୍ତ୍ର ଦିବସ ପାଳନ ନ କରି ସରକାରୀ ଛୁଟି ପାଇ ବ୍ୟାଙ୍କ କର୍ମଚାରୀ ନ ଆସିବା ଦେଶ ଓ ଜାତୀୟ ପତାକାକୁ ଅସମ୍ମାନ କରାଯାଇଥିବା କୁହା



ଯାଉଛି। ଏହାର ତଦନ୍ତ ସହ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି। ବ୍ୟାଙ୍କ ଲଗାତାର ଭାବେ ଛୁଟି ଥିବାରୁ ବ୍ୟାଙ୍କ ମ୍ୟାନେଜରଙ୍କ ପ୍ରତିକ୍ରିୟା ମିଳି ପାରିନି।

## ବିଦ୍ୟୁତ ସଟ୍ସର୍କିଟରୁ ଜଳିଗଲା ୫ ଦୋକାନ

**● ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ**

ବାଲେଶ୍ୱର (ଉତ୍ତର)/ ଭୋଗରାଇ,୨୭।୧(ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବଜାରରେ ଗତ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୫ଟି ଦୋକାନ ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ଘଟଣାର ତଦନ୍ତ କରାଯାଉଥିବା ବେଳେ ଏହା ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଜଣା ପଡ଼ିଛି। ଦୋକାନ ଭିତରେ ଥିବା ଲକ୍ଷ ଲକ୍ଷ ଟଙ୍କାର ସମସ୍ତ ବିପଣନ ସାମଗ୍ରୀ ସହିତ ନଗଦ ଟଙ୍କା ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଥିଲେ ମଧ୍ୟ ନିଆଁକୁ ଆୟତ୍ତ କରି ପାରି ନ ଥିଲେ। ଫଳରେ ସବୁ କିଛି ଜଳି ଯାଇ ଛାର ଖାର ହୋଇଯାଇଥିଲା। ସୂଚନାଯୋଗ୍ୟ ଯେ ଭୋଗରାଇ ଥାନା ଅନ୍ତର୍ଗତ ଭୋଗରାଇ ବଜାରରେ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ଅମୂଲ୍ୟ ଗିରି, ଚନ୍ଦନ ଦାସ, ଅଜୟ ଜେନା, ସେଖ ସରାଉଦ୍ଦିନ ଏବଂ ସୁରେନ୍ଦ୍ର ଜେନା ଏହି ବଜାରରେ ଗ୍ରୋସରୀ ଦୋକାନ



ସମେତ ଅନ୍ୟାନ୍ୟ ଦୋକାନ ରହିଛି। ଗତ ସୋମବାର ରାତିରେ ସେମାନେ ଦୋକାନ ବନ୍ଦ କରି ଘରକୁ ଯାଇଥିବା ବେଳେ ବିଳମ୍ବିତ ରାତିରେ ହଠାତ ନିଆଁ ଲାଗି ଯାଇଥିଲା।

## ପଣ୍ଡିତ ଶ୍ରୀଧରସ୍ୱାମୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ରେମୁଣା, ୨୭।୧(ସମିସ): ଜଗତଗରୁ ପଣ୍ଡିତ ଶ୍ରୀଧର ସ୍ୱାମୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ୨୦୨୬ର ଦ୍ୱିତୀୟ ସନ୍ଧ୍ୟା ସଭା କାର୍ଯ୍ୟକ୍ରମରେ ଉପସ୍ଥାପିକା କୁମାରୀ ଇପ୍ସିତା ସ୍ୱାଇଁ ଗୌରାଙ୍ଗ ପଡ଼ିଆରି ଅତିଥି ପରିଚୟ ପ୍ରଦାନ କରିବା ବେଳେ ସଭାପତି ବିଜୟ ମହାକୁଡ଼ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ରୂପାୟନର ସମ୍ପାଦିକା ଶ୍ରଦ୍ଧାଞ୍ଜଳି ରାୟ, ମୁଖ୍ୟବକ୍ତା ବିଯୁଏସ ବିଦ୍ୟାପୀଠର ସଂସ୍କୃତ ଶିକ୍ଷୟିତ୍ରୀ ରାଜଶ୍ରୀ ପାଣିଗ୍ରାହୀ, ବରେଣ୍ୟ ବକ୍ତା ଅରବିନ୍ଦ ପଣ୍ଡା, ବଡ଼ପାଳ ସମିତି ସଭ୍ୟା ଶର୍ମିଷ୍ଠା ପତି, ସମ୍ପାଦକ ହରେକୃଷ୍ଣ ପଣ୍ଡା, ସ୍ମୃତି ପରିଷଦର ସଦସ୍ୟ ପରମାନନ୍ଦ ବାରିକ ପ୍ରମୁଖ ଅଭିଭାଷଣ ରଖିଥିଲେ। ଅପରାହ୍ନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପରିଷଦ ତତଫରୁ ଆୟୋଜନ କରାଯାଇ ମୋଟ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରଜତ ବାରିକ୍ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଅରୁଣ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ

ରାଜଘାଟ, ୨୭।୧ (ସମିସ): ବସ୍ତା ବ୍ଲକ୍ ରଘୁନାଥପୁର ପଞ୍ଚାୟତର ସଂଗ୍ରାମ ସ୍ପୋଟିଂ ଏବଂ କଲଚୁରାଲ କ୍ଲବ ଗିଲାଯୋଡି ଆନୁକୂଲ୍ୟରେ ୨୪ତମ ବାର୍ଷିକ ଅରୁଣ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ୮ଟି ଦଳକୁ ନେଇ ଆୟୋଜିତ ଏହି ତିନିଦିନିଆ ଟୁର୍ଣ୍ଣାମେଣ୍ଟକୁ ଗ୍ରାମର ଗୌରବ ତଥା ଓଡିଶା ସରକାରଙ୍କ ଅର୍ଥନୈତିକ ବିଭାଗର ଡେପୁଟି ସେକ୍ରେଟାରୀ ଅତୁଲ କୁମାର



ଜେନା ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ ନାଇଟ ରାଇଡର୍ସ କାଣ୍ଡଗାଁ ଏବଂ ଜାମଶୁଳି ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନାଇଟ ରାଇଡର୍ସ ପ୍ରଥମେ ଟସ୍ ଜିଣି ନିର୍ଦ୍ଧାରିତ ୨୦ ଓଭରରେ ୧୧୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଜାମଶୁଳି ଇଲେଭେନ ୧୬ ଓଭର ରେ ୭ ୱିକେଟ୍ ହରାଇ ବିଜୟ ହାସଲ କରିଥିଲା। ଜାମଶୁଳି ଦଳର ଖେଳାଳି କୁମାର କାଳିଚରଣ ମେନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଖେଳକୁ ଅମ୍ପାୟାର ଭାବେ ଶିକ୍ଷକ ସନାତନ ଧଳ ଓ ଅଜୟ ଜେନା ପରିଚାଳନା କରିଥିବା ବେଳେ ସନ୍ଧ୍ୟାରେ କ୍ଲବ ସଭାପତି ଅତୁଲ କୁମାର ଜେନାଙ୍କ ପୌରହିତ୍ୟରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷକ ଜଗନ୍ନାଥ ମଲ୍ଲିକ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ଜ୍ୟୋତିର୍ମୟ ନନ୍ଦ ଯୋଗଦେଇ ଖେଳାଳୀଙ୍କୁ ଟ୍ରଫି ଓ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। କ୍ଲବର ସମ୍ପାଦକ ତଥା ପୁଲିସ ଇନ୍ସପେକ୍ଟର ବରୁଣ କୁମାର ଜେନା, ସଦସ୍ୟ ବଳରାମ ମଲ୍ଲିକ, ସରୋଜ ସାହୁ, ସୁରେଶ ଜେନା, ଝାଡେଶ୍ୱର ଜେନାଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଯାତ୍ରୀବାହୀ ବସ୍‌କୁ ପିଟିଲା ଟ୍ରେଲର

ସିମୁଳିଆ,୨୭।୧(ସମିସ): ଯାତ୍ରୀବାହୀ ବସ୍‌କୁ ପଛପଟୁ ଧକ୍କା ଦେଇ ଟ୍ରେଲର ଡ୍ରାଇଭର ଓ ଖଲାସୀ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ସିମୁଳିଆ ମେଡିକାଲ ଓ ପରେ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସିମୁଳିଆ ଥାନା ଅନ୍ତର୍ଗତ ଜାମ୍ବୁଝାଡ଼ି ୧୬ନଂ ଜାତୀୟ ରାଜପଥର ନେସନାଲ ଢାବା ନିକଟରେ ବିଳମ୍ବିତ ରାତିରେ ଏକ ରାତ୍ରୀ କାଳୀନ ପଶ୍ଚିମବଙ୍ଗରୁ ଭୁବନେଶ୍ୱର ଯାଉଥିବା ଯାତ୍ରୀବାହୀ ବସକୁ ଏକ ଟ୍ରେଲର ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଦୁର୍ଘଟଣା ଘଟାଇଥିବା ଟ୍ରେଲର ଚାଳକକୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ନିମନ୍ତେ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ମାତ୍ର ବସରେ ଥିବା ଯାତ୍ରୀଙ୍କ କିଛି ହୋଇ ନ ଥିବା ଜଣାପଡ଼ିଛି।

## ଫ୍ରେଣ୍ଡସ୍ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର



ଜଳେଶ୍ୱର, ୨୭।୧ (ସମିସ): ଫ୍ରେଣ୍ଡସ୍ କ୍ଲବ୍ ପକ୍ଷରୁ ସରସ୍ୱତୀ ପୂଜା ଓ ୨୪ ପ୍ରହର ନାମ ସଙ୍କୀର୍ତ୍ତନ ଅବସରରେ ଜଳେଶ୍ୱର ବ୍ଲକ୍ ଖାଲିନା ଫ୍ରେଣ୍ଡସ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରକୁ ଅବସରପ୍ରାପ୍ତ ଶିକ୍ଷକ ନବକର କୁମାର ପାଠୀ ଓ ନାରାୟଣ ଚନ୍ଦ୍ର ସାମଲ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ଜିଲ୍ଲା ରକ୍ତଦାତା ସଂଘର ଆଜୀବନ ସଦସ୍ୟ ଆଇନଜୀବୀ ଅଶୋକ ଦାସ, ରକ୍ତକେନ୍ଦ୍ରର ଡାକ୍ତର ଆଶୁତୋଷ ପ୍ରଧାନ ଯୋଗ ଦଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସଭାପତି ଶିବ ସୁନ୍ଦର ଜେନା ଓ ସମ୍ପାଦକ ରଞ୍ଜନ କୁମାର ପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୩୭ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ସଭ୍ୟ ରଞ୍ଜନ ଜେନା, ରଞ୍ଜିତ ସାମଲ, ଅଜୟ ଦାସ, ଅଜୟ ବେହେରା, ଅଜୟ ମହାପାତ୍ର, ଅମରଜିତ କର, ଅଞ୍ଜନ କର ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଜାତୀୟ ରାଜପଥରୁ ଯୁବକଙ୍କ ମୃତଦେହ ଉଦ୍ଧାର

ସୋର, ୨୭।୧ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ନାୟକବନ୍ଧ ଛକ ନିକଟରୁ ଜଣେ ଯୁବକଙ୍କ ମୃତଦେହକୁ ସୋର ପୁଲିସ ଉଦ୍ଧାର କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପଶ୍ଚିମବଙ୍ଗ ହାୱଡା ଜିଲ୍ଲା ଜଗତବଲ୍ଲଭପୁର ଥାନା ପାନ୍ଠଥଆଲ ଗ୍ରାମର ଗୌତମ ଦାସ (୫୮) ଭୁବନେଶ୍ୱରରେ ବ୍ୟବସାୟ କରନ୍ତି। ଗତ ରବିବାର ବିଳମ୍ବିତ ରାତିରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଯାଇଥିବା ଖବର ପାଇ ଗ୍ରାମକୁ ଫେରୁଥିଲେ। କିନ୍ତୁ ନାୟକବନ୍ଧ ଛକ ନିକଟରେ ରାସ୍ତା ଉପରେ ତାଙ୍କ ମୃତଦେହ ପଡ଼ିଥିବା ଖବରପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ତାଙ୍କ ନିକଟରେ ଥିବା ମୋବାଇଲକୁ ଜବତ କରିବା ପରେ ତାଙ୍କ ପରିଚୟ ଜାଣିବାକୁ ପାଇଥିଲା। ଫଳରେ ପୁଲିସ ତାଙ୍କ ପରିବାର ଲୋକଙ୍କୁ ଖବର ଦେବାପରେ ପରିବାର ଲୋକେ ସୋର ଥାନାରେ ପହଞ୍ଚିଥିଲେ। ପରିବାର ଲୋକଙ୍କ ଅଭିଯୋଗ ମୂଳେ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ତେବେ ସେ କେଉଁ ପରିସ୍ଥିତିରେ ଏଠାରେ ପଡ଼ିଥିଲେ, କେଉଁଥିରେ ଭୁବନେଶ୍ୱରରୁ ଫେରୁଥିଲେ ତାହା ପୁଲିସ ତଦନ୍ତ କରୁଛି।

## ଗୌରହରି ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା

କାଳିପଦା, ୨୭।୧ (ସମିସ): ସମାଜସେବୀ ଗୌର ହରି ଜେନାଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ କଟୁଆପଡା ବାସଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଅଧ୍ୟାପକ ସୁକାନ୍ତ ଗିରିଙ୍କ ସଭାପତିତ୍ୱରେ ବରିଷ୍ଠ ସାମ୍ବାଦିକ ଅଜୟ ସାହୁ, ପ୍ରଫୁଲ୍ଲ ପାତ୍ର, ସନ୍ୟାସୀ ବେହେରା, ହରେକୃଷ୍ଣ ତ୍ରିପାଠୀ, ଶ୍ରୀହରି ମଣ୍ଡଳ, ଗୋପାଳ ସାହୁ, ରାହା ସମ୍ପାଦିକା ଆରତୀ ପାତ୍ର, ସୁକାନ୍ତ ରଣା, ସୁବୋଧ ପାତ୍ର, ଚିତ୍ତରଞ୍ଜନ ପାତ୍ର, ବଟକୃଷ୍ଣ ନାୟକ, ବାବୁ ସାହୁ, ବରେନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ଥିଲେ। ବଡ଼ ପୁଅ ଜଗବନ୍ଧୁ ଜେନା, ହରବନ୍ଧୁ ଜେନା, ଦୀନବନ୍ଧୁ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବସ୍ତା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାସଦନର ବାର୍ଷିକ ଉତ୍ସବ

ବସ୍ତା ବ୍ଲକ, ୨୭।୧ (ସମିସ): ବସ୍ତା ବ୍ଲକ ମାଛିଆସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ସଦନ ଓ ଶ୍ରୀ ଅରବିନ୍ଦ ଶିକ୍ଷା ସଦନ ୟୁପି ସ୍କୁଲର ୩୮ ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ସ୍କୁଲ ପରିସରରେ ପାଳିତ ହୋଇଛି। ସଭାପତି ଖଗେନ୍ଦ୍ର ନାଥ ପରିଡ଼ାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, ମୁଖ୍ୟବକ୍ତା ଭାବେ ପ୍ରଫେସର ଦିଲ୍ଲୀପ କୁମାର ଭୋଇ, ସମ୍ମାନିତ ଅତିଥି ଭାବେ ସତ୍ୟ ନାରାୟଣ କର୍ଣ୍ଣାନି, ପୂର୍ବତନ ସରପଂଚ ସତ୍ୟ ନାରାୟଣ ଗୁପ୍ତା, ଅନିଲ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ସ୍କୁଲର ଅଧ୍ୟକ୍ଷ ଅଭିରାମ ପରିଡ଼ା, ଚିତ୍ତ ରଞ୍ଜନ କର ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ସତ୍ୟନାରାୟଣ କର୍ଣ୍ଣାନୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ସ୍କୁଲର କୁନି ପ୍ରତିଭା ସହିତ ବିଭିନ୍ନ ବିଭାଗ ର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଜଳେଶ୍ୱର ଜେପିଏଲ ଟୁର୍ଣ୍ଣାମେଣ୍ଟ ସିଜିନ-୨ର ଲିଜେଣ୍ଡ ଟୁର୍ଣ୍ଣାମେଣ୍ଟ

ଜଳେଶ୍ୱର, ୨୭ ।୧ (ସମିସ): ଜଳେଶ୍ୱର ଜେପିଏଲ କ୍ରୀକେଟ ଟୁର୍ଣ୍ଣାମେଣ୍ଟ ସିଜିନ-୨ର ଖେଳ ଆରମ୍ଭ ପୂର୍ବରୁ ଭେଟେରାନ ଖେଳାଳୀ ମାନଙ୍କୁ ନେଇ ୨ଦିନିଆ ୧୦ଓଭର ବିଶିଷ୍ଟ ଟୁର୍ଣ୍ଣାମେଣ୍ଟର ଆଜି ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟକୁ କଂଗ୍ରେସ ଦଳର ଯୁବା ନେତ୍ରୀ ତଥା ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ସୁପୁତ୍ରୀ ଜୟସ୍ମିତା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଫିତାକାଟି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱର କଂଗ୍ରେସ ବ୍ଲକ ସଭାପତି ରାଜୀବ ପରିଡା, ନଗରସଭାପତି ଗିରିଜାଶଙ୍କର ଦାସ, କଂଗ୍ରେସର ବରିଷ୍ଠ ନେତା ଫରୀଦ ଅହମ୍ମଦ, ୭ନଂ ୱାର୍ଡ କାଉନସିଲର ମୀର ଆବାସ ଅଲ୍ଲୀ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ରାଜପୁର ଇଲେଭେନ, ନବଜ୍ୟୋତି କ୍ରିକେଟ କ୍ଲବ, ହାଜିବାବା



ଲିଜେଣ୍ଡ ଲେଗାସ୍-୨୦୨୬, ଫଚୁଘଣ୍ଟା କ୍ରିକେଟ କ୍ଲବ, ପଥରପୁରା କ୍ରିକେଟ କ୍ଲବ, ଉଇ-ଇଲେଭେନ ଦଳ ଭାଗ ନେଇଥିବା ବେଳେ ଆଜିର ପ୍ରଥମ ଖେଳରେ ରାଜପୁର ଇଲେଭେନ ସହିତ ନବଜ୍ୟୋତି କ୍ରିକେଟ କ୍ଲବ ଅଂଶ ଗ୍ରହଣ କରିଥିଲା। ଏହି ଖେଳକୁ ହାଜିବାବା ଆଥଲେଟିକ୍ ସଦସ୍ୟ ମାନେ ପରିଚାଳନା କରିଥିଲେ।

## ଆଜିଠୁ ସିମୁଳିଆ ମହୋତ୍ସବ

ସିମୁଳିଆ, ୨୭।୧(ସମିସ): ସିମୁଳିଆ ମହୋତ୍ସବ ମହୋତ୍ସବ -୨୦୨୬ନିମନ୍ତେ ସିମୁଳିଆ ମହୋତ୍ସବ କମିଟି ପକ୍ଷରୁ ମାର୍କୋଣା ଡାକ ବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କମିଟିର ନିର୍ଦ୍ଦେଶକ ନୀଳମାଧବ ପଣ୍ଡାଙ୍କ ସଭାପତିତ୍ୱରେ ସିମୁଳିଆ ମହୋତ୍ସବ କମିଟିର ସମ୍ପାଦକ କମଳଶ୍ରୀ ମହାନ୍ତି, ଉପସଭାପତି ନୃସିଂହ ଚରଣ ମିଶ୍ର ଓ ଆଇନ ପରାମର୍ଶଦାତା ଆଡଭୋକେଟ କୈଳାଶ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ୫ଦିନ ଧରି ମହୋତ୍ସବର ଅଧିକ ଆକର୍ଷଣୀୟ ସରସ ସୁନ୍ଦର କାର୍ଯ୍ୟକ୍ରମ କରିବା ପାଇଁ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ୫ଦିନ ବ୍ୟାପି ହେବାକୁ ଥିବା ମହୋତ୍ସବ ଚଳିତ ମାସ ୨୮ ତାରିଖରେ ଆରମ୍ଭ ହୋଇ ଫେବୃୟାରୀ ୧ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ଝାଡ଼େଶ୍ୱର ଶିକ୍ଷା ସଂସ୍ଥାନର ଗଣତନ୍ତ୍ର ଦିବସ

ବାଲେଶ୍ୱର, ୨୭।୧(ସମିସ): ଝାଡ଼େଶ୍ୱର ଶିକ୍ଷା ସଂସ୍ଥାନ ପରିସରରେ ୭୭ ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ।



ସଂସ୍ଥାର ବିଭିନ୍ନ ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ଶୃଙ୍ଖଳାବଦ୍ଧ ପରେଡ଼ ସମସ୍ତଙ୍କୁ ମୁଗ୍ଧ କରିଥିଲା। ସଂସ୍ଥାର ଚେୟରମ୍ୟାନ ପରମାନନ୍ଦ ସାନ୍ତରା ଓ ମ୍ୟାନେଜିଂ ଡାଇରେକ୍ଟର ସର୍ବେଶ୍ୱର ସାନ୍ତରାଙ୍କ ନେତୃତ୍ୱରେ ସମଗ୍ର କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହା ସହ ଝାଡ଼େଶ୍ୱର ଏଜୁକେସନାଲ୍ ଟ୍ରଷ୍ଟର ଡିନ୍ ଡ. ବିନାୟକ ସାହୁ, ପ୍ରଶାସନିକ ଅଧିକାରୀ ପତିତପାବନ ସାହୁ ଓ ସମସ୍ତ ବିଭାଗର ଅଧ୍ୟକ୍ଷମାନେ ମଞ୍ଚାସୀନ ଥିଲେ। ଝାଡ଼େଶ୍ୱର ଇଣ୍ଟରନେସନାଲ୍ ସ୍କୁଲ ଅଧ୍ୟକ୍ଷ ପରେଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବେନିୟମ ସେଲୋ ବସାଇବାକୁ ନେଇ ଚାଷୀଙ୍କ ଆନ୍ଦୋଳନ

ଜଳେଶ୍ୱର, ୨୭।୧ (ସମିସ)

ଓଡିଶା ଉଠା ଜଳସେଚନ ବିଭାଗର ବେନିୟମ ଗଭୀର ନଳକୂପ (ସେଲୋ) ଖନନକୁ ନେଇ ଜଳେଶ୍ୱର ବ୍ଲକ ଗୋବରଘଟା ଗ୍ରାମ ଫଚାୟତର ୧ନଂ ପାଣି ପଞ୍ଚାୟତର ଚାଷୀମାନେ କାର୍ଯ୍ୟାଳୟ ସମ୍ମୁଖରେ ଦିନ ୧୦ଟାରୁ ଆନ୍ଦୋଳନରେ ବସିଥିଲେ। ସୂଚନାନୁଯାୟୀ ଗୋବରଘଟା ଗ୍ରାମ ପଞ୍ଚାୟତର ୧ନଂ ପାଣି ଫଚାୟତ ଅଞ୍ଚଳରେ ଥିବା



ସେଲୋଟି ଖରାପ ହୋଇଯାଇଛି। ଫଳରେ ନୂତନ ଭାବରେ ବସାଯାଉଥିବା ଗଭୀର ନଳକୂପଟି ଜନୈକ ବ୍ୟକ୍ତିଙ୍କ ପରାମର୍ଶରେ ଓ ଚାଷ ଜମି ନଥିବା ବ୍ୟକ୍ତିଙ୍କ ଜାଲ ଦସ୍ତଖତରେ, ବିଭାଗୀୟ ଅଧିକାରୀଙ୍କ ବିନା ଯାଂଚରେ ପ୍ରକଳ୍ପ କାର୍ଯ୍ୟାଦେଶ ଦିଆଯାଇଛି ବୋଲି ଅଭିଯୋଗ କରି ତୁରନ୍ତ ଖନନ କାର୍ଯ୍ୟ ବନ୍ଦ କରିବା ପାଇଁ ଓଡିଶା ଉଠା ଜଳସେଚନ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାରଣାରେ ବସିଥିଲେ। ଅଭିଯୋଗ ଅନୁଯାୟୀ ବସାଯାଉଥିବା ନୂତନ ସରକାରୀ ସେଲୋଟି ଯଥା ସ୍ଥାନରେ ମରାଯାଉ ନ ଥିବାରୁ ପ୍ରକୃତ ଚାଷୀମାନେ ଉପକୃତ ହେବେ ନାହିଁ। ତେଣୁ ଏହି ଉକ୍ତ ପ୍ରକଳ୍ପକୁ ବନ୍ଦ କରିବା ସହିତ ନୂତନ ଜାଗାରେ ଯାଞ୍ଚ କରି ସେଲୋ ବସାଯାଉ ବୋଲି ଦାବୀ କରିଛନ୍ତି। ଶେଷରେ ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକ, ବିଭାଗୀୟ ସହକାରୀ ଯନ୍ତ୍ରୀ ଲକ୍ଷ୍ମୀନାରାୟଣ ପାତ୍ରୀ ଆନ୍ଦୋଳନକାରୀମାନଙ୍କ ସହିତ ଆଲୋଚନା କରିବା ପରେ ଆନ୍ଦୋଳନ ହଟିଥିଲା।

ସକାଳ
THE SAKALA

# ସମ୍ପାଦକୀୟ



ବିଶ୍ୱରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ନିକଟରେ ଅଧିକ ସମୟ ଏବଂ ଅନେକ ଉପାଦାନ ଲୁଚି ରହିଥାଏ।

- ଓସ୍କାର ୱାଇଲ୍ଡ

## ଅପ୍ରସ୍ତୁତ ସଂଗଠନ ମୁଖିଆ

ରାଜ୍ୟରେ ଆଗୁଆ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ନେଇ ସୃଷ୍ଟି ହୋଇଥିବା ବିବାଦୀୟ ପରିସ୍ଥିତି ଓ ଦ୍ୱନ୍ଦ୍ୱର ଅବସାନ ଘଟିଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ସ୍ପଷ୍ଟ ଘୋଷଣା ପରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ସେମାନଙ୍କ ୫ ବର୍ଷ କାର୍ଯ୍ୟକାଳ ପୂରଣ କରିପାରିବେ। କିନ୍ତୁ ବିଭିନ୍ନ ସ୍ଥାନରେ ଖାଲି ପଡ଼ିଥିବା ୨୦୪୩ ୱାର୍ଡମେମ୍ବର, ୪୩ ସରପଞ୍ଚ, ୪୦ ସମିତି ସଭ୍ୟ ଓ ୫ ଜିଲ୍ଲା ପରିଷଦ ସଦସ୍ୟ ପଦ କେବେ ପୂରଣ ହେବ ତାହା ସ୍ପଷ୍ଟ ହୋଇନାହିଁ। ବର୍ଷାଧିକ କାଳ ଏହି ପଦ ଶୂନ୍ୟ ପଡ଼ିଥିବା ବେଳେ ତାହାର ପୂରଣ ସକାଶେ ଉପନିର୍ବାଚନର ଆବଶ୍ୟକତାକୁ ଆୟୋଗ ଏଡ଼ାଇ ଯାଇଛନ୍ତି। ତାଙ୍କ ବକ୍ତବ୍ୟରୁ କିନ୍ତୁ ସ୍ପଷ୍ଟ ହେଉଛି ଯେ ଆଗାମୀ ପଞ୍ଚାୟତ ନିର୍ବାଚନ ପର୍ଯ୍ୟନ୍ତ ସେହି ପଦ ଖାଲି ପଡ଼ିବ। ଏକଥା ସତ ଯେ ମୁଖ୍ୟ ନିର୍ବାଚନ ଆୟୋଗ ଉପନିର୍ବାଚନ ପାଇଁ ପ୍ରୟାସ କରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଘୋଷିତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରି ନେଇଥିଲେ। ଗତବର୍ଷ ଜୁନରେ ଏହି ଉପନିର୍ବାଚନ ହେବାର ଥିଲା, ସମ୍ଭାବ୍ୟ ମୌସୁମୀ ବର୍ଷା ଦର୍ଶାଇ ନିଷ୍ପତ୍ତି ବଦଳାଯାଇଛି। ଏମିତି ଦେଖିଲେ, ଗତ ବେଶ କିଛିବର୍ଷ ଧରି ରାଜ୍ୟରେ ମୌସୁମୀ ବର୍ଷା ଜୁନରେ ସେଭଳି ବିପର୍ଯ୍ୟୟ ସୃଷ୍ଟି କରିନାହିଁ। ଏକଥା ଆୟୋଗ ବେଶ ବୁଝିବିଚାରି ବିଜ୍ଞାପ୍ତି ଜାରି କରିଥିଲେ ନିଶ୍ଚୟ। ତେଣିକି କଣ ଅସୁବିଧା ହେଲା ତାହା ଭିନ୍ନ କଥା।

ଦେଶର ବିଭିନ୍ନ ରାଜ୍ୟରେ ଭୋଟର ତାଲିକାର ବ୍ୟାପକ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ଆମ ରାଜ୍ୟରେ ଏସଆଇଆର କାର୍ଯ୍ୟ ଆରମ୍ଭ ହୋଇଯିବାର ସୂଚନା ମିଳିଛି। ଯେତେଦୂର ମନେହୁଏ ଆଗକୁ ଯେକୌଣସି ନିର୍ବାଚନ ହେବ ସେହି ସଂଶୋଧିତ ଭୋଟରତାଲିକା ଆଧାରରେ କାର୍ଯ୍ୟକାରୀ ହେବ। ତେଣୁ ଉପନିର୍ବାଚନ ଓ ନିର୍ବାଚନ ମଧ୍ୟରେ ଯେଉଁ ସୀମିତ ସମୟ ପାର୍ଥକ୍ୟ ରହିବ ସେଥିରେ ପୁରୁଣା ଓ ନୂଆ ଭୋଟର ତାଲିକାର ଭେଦ ଧରାପଡ଼ିଯିବ ଏବଂ ତାହାକୁ ନେଇ ସମ୍ଭାବ୍ୟ ଜନଅସନ୍ତୋଷକୁ ଏଡ଼ାଇ ଯିବା ହିଁ ସବୁଠାରୁ ଚତୁରତାପୂର୍ଣ୍ଣ କାର୍ଯ୍ୟ। ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗ ସ୍ପଷ୍ଟ କରିଛନ୍ତି ଆସନ୍ତା ବର୍ଷ ଜାନୁଆରୀ ମାସରେ ପଞ୍ଚାୟତ ନିର୍ବାଚନ ହେବ ଏବଂ ସେସମୟକୁ ଏସଆଇଆର ପ୍ରକ୍ରିୟା ପ୍ରାୟତଃ ଶେଷ ହୋଇଥିବ। ଏହି ବିବାଦ ବା ଦ୍ୱନ୍ଦ୍ୱର ସୂତ୍ରପାତ ହୋଇଥିଲା ବିଜେପି ରାଜ୍ୟ ସଭାପତିଙ୍କ ପକ୍ଷରୁ ଆଗୁଆ ନିର୍ବାଚନ ଇଙ୍ଗିତରୁ। ଦଳୀୟ ନେତା ଓ କର୍ମୀଙ୍କୁ ତୃଣମୂଳ ସ୍ତରରେ ପ୍ରସ୍ତୁତି ଆରମ୍ଭ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସ୍ୱାଭାବିକ ଭାବେ ଯେ କେହି ମନେ କରିବ ଯେ କ୍ଷମତାସୀନ ଦଳ ନିଶ୍ଚୟ ପ୍ରାକ୍ ସୂଚନା ପାଇ ଏହି ପ୍ରସ୍ତୁତି ପର୍ବ ଆରମ୍ଭ କରିଛନ୍ତି। ଯେଉଁଥି ସକାଶେ ଗୋଟିଏ ଦିନ ଅନ୍ତରରେ ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ପଞ୍ଚାୟତ ନିର୍ବାଚନ ସଂପର୍କରେ ସ୍ପଷ୍ଟ ଘୋଷଣା କରିବାକୁ ପଡ଼ିଲା।

ଏତଦ୍ ବ୍ୟତୀତ ୨୦୨୭ ଫେବୃୟାରୀରୁ ରାଜ୍ୟରେ ଜନଗଣନା ଆରମ୍ଭ ହେଉଥିବାରୁ ସମ୍ଭାବ୍ୟ ପ୍ରତିବନ୍ଧକ ଦୃଷ୍ଟିରୁ ଏଭଳି ଏକ ବିଚାରର ଯଥାର୍ଥତା ମଧ୍ୟ ଥାଇପାରେ। କିନ୍ତୁ ସରକାରୀ ସ୍ତରରେ ନିର୍ବାଚନ ପରିଚାଳନା ପାଇଁ ଆଗୁଆ ପାଣ୍ଠି ବ୍ୟବସ୍ଥା ହୋଇନଥିବାରୁ ହଠାତ୍ ସାଂଗଠନିକ ମୁଖ୍ୟ ଆଗପଛ ନ ବିଚାରି ଏଭଳି ଡେଇଁ ପଡ଼ିବାକୁ ଅପରିପକ୍ୱତା କୁହାଯାଇପାରେ। ●

## ଭାରତର ଇରାନ ନୀତି ଅପରିବର୍ତ୍ତିତ

ପରିବର୍ତ୍ତିତ ବିଶ୍ୱ ଭୂରାଜନୈତିକ ଦୃଶ୍ୟପଟ୍ଟରେ ପ୍ରସଙ୍ଗଭିତ୍ତିକ ସମର୍ଥନ ଓ ବିରୋଧ କେତେବେଳେ କେଉଁ ଦିଗକୁ ଯାଉଛି ତାହାକୁ ପର୍ଯ୍ୟାଲୋଚନା କଲାବେଳେ ଯେ କେହି ଆଶ୍ଚର୍ଯ୍ୟଚକିତ ହେବ। ବିଶେଷକରି ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ସକାଶେ କ୍ଷେତ୍ର ପ୍ରସ୍ତୁତିରେ ଜାତିସଂଘ ମାନବାଧିକାର ପରିଷଦରେ ଆଗତ ପ୍ରସ୍ତାବର ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବ ଏଥିରେ କାହାର ଦ୍ୱିମତ ହେବାର ନାହିଁ। ପରିଷଦର ୩୯ ତମ ଅଧିବେଶନର ଇରାନ ବିରୋଧୀ ପ୍ରସ୍ତାବ ଗୃହୀତ ହୋଇଛି। ସପକ୍ଷରେ ୨୫ ଭୋଟ ମିଳିଥିବା ବେଳେ ୧୪ ସଦସ୍ୟ ମତଦାନରୁ ବିରତ ରହିଛନ୍ତି। ବିରୋଧ କରିଥିଲେ ଭାରତ, ଚୀନ, ପାକିସ୍ତାନ, ଇରାକ ଓ ଇଣ୍ଡୋନେସିଆ ସମେତ ୮ ରାଷ୍ଟ୍ର। ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ନିଜର ପ୍ରାଧାନ୍ୟ ବିସ୍ତାର କରିବାରେ ପ୍ରମୁଖ ପ୍ରତିବନ୍ଧକ ଇରାନ ହୋଇଥିବା ବେଳେ ଆମେରିକା ସେଠାରେ ନେତୃତ୍ୱ ପରିବର୍ତ୍ତନ କରି ତାହାର ତୈଳସମ୍ପଦ ଅକ୍ତିଆର କରିବାକୁ ଚାହେଁ। ଗ୍ରୀନଲାଣ୍ଡ ପ୍ରସଙ୍ଗରେ ଟ୍ରମ୍ପଙ୍କ ଆଭିମୁଖ୍ୟକୁ ବିରୋଧ କରି ୟୁରୋପୀୟ ରାଷ୍ଟ୍ରସଂଘ ଓ ନାଟୋର ଅନ୍ୟ ସଦସ୍ୟମାନେ ଡାଭୋସ୍ ସମ୍ମିଳନୀରେ ଯେଉଁ ସ୍ୱତନ୍ତ୍ର ବିଚାର ଉପସ୍ଥାପନ କରିଥିଲେ ତାହା ଇରାନ କ୍ଷେତ୍ରରେ ପ୍ରତିଫଳିତ ହୋଇନାହିଁ। କାରଣ ମାନବାଧିକାର ପରିଷଦ ପ୍ରସ୍ତାବ ପ୍ରତି ୟୁରୋପୀୟ ରାଷ୍ଟ୍ରସଂଘର ସଦସ୍ୟ ରାଷ୍ଟ୍ର, ବ୍ରିଟେନ ଓ ଆଇଲାଣ୍ଡର ସମର୍ଥନ ମିଳିଛି।

ଇରାନ ମୁଦ୍ରାର ଦ୍ରୁତ ଅବମୂଲ୍ୟାୟନ ଘଟି ଦରଦାମ ବୃଦ୍ଧି ସୀମା ଅତିକ୍ରମ କରିଯିବାରୁ ତାହାର ତୀବ୍ର ପ୍ରତିବାଦ ଓ ବିକ୍ଷୋଭ ହୋଇଥିଲା। ପ୍ରାରମ୍ଭିକ ସ୍ତରରେ ସରକାର ପ୍ରତିବାଦର ଯଥାର୍ଥତା ଉପଲବ୍ଧି କରି ପରିସ୍ଥିତିକୁ ସୁଧାରିବା ଦିଗରେ କିଛି ପଦକ୍ଷେପ ଗ୍ରହଣ କରୁଥିବା ବେଳେ ହଠାତ୍ ହିଂସାକାଣ୍ଡ ଆରମ୍ଭ ହୋଇଯାଇଥିଲା। ଇରାନ ସରକାର ଏହାର ପୃଷ୍ଠଭାଗରେ ମୋସାଦ ଓ ଆଇଏସଆଇର ଭୂମିକା ଥିବା ଦର୍ଶାଇ କଠୋର ଦମନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ। ଫଳରେ ହଜାର ହଜାର ଲୋକ ମୃତାହତ ହେବା ସହ ବିପୁଳ ସଂଖ୍ୟାରେ ଲୋକଙ୍କୁ ଗିରଫ କରାଗଲା। ଦେଶରେ ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷା ଦୃଷ୍ଟିରୁ ଏହି କାର୍ଯ୍ୟାନୁଷ୍ଠାନ ଆବଶ୍ୟକତା କେତେ ଦୂର ଥିଲା ତାହା ଭିନ୍ନ କଥା। କିନ୍ତୁ ଏଥିପାଇଁ ଯେ ଇରାନ ବହିଃଶକ୍ତିଙ୍କ ସାମରିକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବ ତାହାର ଯଥାର୍ଥତା କେତେ? ଇରାନ ବିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନର ପ୍ରସ୍ତୁତିପର୍ବ ଆରମ୍ଭ ହେବା ପରେ ହିଁ ଜାତିସଂଘର ଏହି ପ୍ରସ୍ତାବ ଗୃହୀତ ହୋଇଛି। ଦୁଇ ଘଟଣାକ୍ରମକୁ ସଂଯୋଗ କରି ବିଚାର କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ କି ଏହା ଏବେ ଉଦ୍ଦେଶ୍ୟମୂଳକ କାର୍ଯ୍ୟାନୁଷ୍ଠାନ। ଅଥଚ ଇରାନର ଚବାହାର ବନ୍ଦରରେ ଭାରତର ବିପୁଳ ନିବେଶ ଦୃଷ୍ଟିରୁ ବାସନ୍ଦ ବା କଟକଣା ମୁକ୍ତ ପାଇଁ ଆମେରିକା ସହ ନୂଆଦିଲ୍ଲୀ କଥାବାର୍ତ୍ତା ଜାରି ରହିଛି। ଏଭଳି ଏକ ସମ୍ବେଦନଶୀଳ କୂଟନୈତିକ ପରିସ୍ଥିତି ମଧ୍ୟରେ ଭାରତ ଇରାନ ସପକ୍ଷରେ ଭୋଟ ଦେଇଛି। ଭାରତ ମତରେ ଜାତିସଂଘ ମାନବାଧିକାର ପରିଷଦର ଏହି ସ୍ୱତନ୍ତ୍ର ଅଧିବେଶନର କୌଣସି ଆବଶ୍ୟକ ନଥିଲା। ୨୦୨୨ ରେ ମଧ୍ୟ ଅନୁରୂପ ପ୍ରସ୍ତାବ ଆଗତ ବେଳେ ଭାରତ ମତଦାନରୁ ବିରତ ରହିଥିଲା। ●

# ଅପହୃତ 'ଓ' ଏବଂ ଅଭିଷିକ୍ତ 'ବନାମ'

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ଦୁଇଟି ଛୋଟ ଶବ୍ଦ - ଗୋଟିଏ ହେଉଛି 'ଓ', ଅନ୍ୟଟି ହେଉଛି 'ବନାମ'। 'ଓ' ଯୋଗ କରେ, ସଂପର୍କ ଯୋଡ଼େ, ସହବାସ ବା ସହାବସ୍ଥାନକୁ ସ୍ୱୀକାର କରେ, ଆପଣା ସାଙ୍ଗରେ ଅପରର ମିତ୍ରତା ବା ପରିଚିତିକୁ ପ୍ରତିଷ୍ଠା ଦିଏ। ଅପରପକ୍ଷରେ, 'ବନାମ' ଭେଦ ବା ବିରୋଧିତାକୁ ରେଖାଙ୍କିତ କରେ, ଗୋଟିଏ ଶିବିରକୁ ଦୁଇଟି ଶିବିରରେ ଭାଗଭାଗ କରିଦେବାର ସ୍ପର୍ଦ୍ଧିତ ଆଭାସ ଦିଏ ଏବଂ ଏମିତି କରି ତିକ୍ତବାଦାନୁବାଦ ପାଇଁ ମଞ୍ଚମାନ ସଜାଇ ଦେଇଥାଏ। ଆମର ଦୁର୍ଭାଗ୍ୟ, ଆଜି ଆମମାନଙ୍କ ଚିନ୍ତା, ଭାବନା, ଆମମାନଙ୍କ ନୀତି ଆଦର୍ଶ ସବୁଥିରୁ ଏହି ସୁନ୍ଦର, ନିର୍ମଳ 'ଓ' କୁ ଆମେ ନିର୍ବାସିତ କରିଦେଇଛେ ଏବଂ 'ବନାମ'କୁ ସଂଖୋଳି ଆଣିଛେ ଏକ ଦୁର୍ବୋଧ ଆଗ୍ରହାତିଶଯ୍ୟରେ, ଏକ ଉଗ୍ର ଉତ୍ତେଜିତ ମାନସିକତାର ସହ। ଆମେ ଆଜି ସବୁକିଛିକୁ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ, ପ୍ରତିସ୍ପର୍ଦ୍ଧୀ କରି ଠିଆ କରିଦେବା ପାଇଁ ନାନା ନଟକୂଟ କରିଚାଲିଛେ, ସବୁକିଛିକୁ 'ବନାମ'ର ବିଷମୟ ମାପଦଣ୍ଡରେ ମାପି ଚାଲିଛେ - ଏଇ ଯେମିତି: 'ମନୁଷ୍ୟ ବନାମ ପ୍ରକୃତି', 'ଧର୍ମ ବନାମ ବିଜ୍ଞାନ', 'ହିନ୍ଦୁ ବନାମ ମୁସଲମାନ ବା ଖ୍ରୀଷ୍ଟାନ', 'ବାମ ବନାମ ଦକ୍ଷିଣ'। ଏତିକିରେ ବି ସୀମିତ ଆଉ ଏବେ ନୁହନ୍ତି ଆଜିର 'ବନାମ'-ପ୍ରେମୀ ତଥାକଥିତ ବୁଦ୍ଧିଜୀବୀ ଓ ରାଜନେତାମାନେ। ଅମୂର୍ତ୍ତ ଭାବଭାବନା ପ୍ରତ୍ୟେକର ମଝିରେ 'ବନାମ'ଟି ଥାପି ଦେବାରେ ସନ୍ତୁଷ୍ଟ ନୁହନ୍ତି ସେମାନେ। ସେଥିପାଇଁ ଆଜି ଆମେ ଶୁଣିଚାଲିଛେ ବିଚାରବିମର୍ଶର ଅରୁଚିକର, ଅପ୍ରୀତିକର କୋଳାହଳ।

ଖୁବ୍ ସ୍ପଷ୍ଟତାର ସହ ଆମେ କିନ୍ତୁ ବୁଝିସାରିଲେଣି ଯେ ଏଇ 'ବନାମ' ଦୃଷ୍ଟିକୋଣ ସୁସ୍ଥ ଆଲୋଚନାକୁ ସଂଘର୍ଷରେ, ସ୍ୱାଭାବିକ ଭିନ୍ନତାକୁ ଶତ୍ରୁତାରେ, ଉଦାର ଗଣତାନ୍ତ୍ରିକ ମତବାଦକୁ ଘୃଣା ଓ ବିଦ୍ୱେଷରେ ପରିଣତ କରିଦେଇଥାଏ। ଆମେ ଯେତେବେଳେ 'ବନାମ'ର ଭାଷାରେ ପ୍ରଗଲ୍‌ଭ ଯୁକ୍ତି, ପ୍ରତିଯୁକ୍ତି ବାଢ଼ିଥାଉ, ଯେତେବେଳେ ଗୋଟିଏର ବା ଜଣଙ୍କର ପକ୍ଷ ନେଲେ ହିଁ ଆମ ଶାସନତନ୍ତ୍ରର ପ୍ରୀତିବିଧାନ କରିପାରିବୁ ବୋଲି ଭାବିଥାଉ, ସେତେବେଳେ ଆମ ପାଇଁ ମୂଲ୍ୟହୀନ ହୋଇଯାଇଥାଏ ନ୍ୟାୟସଂଗତ ବିଚାରଶୀଳତା, ନିଷ୍ପାପ ବିଚାର ଉପସ୍ଥାପନା ଏବଂ ମୂଲ୍ୟହୀନ ବି ହୋଇଯାଇଥାଏ ସାମ୍ବିଧାନିକ ଆଦର୍ଶ ତଥା ମୂଲ୍ୟବୋଧ। ଘୋର ଦୁର୍ଭାଗ୍ୟ, ଆଜି ଧାର୍ମିକ, ସାଂସ୍କୃତିକ ଓ ରାଜନୈତିକ ଦୃଶ୍ୟପଟ୍ଟରେ 'ବନାମ'ର ଅନ୍ଧପ୍ରୟୋଗ ଯୋଗୁଁ ବିଦାୟ ନେଇ ସାରିଲାଣି ତର୍କସିଦ୍ଧ ପ୍ରତ୍ୟେକ ବ୍ୟାଖ୍ୟାନ। ବିଦାୟ ବି ନେଇ ସାରିଲାଣି ସହୃଦୟ, ସହନଶୀଳ ମାନବୀୟ ଅନ୍ତରଙ୍ଗତା। ନିର୍ବାଚନ ଆଜି ଚିହ୍ନଟର ଯୁଦ୍ଧ- କିଏ କାହା ବିରୋଧରେ। ଭୋଟରମାନେ ଆଜି ନାଗରିକ ନୁହନ୍ତି, ନିର୍ବାଚନର ରଣାଙ୍ଗନରେ ସେମାନେ ଗୋଟିଏ ଗୋଟିଏ ପକ୍ଷର ଉଦ୍‌ଭ୍ରାନ୍ତ ସୈନିକ ଭାବରେ ନିୟୋଜିତ। ନିର୍ଦ୍ଦିଷ୍ଟ ଏକ ମତବାଦ, ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଆଦର୍ଶର ସର୍ବଜନୀନ, ସର୍ବଭାରତୀୟ ପ୍ରତିଷ୍ଠା ପାଇଁ ଅନ୍ୟ 'ସର୍ବଜନହିତାୟ' ଆଦର୍ଶ ସବୁକୁ ନେଇ ସମ୍ବାଦ ନୁହେଁ, ବିତଣ୍ଡା ବିବାଦ କେବଳ ସୂତ୍ରପାତ କରିଚାଲିଛନ୍ତି ତୁଙ୍ଗସ୍ତରୀୟ ନେତା, ଉପନେତାମାନେ। ସମ୍ବାଦ ପାଇଁ, ନିରପେକ୍ଷ ବିଚାର ଆଲୋଚନା ପାଇଁ 'ଓ' ର ଆବଶ୍ୟକତା; କିନ୍ତୁ ବିତଣ୍ଡା ବିବାଦ ପାଇଁ 'ବନାମ' ହିଁ ଲୋଡ଼ା।

ଅତୀତରେ ଏଇ 'ବନାମ' ବିଚାରଣାଟି ଯେ ଆଦୌ ନଥିଲା, ତାହା ନୁହେଁ। ତେବେ ଏକଥା ନିଶ୍ଚୟ ସତ୍ୟ ଯେ ବର୍ତ୍ତମାନର ପାଣିପାଗରେ ଏଇଟି ଏକପ୍ରକାର ଇଷ୍ଟପୂଜନ ପରି ମହତ୍ତ୍ୱ ଲାଭ କରିସାରିଲାଣି ଆମ ପୁରୋହିତମାନଙ୍କ ଆଚରଣ, ଉଚ୍ଚାରଣରେ ଏବଂ ବଶମ୍ବଦ ଯଜମାନମାନଙ୍କ ଚିନ୍ତନ କ୍ଷେତ୍ରରେ। ସବୁଠାରୁ ପ୍ରଦୂଷିତ ହୋଇଚାଲିଛି ଆମର ଧର୍ମ, ଆମର ଧାର୍ମିକ ଚିନ୍ତା ଚେତନା ଓ ଦୃଷ୍ଟିକୋଣ। ଧର୍ମର ସାର ଅର୍ଥ ଆଉ 'ବସୁଧୈବ କୁଟୁମ୍ବକମ୍' ନୁହେଁ, 'ସହନାଭବତୁ, ସହନୌଭୁନକ୍ତୁ, ସହବୀର୍ଯ୍ୟଂ କରବାବହେ' ନୁହେଁ। ଏହା ଏବେ ଭେଦ, ବିରୋଧିତା ଓ ସଂଘର୍ଷର ବାରୁଦଗୋଳା। 'ଧର୍ମ ବନାମ ଧର୍ମ'ର ବିଦ୍ୱେଷଭରା କୋଳାହଳ ଭିତରେ ହଜିଯାଇସାରିଲାଣି ମହାନ୍ ଭାରତୀୟ ସନାତନୀ ପରମ୍ପରାର 'ଯେତେ ମତ, ସେତେ ପଥ' ଏବଂ 'ଏକମ୍ ସତ୍, ବିପ୍ରା ବହୁଧା ବଦନ୍ତି' ପରି ଆର୍ଷବାକ୍ୟମାନ।

ଭାରତୀୟଜ୍ଞାନପାଠ ଓ ବିଚାରବିମର୍ଶ ପରମ୍ପରାରେ ସର୍ବଦା ସମଦୃଷ୍ଟି, ସମଚିନ୍ତନ ଏବଂ ସମନ୍ୱିତ ଭିନ୍ନତାକୁ ଆବଶ୍ୟକ ମହତ୍ତ୍ୱ ଦିଆଯାଇଥିଲା। ଭାରତୀୟ ଧର୍ମଦର୍ଶନପାଠରେ 'ଓ' ସର୍ବଦା ସୂଚିତ କରୁଥିଲା 'ଭିନ୍ନ ପଥ', 'ଭିନ୍ନ ମତ' ପ୍ରତି ସମ୍ମାନ ତଥା ଅଙ୍ଗୀକାରବଦ୍ଧତାକୁ; ଆମକୁ ସର୍ବଦା ସ୍ମରଣ କରାଇ ଦେଉଥିଲା ଯେ 'ସତ୍ୟ'ର ଦିଗନ୍ତ ଅନନ୍ତ ଏବଂ ସେଥିପାଇଁ ଏହାର ପରିପ୍ରକାଶର, ଏହାର ଅବଧାରଣାର ଭାଷା ଓ ମାର୍ଗ ମଧ୍ୟ ଅସୀମିତ। ଯେଉଁ ସନାତନ ଦର୍ଶନ ଓ ଉପନିଷଦୀୟ ଚିନ୍ତାଧାରାରେ ଧର୍ମର ଅର୍ଥ ଥିଲା ମାନବୀୟ ଚେତନାରେ ଅସୀମ, ଅନନ୍ତ ପ୍ରତି ଉନ୍ମୁଖତା ଜାଗରିତ କରିବା, ସେହି ଧର୍ମ ଆଜି ଆମକୁ ସଂକୀର୍ଣ୍ଣ ଧର୍ମାନ୍ଧତାର ଅନ୍ଧାର ମଧ୍ୟକୁ ନିକ୍ଷେପ କରିସାରିଲାଣି। ଏ ଜୀବନ ଓ ଜଗତର ଅପରିମେୟ ଜଟିଳତା, ଅପରିସୀମ ରହସ୍ୟ ପ୍ରତି ଏକ ବିନମ୍ର, ସଂଭ୍ରମ ଆଭିମୁଖ୍ୟ ପୋଷଣ କରିବାର ମାଧ୍ୟମ ଥିଲା 'ଆସ୍ଥା ଓ ଧାର୍ମିକତା'। ମାତ୍ର ଆଜି ଏହା ଅନୁଦାରତା, ଅସହିଷ୍ଣୁତା ଓ ବହୁସଂଖ୍ୟକବାଦ-ଭିତ୍ତିକ ଅସ୍ମିତାବୋଧର ମାଧ୍ୟମ ପାଲଟି ସାରିଲାଣି।

କେଉଁ ଧର୍ମ, କେଉଁ କର୍ମ, କେଉଁ ଆଦର୍ଶ ଶ୍ରେୟସ୍କର କି ନୁହେଁ, ସେହି ପ୍ରସଙ୍ଗ ସଂପର୍କିତ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କବି 'ରୁମି' ଚମତ୍କାର କାବ୍ୟିକ ମନ୍ତବ୍ୟଟିଏ ଦେଇଥିଲେ: 'କେଉଁଟା ଠିକ୍, କେଉଁଟା ଭୁଲ, କ'ଣ ଶ୍ରେୟସ୍କର ଓ କ'ଣ ଶ୍ରେୟସ୍କର ନୁହେଁ - ଏମିତି ଭାବନାର ଊର୍ଦ୍ଧ୍ୱରେ ଅନ୍ୟ ଯେଉଁ ସୁନ୍ଦର, ବିସ୍ତୀର୍ଣ୍ଣ କ୍ଷେତ୍ରଟି ରହିଛି, ଚାଲ ସେଇଠି ଆମେ ପରସ୍ପରକୁ ଭେଟିବା; ସେଇଠି ଚେତନାର ଯେଉଁ ନିତ୍ୟରାସ ଚାଲିଛି, ସେଇଥିରେ ଅବଗାହନ କରିବା'। ହାୟ! ଆଜି ଆମମାନଙ୍କୁ ଏମିତି ଉଦ୍‌ବୁଦ୍ଧ କରିବାର ସତ୍‌ପ୍ରତିଭା କାହାର ଅଛି?

ଏହି ବିମର୍ଷକର ପରିସ୍ଥିତିରୁ ମୁକ୍ତି ପାଇଁ ଆମର ଲୋଡ଼ା ନୂଆ ବ୍ୟାକରଣ, ନୂଆ ସମୀକରଣ - ଯେଉଁଠି କେବଳ ଥିବ 'ଓ'; କିନ୍ତୁ 'ବନାମ' ନୁହେଁ। 'ଓ' ଦୁର୍ବଳତା ନୁହେଁ, ଏହା ଗଭୀର ଆତ୍ମବିଶ୍ୱାସର ଚିହ୍ନ। ମହାତ୍ମା ଗାନ୍ଧୀ କେବଳ ନୁହନ୍ତି, ଆମ ବରେଣ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରୁ ନେହେରୁ, ପଟେଲ ଓ ସୁଭାଷ ପ୍ରତ୍ୟେକ ସେଇଥିପାଇଁ ଧର୍ମ, ସଂସ୍କୃତି, ରାଜନୀତି ତଥା ମୂଲ୍ୟବୋଧ ସବୁର ଅନୁସରଣ, ଅନୁଶୀଳନ କିମ୍ବା ବ୍ୟାଖ୍ୟାନ କରୁଥିଲେ ଏଇ 'ଓ' ର ଭାଷାରେ: ଏଇ ଯେମିତି - 'ଆମେ ଓ ସେମାନେ', 'ଆମ ଧର୍ମ ଓ ସେମାନଙ୍କ ଧର୍ମ', 'ଆମ ଆଚାର-ବିଚାର-ଆଦର୍ଶ-ଦର୍ଶନ ଏବଂ ସେମାନଙ୍କ ଆଚାର-ବିଚାର-ଆଦର୍ଶ-ଦର୍ଶନ'। ଏଇଠି ତେଣୁ ଆଫ୍ରିକୀୟ ଜନଜାତିମାନଙ୍କ 'ଉବୁଣ୍ଟୁ'ର ଆଦର୍ଶ ଖୁବ୍ ଉଲ୍ଲେଖନୀୟ ନିଶ୍ଚୟ। ଏ ଆଦର୍ଶଟି କେବେହେଲେ ପଚାରି ନଥାଏ - କିଏ ବା କେଉଁଟା ଠିକ୍ କି ଭୁଲ; ପଚାରିଥାଏ କେବଳ କେଉଁଟି ହେଉଛି ପାରସ୍ପରିକ ସଦିଚ୍ଛା, ସହଯୋଗ ଓ ସହାବସ୍ଥାନର ମାର୍ଗ। 'ଉବୁଣ୍ଟୁ' ଆମକୁ ସର୍ବଦା ସ୍ମରଣ କରାଇଦେଇଥାଏ 'ଆମେ ଅଛୁ, ସେମାନେ ଅଛନ୍ତି', 'ସେମାନଙ୍କ ବିଜୟ ଆମର ବିଜୟ ଏବଂ ସେମାନଙ୍କ ପରାଭବ ଆମର ପରାଭବ'।

ଯିଏ ଭୀରୁ, ଦୁର୍ବଳମନା ଓ ଜ୍ୱରାକ୍ରାନ୍ତ ସ୍ୱାର୍ଥପରତାରେ ପୀଡ଼ିତ, ସିଏ କଳହ, ବିବାଦ, ସଂଘର୍ଷରେ ରତ ହୋଇଥାଏ। କାରଣ ସଂପର୍କ ଗଢ଼ିପାରିବାର କଳାକୌଶଳ ସେ ଜାଣେ ନାହିଁ। ଜାଣେ ନାହିଁ କେଉଁ ଭାବରସରେ ତୋଳା ହୋଇଥାଏ ମାନବୀୟ ସଂପର୍କ-କୋଣାର୍କ। ସେ ଜାଣେ ନାହିଁ ଯେ 'ନ୍ୟାୟ' ହୃଦୟ ପରିବର୍ତ୍ତନର ଭାଷା କହେ, ପୁନଃଆସ୍ଥା ସ୍ଥାପନର, ପୁନଃବିନ୍ୟାସର ଭାଷା କହେ, ପ୍ରତିଶୋଧର ଭାଷା ନୁହେଁ ଏବଂ ରାଜନୀତି କହେ ସର୍ବଜନକଲ୍ୟାଣର ଭାଷା, ବହୁସଂଖ୍ୟକଙ୍କ କଲ୍ୟାଣ କେବଳ ମାତ୍ର ନୁହେଁ। ପ୍ରକୃତ ଶାନ୍ତି, ସଂହତି ଆଦୌ ଲୋଡ଼ି ନ ଥାଏ ନୀରବ ବଶମ୍ବଦତା, ବିଚାରହୀନ ସମର୍ପଣ; ଲୋଡ଼ିଥାଏ ଭିନ୍ନମତ, ଭିନ୍ନ ଆଦର୍ଶ ମଧ୍ୟରେ ଥିବା ମଧ୍ୟମ ମାର୍ଗ। ଭିନ୍ନତାର ସକଳ ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ ଅତୁଟ ରଖି ଐକ୍ୟର ଇସ୍ତାହାର ଯିଏ ଲେଖିପାରେ, ସେ ହିଁ ଲାଭ କରିଥାଏ 'ଗାନ୍ଧୀତ୍ୱ'। ଆଉ କେଉଁ ଘୃଣାରଂଜିତ 'ତ୍ୱ' ବା 'ତତ୍ତ୍ୱ' କସ୍ମିନ୍‌କାଳେ ଲୋଡ଼ି ନଥାଏ ସେ। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଟିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଶିକ୍ଷକଙ୍କ ଧର୍ମ ଓ ଆଧୁନିକତାର ମୋହ

**ଅଖିଳ ତରାଇ**

ଭାରତୀୟ ସଂସ୍କୃତିରେ ଗୁରୁଙ୍କୁ 'ସାକ୍ଷାତ ପରଂବ୍ରହ୍ମ' ବୋଲି କୁହାଯାଇଛି। ଶିକ୍ଷକ ହେଉଛନ୍ତି ସେହି ଆଲୋକବର୍ତ୍ତିକା, ଯିଏ ଅଜ୍ଞାନତାର ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକ ବିଚ୍ଛୁରିତ କରନ୍ତି। ଶିକ୍ଷକଙ୍କର ପ୍ରକୃତ ଧର୍ମ କେବଳ ପାଠ୍ୟପୁସ୍ତକର ସୀମିତ ଜ୍ଞାନ ବାଣ୍ଟିବା ନୁହେଁ, ବରଂ ଜଣେ ଶିକ୍ଷାର୍ଥୀକୁ ନୈତିକତା, ମାନବିକତା ଓ ସାମାଜିକ ଦାୟିତ୍ୱବୋଧରେ ସଜ୍ଜିତ କରି ଜଣେ 'ଭଲ ମଣିଷ' ଭାବେ ଗଢ଼ିତୋଳିବା। କିନ୍ତୁ ଆଜିର ପରିବର୍ତ୍ତିତ ସମୟଖଣ୍ଡରେ ଶିକ୍ଷାଦାନର ଏହି ପବିତ୍ର ବ୍ରତ କେଉଁଠି ନା କେଉଁଠି ବ୍ୟକ୍ତିଗତ ପ୍ରଚାର ଓ ପ୍ରସାରର ଅନ୍ଧକାର ଗଳିରେ ହଜିଯିବାକୁ ବସିଲାଣି।

ଡିଜିଟାଲ ବିପ୍ଳବ ଶିକ୍ଷା କ୍ଷେତ୍ରରେ ଅନେକ ସୁଯୋଗ ଆଣିଛି ସତ, କିନ୍ତୁ ଏହା ସହିତ ଆଣିଛି 'ଆତ୍ମପ୍ରଚାର'ର ଏକ ବିଷାକ୍ତ ପ୍ରତିଯୋଗିତା। ଜଣେ ଆଦର୍ଶ ଶିକ୍ଷକଙ୍କ ପାଇଁ ଛାତ୍ରର ଉନ୍ନତି ହିଁ ପ୍ରକୃତ ପୁରସ୍କାର। କିନ୍ତୁ ବର୍ତ୍ତମାନ ସାମାଜିକ ଗଣମାଧ୍ୟମ ପ୍ରଭାବରେ ଅନେକ ଶିକ୍ଷକ 'ଲାଇକ୍' ଓ 'ଭ୍ୟୁଜ୍'ର ମାୟାଜାଲରେ ଛନ୍ଦି ହୋଇପଡ଼ିଛନ୍ତି। ଅବଶ୍ୟ ଶିକ୍ଷାଦାନ ସରଳ ଓ ସହଜ ହେବା ଜରୁରୀ। କିନ୍ତୁ ଯେତେବେଳେ ଶିକ୍ଷକ ଜଣକ ଛାତ୍ରର ସନ୍ଦେହ ଦୂର କରିବା ଅପେକ୍ଷା ନିଜ ଭିଡିଓରେ କେତେ 'ଭ୍ୟୁ' ଓ 'ଲାଇକ୍' ଆସିଲା ସେଥିପାଇଁ ଚିନ୍ତିତ ରୁହନ୍ତି, ସେତେବେଳେ ଶିକ୍ଷକତାର ଗରିମା କ୍ଷୁଣ୍ଣ ହୁଏ। ଶିକ୍ଷକମାନେ ଆଜି ଶ୍ରେଣୀଗୃହର ସେହି ଦୁର୍ବଳ ପିଲାଟିର ହାତ ଧରିବା ଅପେକ୍ଷା ନିଜର 'ଫଲୋଅର୍ସ' ବଢ଼ାଇବାକୁ ଅଧିକ ପ୍ରାଥମିକତା ଦେଉଛନ୍ତି।

କେବଳ ଶ୍ରେଣୀଗୃହ କାହିଁକି, ଏହି ପ୍ରଚାରର ନିଶା ଆଜି ଖେଳପଡ଼ିଆକୁ ମଧ୍ୟ କବଳିତ କରିସାରିଲାଣି। ଆମର ଅନେକ ଖେଳ ଶିକ୍ଷକ ବା ପ୍ରଶିକ୍ଷକ (କୋଚ୍) ଅଛନ୍ତି, ଯେଉଁମାନଙ୍କ ଉପରେ ଦେଶର ଭବିଷ୍ୟତ ଖେଳାଳି ଗଢ଼ିବାର ଗୁରୁଦାୟିତ୍ୱ ନ୍ୟସ୍ତ। କିନ୍ତୁ ବାସ୍ତବତା ହେଉଛି, ଅନେକ କ୍ରୀଡ଼ା ଶିକ୍ଷକ ପିଲାଙ୍କୁ ଭଲ ପ୍ରଶିକ୍ଷଣ ଦେଇ ଜଣେ ଜଣେ ଦକ୍ଷ ରାଜ୍ୟସ୍ତରୀୟ, ଜାତୀୟ ବା ଅନ୍ତର୍ଜାତୀୟ ଖେଳାଳି ଭାବେ ତିଆରି କରିବା ପରିବର୍ତ୍ତେ ନିଜର ଆତ୍ମପ୍ରଚାରରେ ଅଧିକ ବ୍ୟସ୍ତ ରହୁଛନ୍ତି। ପଡ଼ିଆରେ ପିଲାଙ୍କ ଶାରୀରିକ ସମସ୍ୟା ବୁଝିବା କିମ୍ବା ସେମାନଙ୍କ କୌଶଳର ତ୍ରୁଟି ସଂଶୋଧନ କରିବା ଅପେକ୍ଷା ସେମାନେ ସାମାଜିକ ଗଣମାଧ୍ୟମରେ ନିଜର 'ୱର୍କଆଉଟ୍' ଭିଡିଓ ବା ପ୍ରଶିକ୍ଷଣ ଦେଉଥିବାର ଦେଖାଣିଆ ଫଟୋ ପୋଷ୍ଟ କରିବାରେ ଅଧିକ ସମୟ ବିତାଉଛନ୍ତି। ଜଣେ ଖେଳାଳିର ସଫଳତା ପଛରେ କୋଚ୍‌ଙ୍କର ଯେଉଁ ନିରବ ସାଧନା ରହିବା କଥା, ତାହା ଆଜି 'ଡିଜିଟାଲ୍ ଆଟେନସନ୍' ପାଇଁ ବଳି ପଡ଼ୁଛି।

'ଲାଇକ୍' ଓ 'ଭ୍ୟୁଜ୍' ପାଇବାର ଅନ୍ଧଦୌଡ଼ ଯୋଗୁଁ ପ୍ରତିଭାବାନ ପିଲାମାନେ ଉପଯୁକ୍ତ ମାର୍ଗଦର୍ଶନ ପାଉନାହାନ୍ତି, ଯାହା ଫଳରେ କ୍ରୀଡ଼ା ଜଗତରେ ଆମର ପ୍ରତିଭାମାନେ ଅକାଳରେ ମଉଳି ଯାଉଛନ୍ତି। ଶିକ୍ଷକ ବା କୋଚ୍ ହେଉଛନ୍ତି ପିଲାଙ୍କ ପାଇଁ ଆଇନା। ପିଲାମାନେ ଶିକ୍ଷକଙ୍କୁ ନିଜର ଆଦର୍ଶ ବୋଲି ମାନନ୍ତି। ଯଦି ସେମାନେ ଦେଖନ୍ତି ଯେ ସେମାନଙ୍କର ଗୁରୁ ଜଣେ 'କ୍ରିଏଟର' ବା 'ବ୍ୟବସାୟୀ' ଭଳି ବ୍ୟବହାର କରୁଛନ୍ତି, ତେବେ ସେମାନଙ୍କ ମନରୁ ଶ୍ରଦ୍ଧା ଓ ନିଷ୍ଠା ଉଭେଇଯାଏ। ପିଲାମାନେ ମଧ୍ୟ ଗଭୀର ଜ୍ଞାନ ଆହରଣ ପରିବର୍ତ୍ତେ ବାହ୍ୟ ଚକଚକ୍ୟକୁ ଜୀବନର ସଫଳତା ବୋଲି ଧରିନିଅନ୍ତି। ଏହାଦ୍ୱାରା ଦେଶ ଜଣେ ଦକ୍ଷ ନାଗରିକ କିମ୍ବା ଜଣେ କୁଶଳୀ ଖେଳାଳି ପାଇବାରୁ ବଞ୍ଚିତ ହୁଏ। ଆଜିର ଶିକ୍ଷା ଓ କ୍ରୀଡ଼ା ବ୍ୟବସ୍ଥାରେ ବଡ଼ ବଡ଼ କର୍ପୋରେଟ୍ ଅନୁଷ୍ଠାନର ଆଧିପତ୍ୟ ବଢ଼ିଛି। ଶିକ୍ଷକମାନେ ଅଧିକ ଅର୍ଥ ଓ ପ୍ରତିଷ୍ଠା ଲୋଭରେ ବିଜ୍ଞାପନର ମୁହଁ ସାଜୁଛନ୍ତି। ପିଲାମାନଙ୍କୁ କିପରି ଉତ୍ତମ ନାଗରିକ କରାଯିବ ସେ ନେଇ ଆଉ ଚର୍ଚ୍ଚା ହେଉନାହିଁ; ବରଂ କିପରି ଅଧିକରୁ ଅଧିକ ଆଡମିଶନ ହେବ, ତାହା ହିଁ ମୂଳ ଲକ୍ଷ୍ୟ ପାଲଟିଛି। ଶିକ୍ଷକତା ଯେଉଁଠି ମନକୁ ଛୁଇଁବାର କଳା ଥିଲା, ତାହା ଆଜି ପକେଟକୁ ଖାଲି କରିବାର ଏକ ମାଧ୍ୟମ ହୋଇଛି।

ସମୟ ଆସିଛି ଆଜିର ଶିକ୍ଷକ ସମାଜକୁ ଆତ୍ମମନ୍ଥନ କରିବାକୁ ପଡ଼ିବ। ଟେକ୍ନୋଲୋଜିର ବ୍ୟବହାର ଖରାପ ନୁହେଁ। କିନ୍ତୁ ତାହାର ବ୍ୟବହାର କେବଳ ପ୍ରଚାର ପାଇଁ ନୁହେଁ, ବରଂ ଜ୍ଞାନ ଓ ପ୍ରତିଭାର ବିସ୍ତାର ପାଇଁ ହେବା ଉଚିତ୍। ଜଣେ ଶିକ୍ଷକ ପିଲାଙ୍କ ମନରେ ପ୍ରଶ୍ନ କରିବାର ସାହସ ଏବଂ ସତ୍ୟ କହିବାର ଶକ୍ତି ଭରିବା ଉଚିତ୍। ଖେଳ ଶିକ୍ଷକମାନେ ବୁଝିବା ଉଚିତ୍ ଯେ, ସାମାଜିକ ଗଣମାଧ୍ୟମରେ ତାଳି ଅପେକ୍ଷା ଖେଳାଳିର ବିଜୟ ମଞ୍ଚରେ ଜାତୀୟ ପତାକା ଉଡ଼ିବା ହିଁ ସେମାନଙ୍କର ପ୍ରକୃତ ସଫଳତା। ଯଦି ଶିକ୍ଷକ ନିଜର 'ଧର୍ମ' ଭୁଲି କେବଳ 'ବିକ୍ରେତା' ସାଜିବେ, ତେବେ ଆଗାମୀ ପିଢ଼ି ନୈତିକ ସାହସ ହରାଇବ। ଜଣେ ଭଲ ମଣିଷ ଗଢ଼ିବା ପାଇଁ ଶିକ୍ଷକଙ୍କୁ ପ୍ରଥମେ ନିଜର ଆତ୍ମମୋହ ତ୍ୟାଗ କରିବାକୁ ପଡ଼ିବ।

ଆଜିର ଶିକ୍ଷକ ସମାଜ ନିଜର ଗୌରବମୟ ଅତୀତକୁ ମନେ ପକାଇ 'ପ୍ରଚାର' ନୁହେଁ, ବରଂ 'ପିଲାଙ୍କ ଭବିଷ୍ୟତ'କୁ ଗୁରୁତ୍ୱ ଦେବେ। ପ୍ରଚାର ପାଇଁ ପ୍ରୟାସ ନୁହେଁ, ବରଂ ପ୍ରଭାବ ପାଇଁ ପ୍ରୟାସ କଲେ ହିଁ ଦେଶ ଓ ସମାଜର ମଙ୍ଗଳ ହେବ। ଶିକ୍ଷକତା ଏକ ଚାକିରି ନୁହେଁ, ଏହା ଏକ ପବିତ୍ର ଧର୍ମ। ସମାଜ ଗଠନ ଏବଂ ଉତ୍ତମ ନାଗରିକ ତିଆରି କରିବାରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ। ଯଦି ଆଜିର ଶିକ୍ଷକ ଆତ୍ମପ୍ରଚାରର ମୋହ ତ୍ୟାଗ ନ କରନ୍ତି, ତେବେ ଆଗାମୀ ପିଢ଼ିର ଭବିଷ୍ୟତ ଅନ୍ଧକାରମୟ ହୋଇପଡ଼ିବ। ଆଶା କରାଯାଏ, ଶିକ୍ଷକମାନେ ନିଜର ସେହି ପୁରାତନ ଆଦର୍ଶକୁ ଫେରିବେ ଏବଂ ପ୍ରଚାର ପଛରେ ନଗୋଡ଼ାଇ ପ୍ରତିଭା ଗଢ଼ିବାରେ ମନୋନିବେଶ କରିବେ। କାରଣ ଜଣେ ସଫଳ ଛାତ୍ର ବା ଖେଳାଳି ହିଁ ଜଣେ ଶିକ୍ଷକଙ୍କର ଶ୍ରେଷ୍ଠ ପ୍ରମାଣପତ୍ର। ●

ଗଞ୍ଜାମ, ମୋ: ୭୭୮୭୦୦୧୦୦୧

# କୁମ୍ଭାରପଡ଼ା ଗାଆଁ

## ଲୋକକଥାରେ ଲୋକଦେବତା

**ସ୍ୱପ୍ନେଶ୍ୱର**

ଭୋଜନୀଠାକୁର ଶ୍ରୀଜଗନ୍ନାଥଙ୍କ ରୋଷଶାଳାରେ ଦୈନିକ ଷାଠିଏପଉଟି ଭୋଗ ରନ୍ଧା ହେବା ପାଇଁ ବର୍ଷକୁ ପ୍ରାୟ କୋଡ଼ିଏ ଲକ୍ଷ ମାଟି କୁଡୁଆ ଦରକାର ପଡ଼େ। ଏହି ମାଟି କୁଡୁଆ ପାରମ୍ପରିକ ଭାବେ କୁମ୍ଭାରମାନଙ୍କ ଦ୍ୱାରା ପ୍ରସ୍ତୁତ ହୁଏ। ଶ୍ରୀକ୍ଷେତ୍ରକୁ କେନ୍ଦ୍ର କରି ପ୍ରାୟ କୋଡ଼ିଏ ମାଇଲ ବ୍ୟାସାର୍ଦ୍ଧ ଭିତରେ ଅନେକ କୁମ୍ଭାର ବସ୍ତି ଅବସ୍ଥିତ। ଏହି ଗ୍ରାମବାସୀ କୁମ୍ଭକାର ଶିଳ୍ପୀମାନେ ବର୍ଷସାରା ପରିଶ୍ରମ କରି ମାଟି ଏବଂ କୁଡୁଆ ପୋଡ଼ିବା ପାଇଁ ଝାଟି ସଂଗ୍ରହ କରନ୍ତି, କୁଡୁଆ ଗଢ଼ି ଶୁଖେଇ ପିଟନ୍ତି, ପୁଣି ଶୁଖେଇ ଝାଟିରେ ପୋଡ଼ି ମନ୍ଦିରକୁ ଯୋଗେଇ ଦିଅନ୍ତି। ସାରା ପରିବାରକୁ ଏ କାମ କରିବାରେ ବର୍ଷ ସାରା ଫୁରୁସତ ମିଳେ ନାହିଁ। ତେଣୁ କଥାରେ କହନ୍ତି - 'କୁମ୍ଭାର ବୋହୂ, ମାଟିକୁ ନ ଗଲେ ଝାଟିକୁ ଯାଉ।'

ନିମି ନାମକ ଜଣେ କୁମ୍ଭାର ସଂପ୍ରଦାୟର ମହିଳା କୌଣସି ଏକ କୁମ୍ଭାର ଗାଆଁରେ ପରିବାର ସହ ରହୁଥିଲେ। ବର୍ଷର ବାରମାସ ତିନିଶହ ପଅଁଷଠି ଦିନ ସେ ନିଜ ପରିବାର ସହ ମହାପ୍ରଭୁଙ୍କ ପାଇଁ କୁଡୁଆ ପ୍ରସ୍ତୁତ କରୁଥିଲେ। କୁଡୁଆ ପ୍ରସ୍ତୁତି କାମରେ ବ୍ୟସ୍ତ ରହି ସେ ଘର ଛାଡ଼ି କୁଆଡ଼େ ହେଲେ ଯାଇ ପାରୁ ନ ଥିଲେ। ହେଲା କରିଦେଲେ ଶ୍ରୀମନ୍ଦିରକୁ ନିରନ୍ତର କୁଡୁଆ ଯୋଗାଣ ପ୍ରଭାବିତ ହେବ ଏବଂ ମହାପ୍ରଭୁ ଉପବାସ ରହିଯିବେ- ଏହି ଚିନ୍ତା ନିମିଙ୍କ ମନରେ ସବୁବେଳେ ଉଙ୍କି ମାରେ। ଦିନେ ଦିନେ ପ୍ରତି କୁଡୁଆରେ ତାଙ୍କୁ ମହାପ୍ରଭୁଙ୍କ ସୁନ୍ଦର ମୁଖମଣ୍ଡଳ ଦେଖାଯାଏ ଏବଂ କୁଡୁଆକୁ ନେଇ ସେ ମୁଣ୍ଡରେ ଲଗାନ୍ତି। ପ୍ରତିଦିନ ଗାଆଁରୁ କେହି ନା କେହି ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଯାହାନ୍ତି ଏବଂ କେହି କେହି ନିମିଙ୍କୁ ଯିବା ପାଇଁ ଡାକିଲେ ନିମି କହନ୍ତି, 'ଠାକୁର ଦର୍ଶନ ମୋ ଭାଗ୍ୟରେ କାହିଁ ? ତାଆରି ପାଇଁ କୁଡୁଆ ତିଆରି କରିବାରେ ମୋର ଆନନ୍ଦ। ମୋ ହାତର କୁଡୁଆ ପୋଖରିଆ ଭିତରକୁ ଗଲେ ଏବଂ ଠାକୁର ସେଥିରେ ଭୋଜନ କଲେ, ମୋର ଆଉ ଦର୍ଶନରେ କି ଲୋଡ଼ା? ସେତିକି ସେବାର ସୁଯୋଗ ପ୍ରଭୁ ଦେଇଛନ୍ତି, ସେତିକି ଯଥେଷ୍ଟ।'

ଅନ୍ତର୍ଯ୍ୟାମୀ ମହାପ୍ରଭୁ ସବୁ କଥା ଜାଣୁଥିଲେ। ତେଣୁ ମହାପ୍ରଭୁ ନିଷ୍ପତ୍ତି ନେଲେ ଯେ ସେ ନିଜେ ଯାଇ ନିମିଙ୍କୁ ଦେଖି ଆସିବେ। ସେ ଜଣେ ବୁଢ଼ୀ ବେଶରେ ବାଡ଼ି ଖଣ୍ଡିଏ ଧରି ନଇଁ ନଇଁ ଯାଇ ନିମିଙ୍କ ଘରେ ପହଞ୍ଚିଲେ। ନିମି ବୁଢ଼ୀଙ୍କୁ ମୁଣ୍ଡିଆ ମାରି ମଶିଣା ପାରି ବସେଇଲେ ଏବଂ ପାଣି ଦେଲେ ପିଇବାକୁ। ତା' ପରେ ବୁଢ଼ୀ କହିଲେ, 'ଆଲୋ ମାଆ! ପାଖ ଗାଆଁରେ ମୋ ଘର। ଆଗକୁ ପଛକୁ କେହି ନାହିଁ। ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଭାରି ଇଚ୍ଛା। ବୁଢ଼ୀ ହେଲିଣି। କେତେବେଳେ କୋଉ କଥା। ତେଣୁ ଦର୍ଶନ କରିବାକୁ ବାହାରିଛି। କେବେ ପୁରସ୍ତମ ଯାଇନି। ଏକା ଯିବାକୁ ସାହସ ହେଉନି। ମତେ ଟିକିଏ ନେଇ କାଳିଆ ଦର୍ଶନ କରେଇ ଦିଅନ୍ତୁନି? ତୋର ବହୁତ ଧରମ ହୁଅନ୍ତା।' ନିମି କହିଲେ, 'ମୋର ସେମିତିକା ଭାଗ୍ୟ ନାହିଁ। ମୁଁ ତ ନିଜେ ପୁରସ୍ତମ ଦେଖିନି, ତମକୁ ଦେଖେଇବି କ'ଣ? ତାଙ୍କରି କାମରୁ ତ ମୋତେ ଫୁରୁସତ ନାହିଁ। କାଳିଆ ଇଚ୍ଛା କଲେ ତା'ଦର୍ଶନ ମିଳନ୍ତା। ତା'ର ତ ଇଚ୍ଛା ନାହିଁ, ମୁଁ ଛାର କ'ଣ କରିବି?'

ବୁଢ଼ୀ ନିମିଙ୍କୁ ଆଶୀର୍ବାଦ କରି ଚାଲିଗଲେ। ସେ ଦିନ ମହାପ୍ରଭୁ ଭକ୍ତର ଅଭିମାନ ନିଜେ ଶୁଣିଲେ। ରାତିରେ ରାଜାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ, 'ରାଉତ! କୁମ୍ଭାର ବିଷୋୟୀମାନେ ବର୍ଷସାରା ମୋ ପାଇଁ କୁଡୁଆ ନିର୍ମାଣରେ ବ୍ୟସ୍ତ ରହି ମୋର ଦର୍ଶନ ପାଇଁ ଆସିପାରୁ ନାହାନ୍ତି। ଆଜି ମୁଁ ମୋର ଭକ୍ତ ନିମିକୁ ଦେଖା କରିବାକୁ ଯାଇଥିଲି। ସେମାନଙ୍କର ସମସ୍ୟା ତା'ଠାରୁ ଶୁଣି ଆସିଲି। ତେଣୁ ତୁ ସେମାନଙ୍କୁ ଆଣି ଅଠରନଳାର ପୂର୍ବ ଦିଗରେ ଗୁଣ୍ଡିଚା ମନ୍ଦିର ନିକଟରେ ଥଇଥାନ କର। କୁଡୁଆ ନିର୍ମାଣ ପାଇଁ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେ। ବର୍ଷରେ ଥରେ ମୁଁ ଗୁଣ୍ଡିଚା ମନ୍ଦିର ଯାତ୍ରା ସମୟରେ ଏବଂ ସେଠାରେ ଏକ ସପ୍ତାହ ରହଣି ସମୟରେ ସେମାନେ ଅଳ୍ପ ପରିଶ୍ରମ ଓ ସମୟ ବିନିମୟରେ ମୋର ଦର୍ଶନ କରିପାରିବେ।

ପ୍ରଭୁଙ୍କ ନିର୍ଦ୍ଦେଶିତ ଯାଗାରେ କୁମ୍ଭାର ବିଷୋୟୀମାନଙ୍କୁ ଥଇଥାନ କାର୍ଯ୍ୟକ୍ରମ ଆରମ୍ଭ ହେଲା। ସେଠାରେ ବସବାସ କରି ସେମାନେ ମହାପ୍ରଭୁଙ୍କ ପାଇଁ କୁଡୁଆ ନିର୍ମାଣ କରି ଶ୍ରୀମନ୍ଦିରକୁ ଯୋଗାଇ ଦେଲେ ଏବଂ ଗୁଣ୍ଡିଚା ଯାତ୍ରା ଓ ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନର ସୁଯୋଗ ପାଇଲେ। ସେମାନେ ବସବାସ କରୁଥିବା ଅଞ୍ଚଳ କୁମ୍ଭାରପଡ଼ା ଗାଆଁ ଭାବରେ ଜଣାଗଲା। ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ତିମି ଅସ୍ଥି ସ୍ଥାନାନ୍ତରକୁ ବିରୋଧ

ବାଲିକୁଦା,୨୭।୧(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ବନ୍ଦର ଅଞ୍ଚଳରୁ ମିଳିଥିବା ତିମିର ଅସ୍ଥି (କଙ୍କାଳ) ସ୍ଥାନାନ୍ତରକୁ ବିରୋଧ କରିଛନ୍ତି ସ୍ଥାନୀୟଲୋକ। ତିମି ଅସ୍ଥିକୁ ସେହି ଅଞ୍ଚଳରେ ଏକ ସଂଗ୍ରହାଳୟ ସ୍ଥାପନ କରି ରଖିବାକୁ ସେମାନେ ଦାବି କରିଛନ୍ତି। ଏନେଇ ଗ୍ରାମବାସୀମାନେ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି।

## 'ବନ୍ଦର' ଅଞ୍ଚଳରେ ସଂଗ୍ରହାଳୟ କରିବାକୁ ଦାବି

ବନ୍ଦର ସାମୁଦ୍ରିକ ଥାନା ଓ ବନ୍ଦର ବନବିଭାଗ ଅଧୀନ ଦେବୀ ନଦୀ ଓ ବଙ୍ଗୋପସାଗର ମୁହାଣ ନଡ଼ିଆଖିଆଠାରେ ୪ ଦିନ ତଳେ ଏକ ବିଶାଳ ତିମି ମାଛ ମୃତଦେହ ଦେଖିବାକୁ ମିଳିଥିଲା। ଯାହାକୁ ବନବିଭାଗ ପକ୍ଷରୁ ବ୍ୟବଚ୍ଛେଦ କରାଯାଇ ରିପୋର୍ଟ ପାଇଁ ପଠାଯାଇଥିବା ବେଳେ ଉକ୍ତ ତିମିର ମାଂସକୁ କେମିକାଲ ଯୋଗେ ନଷ୍ଟ କରାଯାଇ ତିମି ଅସ୍ଥିକୁ ନନ୍ଦନକାନନ କିମ୍ବା ଭିତରକନିକାରେ ସ୍ଥାନ ଦେବା ନିଷ୍ପତ୍ତି ନିଆଯାଇଥିବା ବନ୍ଦର ଫରେଷ୍ଟର ପ୍ରିୟବ୍ରତ ଚୌଧୁରୀ ସୂଚନା ଦେଇଥିଲେ। ଏହି ଖବର ପ୍ରସାରିତ ହେବା ପରେ ଅଞ୍ଚଳବାସୀ ପ୍ରତିକ୍ରିୟାଶୀଳ ହେବା ସହ ସେମାନଙ୍କ ଦଶନ୍ଧି ଦଶନ୍ଧି ଦାବି ଥିବା ମା' ବନ୍ଦରେଇ ପୀଠକୁ ସରକାର ଅଣଦେଖା କରୁଛନ୍ତି ବୋଲି କହିଛନ୍ତି। ପ୍ରତ୍ୟେକ ପର୍ଯ୍ୟଟନ ଋତୁ ଓ ଅନ୍ୟ ସମୟରେ ମା' ବନ୍ଦରେଇଙ୍କ ଦର୍ଶନ ସହ ବଣଭୋଜିର ଆନନ୍ଦ ଓ ନୌକା ବିହାର କରିବା ସହ ସମୁଦ୍ର କୂଳକୁ ଯିବା ପାଇଁ ହଜାର ହଜାର ପର୍ଯ୍ୟଟକ ଏକତ୍ରିତ ହୋଇଥା'ନ୍ତି। ଏଣୁ ଉକ୍ତ ତିମିର ଅସ୍ଥିକୁ ସରକାର ଏହି ବନ୍ଦର ଅଞ୍ଚଳରେ ଏକ ସଂଗ୍ରହାଳୟ ନିର୍ମାଣ କରି ସେଥିରେ ସ୍ଥାନ ଦେଲେ ଅଧିକରୁ ଅଧିକ ପର୍ଯ୍ୟଟକ ଏହାକୁ ଦେଖିବାକୁ ଏଠାକୁ ଆସିବେ। ଫଳରେ ଏଠାକାର ପର୍ଯ୍ୟଟନ କ୍ଷେତ୍ର ବିକଶିତ ହେବା ସହ ସରକାର ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ଏକ ପ୍ରକାର ବାଧ ହେବେ ବୋଲି ମତ ରଖିଛନ୍ତି ବୁଦ୍ଧିଜୀବୀ।

ଏନେଇ ଜିଲ୍ଲାପାଳଙ୍କ ସମେତ ବିଧାୟକ, ମନ୍ତ୍ରୀ, ସାଂସଦଙ୍କୁ ଭେଟି ଦାବିପତ୍ର ପ୍ରଦାନ ନିମନ୍ତେ ଅଞ୍ଚଳରେ ଦସ୍ତଖତ ଅଭିଯାନ ଚାଲିଥିବା ବେଳେ ସୋସିଆଲ ମିଡିଆ ଯୋଗେ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରାଯାଉଥିବା ଦେଖିବାକୁ ମିଳିଛି। ଆସନ୍ତାକାଲି ଅଞ୍ଚଳର ଅନେକ ସଂଗଠନ ଓ ବୁଦ୍ଧିଜୀବୀ ଜିଲ୍ଲାପାଳଙ୍କୁ ଭେଟିବା ନେଇ ମତ ଦେଇଛନ୍ତି। ସରକାର ଯଦି ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ନ ଦିଅନ୍ତି, ତେବେ କୌଣସି ପ୍ରକାରେ ଉକ୍ତ ଅସ୍ଥିକୁ ଆମେ ଛାଡ଼ିବୁ ନାହିଁ ବୋଲି ମାଳ-ମରିଚପୁର ଉନ୍ନୟନ ପରିଷଦ, ତଳମାଳ ବିକାଶ ମଞ୍ଚ, ଭଏସ୍ ଅଫ ବାଲିକୁଦା, ମା' ବନ୍ଦରେଇ ଯୁଥ ୟୁନିୟନ, କିଶାରାମ ବିଶ୍ୱାଳ ଫାଉଣ୍ଡେସନ, ପ୍ରଗତି ପଥେ ଆମ ସଂଗଠନ, ଲୋଟସ କ୍ଲବ, ଉପକୂଳ କ୍ରିୟାନୁଷ୍ଠାନ କମିଟି ବାଲିକୁଦାର ସଦସ୍ୟମାନେ ଚେତାବନୀ ଦେଇଛନ୍ତି।

# ରାଜ୍ୟରେ ଖୋଲିବ 'ସହିଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ'

ଭୁବନେଶ୍ୱର, ୨୭।୧(ସମିସ): ସହିଦ ଲକ୍ଷ୍ମଣ ନାୟକଙ୍କ ନାମରେ ପ୍ରତି ଜିଲ୍ଲାରେ ନିର୍ମାଣ ହେବ ବିଦ୍ୟାଳୟ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନରେ ଥିବା ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ କରାଯିବ। ଏନେଇ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ଆଦିବାସୀବହୁଳ ଜିଲ୍ଲାରେ ଏହାକୁ ପ୍ରାଥମିକତା ଭିତ୍ତିରେ ନିର୍ମାଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୭ଟି "ଆଇଟିଡିଏ' ଜିଲ୍ଲାର ଅନ୍ତତଃ ଗୋଟିଏ ବିଦ୍ୟାଳୟକୁ ବିକଶିତ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ସାରା ରାଜ୍ୟରେ ସହିଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ ଆରମ୍ଭ କରାଯିବ। ଏଥିପାଇଁ ପ୍ରାୟ ୧୦୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରିବାକୁ କାର୍ଯ୍ୟ ଜାରି ରହିଛି। ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

# ଏଆଇସିସି ଅଧ୍ୟକ୍ଷଙ୍କୁ ଭେଟିଲେ ଆରୋ ପ୍ରସାଦ

ଭୁବନେଶ୍ୱର, ୨୭।୧(ସମିସ): ଅଖିଳ ଭାରତୀୟ କଂଗ୍ରେସ କମିଟିର ରିସର୍ଚ୍ଚ ବିଭାଗର ଜାତୀୟ ସଂଯୋଜକ ଆରୋ ପ୍ରସାଦ ମିଶ୍ର ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେଙ୍କୁ ଭେଟିଛନ୍ତି। ଶ୍ରୀ ମିଶ୍ର ଏଆଇସିସି ସଭାପତି ଶ୍ରୀ ଖଡଗେଙ୍କ ବାସଭବନରେ ସାକ୍ଷାତ କରି ପ୍ରାୟ ୩୦ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ଧରି ଆଲୋଚନା କରିଥିଲେ। ଏହି ଆଲୋଚନା ମୁଖ୍ୟତଃ ସଂଗଠନ ଓ ଦଳର ରଣ କୌଶଳ ଉପରେ ହୋଇଥିବା ସୂଚନା ମିଳିଛି। ଜାତୀୟ ରିସର୍ଚ୍ଚ ବିଭାଗ ପକ୍ଷରୁ ଅପରାହ୍ନ ୩ଟା ସମୟରେ ଇନ୍ଦିରା ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେଇଥିଲା। ଏହା ପରେ ଆଗାମୀ କାର୍ଯ୍ୟପନ୍ଥା ଓ ରଣ କୌଶଳ ସମ୍ପର୍କରେ ଏଆଇସିସି ସଭାପତିଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବାସଭବନରେ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ସମୟରେ କଂଗ୍ରେସ ଓଡିଶାକୁ ନେଇ କିଛି କିଛି ଯୋଜନା ବିଷୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶସ୍ତା ହେବ...

ନିର୍ଗମନ ହ୍ରାସ କରିବାରେ ସାହାଯ୍ୟ କରିବ। ଏହି ଚୁକ୍ତିନାମା ଫଳରେ ରସ ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଭଳି ୟୁରୋପୀୟ ରପ୍ତାନି ଉପରେ ଶୁଳ୍କ ଉଚ୍ଛେଦ କରାଯିବ।

ଆହୁରି ମଧ୍ୟ ଭାରତ-ୟୁରୋପୀୟ ସଂଘର କମ୍ପାନୀଗୁଡ଼ିକ ଭାରତଠାରୁ ଏପରି ଶୁଳ୍କ ଛାଡ଼ ପାଇବେ, ଯାହା ଅନ୍ୟ କୌଣସି ବାଣିଜ୍ୟ ଅଂଶୀଦାର ପାଇନାହାନ୍ତି। ଏହା ଭାରତରେ ୟୁରୋପୀୟ ଉତ୍ପାଦଗୁଡ଼ିକୁ ଶସ୍ତା କରିପାରିବ। ଅଟୋମୋବାଇଲ୍ କ୍ଷେତ୍ର ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ। ଚୁକ୍ତିନାମା ଅନୁଯାୟୀ, ୟୁରୋପରୁ ଭାରତକୁ ଆମଦାନୀ ହେଉଥିବା କାର ଉପରେ ଟିକସ ଧୀରେ ଧୀରେ ୧୧୦% ରୁ ୧୦% କୁ ହ୍ରାସ କରାଯିବ। ତଥାପି, ଏହି ଲାଭ ବାର୍ଷିକ ୨.୫ ଲକ୍ଷ କାରର ଏକ ସ୍ଥିର କୋଟା ପର୍ଯ୍ୟନ୍ତ ସୀମିତ ରହିବ। ଏହା ସହିତ, ଆଗାମୀ ୫ ରୁ ୧୦ ବର୍ଷ ମଧ୍ୟରେ କାର ଯନ୍ତ୍ରାଂଶ ଉପରେ ଟିକସ ସମ୍ପୂର୍ଣ୍ଣ ଭାବରେ ଉଚ୍ଛେଦ କରାଯିବ। ୟୁରୋପୀୟ କମିସନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ୍ କହିଛନ୍ତି ଯେ ଏହି ଚୁକ୍ତିନାମା ବାର୍ଷିକ ପ୍ରାୟ ୪ ବିଲିୟନ ୟୁରୋ ୪୩,୦୦୦ କୋଟି ଟଙ୍କା)ର ଶୁଳ୍କ ହ୍ରାସ କରିବ। ଭାରତ ଏବଂ ୟୁରୋପର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେ କହିଛନ୍ତି ଯେ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ବିଶ୍ୱକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ, ଆଜିର ବିଶ୍ୱ ଚ୍ୟାଲେଞ୍ଜର ସର୍ବୋତ୍ତମ ଉତ୍ତର ହେଉଛି ପାରସ୍ପରିକ ସହଯୋଗ, ପୃଥକ ନିଷ୍ପତ୍ତି ନୁହେଁ। ଏହି ଚୁକ୍ତିନାମା ଉଭୟ ପକ୍ଷ ପାଇଁ ଆର୍ଥିକ ଏବଂ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

ଆଜି ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବା ଲାଗି ଅତିକମରେ ଆଉ ବର୍ଷେ ଲାଗିଯିବ। କାରଣ ଏହି ଚୁକ୍ତିକୁ ୟୁରୋପୀୟ ସଂଘର ସମସ୍ତ ଦେଶଙ୍କୁ ଅନୁମୋଦନ କରିବାକୁ ପଡ଼ିବ।

ଅନ୍ୟପକ୍ଷରେ ଟ୍ରମ୍ପଙ୍କ ଜଣେ ନିକଟତମ ସହଯୋଗୀ ଏହି ଚୁକ୍ତିକୁ ସମାଲୋଚନା କରି କହିଛନ୍ତି ଯେ, ଏହି ଚୁକ୍ତି କରି ୟୁରୋପ ନିଜ ବିରୁଦ୍ଧରେ ଯୁଦ୍ଧ ପାଇଁ ପାଣ୍ଠି ଯୋଗାଇବ।

## ଆଜିଠୁ ସଂସଦର...

ନାହିଁ। ବଜେଟ ଅଧିବେଶନର ଏଜେଣ୍ଡା କାହିଁକି ଦିଆଯାଇ ନାହିଁ ବୋଲି ବିରୋଧୀ ଦଳ ପ୍ରଶ୍ନ କରିଥିଲେ। ଏସଂପର୍କରେ ରିଜିଜୁ କହିଲେ ଯେ ପରବର୍ତ୍ତୀ ସମୟରେ ଏହାକୁ ଦିଆଯିବ।

ନିର୍ବାଚନ ହେବାକୁ ଥିବା ରାଜ୍ୟମାନଙ୍କରେ ଚାଲିଥିବା ଏସ୍ଆଇଆରକୁ ନେଇ ସମସ୍ୟା ସୃଷ୍ଟି ହୋଇଥିବାରୁ ଏହା ଉପରେ ଆଲୋଜନା ହେବା ଦରକାର ବୋଲି ଡିଏମକେ, ତୃଣମୂଳ କଂଗ୍ରେସ ଓ ବାମପନ୍ଥୀ ଦଳର ପ୍ରତିନିଧି ଦାବି କରିଥିଲେ। ବିରୋଧୀ ଦଳ ଶାସିତ ରାଜ୍ୟମାନଙ୍କରେ ରାଜ୍ୟପାଳଙ୍କ ବିବାଦୀୟ ଭୂମିକା ଉପରେ ଆଲୋଚନା ପାଇଁ ମଧ୍ୟ ଏହି ଦଳ ଦାବି କରିଥିଲେ। ଏହାସହିତ ନୂଆ ୟୁଜିସି ଆଇନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଉପରେ ମଧ୍ୟ ଆଲୋଚନା କରିବାକୁ ଏହି ଦଳ ଦାବି କରିଥିଲେ। କିନ୍ତୁ ଏହାକୁ ନେଇ ସରକାର ନିରବ ରହିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସର୍ବଦଳୀୟ ବୈଠକରେ ଅନେକ ବରିଷ୍ଠ ମନ୍ତ୍ରୀ ଓ ବିଭିନ୍ନ ଦଳର ସଂସଦୀୟ ନେତା ଯୋଗ ଦେଇଥିଲେ।

## ସାରା ଦେଶରେ...

ଅଭିଯୋଗକୁ ବିଶେଷ ଭାବରେ ତଦାରଖ କରିବ। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ନିରପେକ୍ଷତା ଓ ଉତ୍ତରଦାୟିତ୍ୱ ଆଣିବା ପାଇଁ ଏହି ପରିବର୍ତ୍ତନ କରାଯାଇଛି। କିନ୍ତୁ ନିୟମ ସାଧାରଣ ବର୍ଗର ବିରୋଧୀ ବୋଲି କହି ଏହାକୁ ବିରୋଧ କରାଯାଉଛି। ସମାଲୋଚକମାନେ କହିଛନ୍ତି ଯେ ଉଚ୍ଚଜାତିର ଛାତ୍ରଛାତ୍ରୀଙ୍କୁ 'ସ୍ୱାଭାବିକ ଅପରାଧୀ' ବନାଇ ଦିଆଯାଇଛି। ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ଅନୁଯାୟୀ, ନୂତନ ନିୟମ କଲେଜ କିମ୍ବା ବିଶ୍ୱବିଦ୍ୟାଳୟ ପରିସରରେ ସେମାନଙ୍କ ବିରୋଧରେ ଭେଦଭାବକୁ ଏହି ନିୟମ ପ୍ରୋତ୍ସାହନ ଦେବ। ଏହା କଲେଜରେ ବିଶୃଙ୍ଖଳା ସୃଷ୍ଟି କରିବ। ପୂର୍ବରୁ ଏସ୍‌ସିଏସ୍‌ଟି ଆଇନର ଅପବ୍ୟବହାର କରି ସାଧାରଣ ବର୍ଗର ଲୋକଙ୍କ ବିରୋଧରେ ମିଥ୍ୟା ମାମଲା ଲଗାଇଯାଇଥିବାର ଅନେକ ଘଟଣା ସାମ୍ନାକୁ ଆସିଛି। କିଏ ୩୦ ବର୍ଷ ପରେ ନିର୍ଦ୍ଦୋଷରେ ମୁକ୍ତ ହୋଇଛି ତ ଆଉ କିଏ ୫ ବର୍ଷ ହେଲା କୋର୍ଟ କଚେରି ଧାଇଁ ଧାଇଁ ନୟାନ୍ତ ହୋଇଗଲାଣି।

ଜାତିଗତ ଭେଦଭାବର ସଂଜ୍ଞାରେ କୁହାଯାଇଛି ଯେ ଜାତି, ଧର୍ମ, ଲିଙ୍ଗ, ଜନ୍ମ ସ୍ଥାନ, ଅକ୍ଷମତା ଆଧାରରେ କୌଣସି ଅନ୍ୟାୟ କିମ୍ବା ପକ୍ଷପାତ ତଥା ଶିକ୍ଷାରେ ସମାନତା ପାଇଁ ପ୍ରତିବନ୍ଧକ କିମ୍ବା ମାନବ ସମ୍ମାନ ବିରୋଧକୁ ଜାତିଗତ ଭେଦଭାବ ଭାବେ ବିବେଚନା କରାଯିବ। ଏଥିରେ ଅନୁସୂଚିତ ଜାତି/ଜନଜାତି ବ୍ୟତୀତ ଅନ୍ୟ ଓବିସି ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ସେମାନଙ୍କ ପ୍ରତି କୌଣସି ଅନ୍ୟାୟ କିମ୍ବା ପକ୍ଷପାତପୂର୍ଣ୍ଣ ଆଚରଣକୁ ଜାତିଭିତ୍ତିକ ଭେଦଭାବ ବିବେଚନା କରାଯିବ। ପ୍ରଥମେ ଦିଆଯାଇଥିବା ପ୍ରସ୍ତାବରେ ମିଥ୍ୟା ଅଭିଯୋଗ ହ୍ରାସ କରିବାର ବ୍ୟବସ୍ଥା ଥିଲା। ଏଥିରେ କୁହାଯାଇଛି ଯେ ଯଦି କାହା ବିରୋଧରେ ମିଥ୍ୟା ଅଭିଯୋଗ କରାଯାଏ ତେବେ ଅଭିଯୋଗକାରୀଙ୍କୁ ଆର୍ଥିକ ଜରିମାନା କିମ୍ବା କଲେଜରୁ ନିଲମ୍ବିତ କରାଯାଇପାରେ। ମାତ୍ର ନୂଆ ନିୟମରେ ଏହି ବ୍ୟବସ୍ଥାକୁ କାଟି ଦିଆଯାଉଛି। ଏହା ବିରୋଧର ମୁଖ୍ୟ କାରଣ ପାଲଟିଛି। ଏହି ବ୍ୟବସ୍ଥା ଫଳରେ ସାଧାରଣବର୍ଗକୁ କେବଳ ଅଭିଯୁକ୍ତ ଧରାଯିବ, ପୀଡ଼ିତ ମନେ କରାଯିବ ନାହିଁ। ଆଉ ମିଥ୍ୟା ଅଭିଯୋଗ ଲଗାଇଥିବା ପିଲାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାରୁ ବ୍ୟବସ୍ଥା ମଧ୍ୟ ନାହିଁ। ତେଣୁ ଏହାକୁ ନେଇ ସାମାଜିକ ଗଣମାଧ୍ୟମଠାରୁ ସଡ଼କ ପର୍ଯ୍ୟନ୍ତ ଜୋରଦାର ବିକ୍ଷୋଭ ହେଉଛି।

ଏହି ନିୟମକୁ ବିରୋଧ କରି ଭିନୀତ ଜିନ୍ଦଲ ସୁପ୍ରିମକୋର୍ଟରେ ଆବେଦନ ଦାଏର କରିଛନ୍ତି। ଏଥିରେ ନିୟମ ଉପରେ ରୋକ୍ ଲଗାଇବାକୁ ସେ ଅନୁରୋଧ କରିଛନ୍ତି। ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିସନ ନିୟମ, ୨୦୨୬ର ସାମ୍ବିଧାନିକ ବୈଧତାକୁ ଚାଲେଞ୍ଜ କରି ସେ କହିଛନ୍ତି ଯେ ନୂଆ ନିୟମ ଯୋଗୁଁ ସାଧାରଣ ବର୍ଗର ଛାତ୍ରଛାତ୍ରୀ ହିଁ ପାତରଅନ୍ତର ଓ ନିର୍ଯାତନାର ଶିକାର ହେବେ।

## ରାଜ୍ୟ ସରକାରଙ୍କୁ...

ରଦ୍ଦ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ସେହିଭଳି ଗାଡ଼ି ଗୁଡ଼ିକର ବକେୟା ଚାଲାଣ ପଇଠ କରାନଗଲେ ପିୟୁସି ପ୍ରମାଣପତ୍ର ପ୍ରଦାନ କରାନଯିବା ଦ୍ୱାରା ଗାଡ଼ି ମାଲିକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା କେନ୍ଦ୍ର ମୋଟର ଯାନ ଆଇନର ଉଲ୍ଲଂଘନ ବୋଲି ଅଭିଯୋଗ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଛନ୍ତି। ଏହି ମାମଲାରେ ପରିବହନ ବିଭାଗ ସଚିବ, ପରିବହନ କମିସନର, ଉତ୍କଳ ପେଟ୍ରୋଲିୟମ୍ ଡିଲର ଆସୋସିଏସନ୍‌ର ସାଧାରଣ ସମ୍ପାଦକ, ଆଇଓସିଏଲ, ବିପିସିଏଲ୍, ଏଚପିସିଏଲ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ସେଲ୍ ଇଣ୍ଡିଆ ମାର୍କେଟ ପ୍ରାଇଭେଟ୍ ଲିମିଟେଡ୍ ପ୍ରମୁଖ ସଂସ୍ଥାକୁ ପକ୍ଷଭୁକ୍ତ କରାଯାଇଛି।

## ଯୁବତୀଙ୍କ ବେକରେ...

ସଂଘବଦ୍ଧ ଭାବେ ଲକ୍ଷ୍ମୀପ୍ରିୟାଙ୍କ ଘର ଭିତରକୁ ଧସେଇପଶିବା ସହ ତାଙ୍କୁ ଆକ୍ରମଣ କରିଥିଲେ। ଘରେ ଥିବା ବିଭିନ୍ନ ଆସବାବପତ୍ର ବି ଭଙ୍ଗାରୁଜା କରିଥିଲେ। ସେତିକିରେ ମହିଳା ଗୋଷ୍ଠୀଙ୍କ ରାଗ ଶାନ୍ତ ପଡ଼ିଲାନି ଯେ ସେମାନେ ଲକ୍ଷ୍ମୀପ୍ରିୟାଙ୍କୁ ଘରୁ ଘୋଷାଡ଼ି ଆଣି ଗାଁ ଦାଣ୍ଡରେ ସର୍ବସମ୍ମୁଖରେ ମାଡ଼ ମାରିଥିଲେ। ଏପରିକି, ତାଙ୍କ ବେକରେ ଜୋତାମାଳ ବି ପକାଇଥିଲେ। ୧ଲକ୍ଷ ଟଙ୍କା ଜରିମାନା ନ ଦେଲେ ଛାଡ଼ିବେ ନାହିଁ ବୋଲି ଧମକାଇଥିଲେ। ତେବେ ଲକ୍ଷ୍ମୀପ୍ରିୟା ଅନ୍ୟ ଉପାୟ ନ ପାଇ ୧୦ହଜାର ଟଙ୍କା ଜରିମାନା ଦେଇ ସେମାନଙ୍କ କବଳରୁ ମୁକୁଳିଥିଲେ। ଗାଁ ଦାଣ୍ଡରେ ଝିଅର ଏପରି ଅପମାନକୁ ବାପା ଲମ୍ବୋଦର ସହ୍ୟ କରିପାରିନଥିଲେ। ମାନସିକ ଭାରସାମ୍ୟ ହରାଇ ସେ ଗତରାତିରେ ସମସ୍ତେ ଶୋଇଯିବା ପରେ ବିଷ ପିଇ ଦେଇଥିଲେ। ପରିବାରଲୋକ ଏ ସଂପର୍କରେ ଜାଣିବା ପରେ ତାଙ୍କୁ ଉଦ୍ଧାର କରି ଚାନ୍ଦବାଲି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ ଲକ୍ଷ୍ମୀପ୍ରିୟା ବାଂଶଡା ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ଏହା ଏକ ସ୍ୱର୍ଶକାତର ଘଟଣା ହୋଇଥିବାରୁ ଚାନ୍ଦବାଲି ଏସ୍‌ଡିପିଓ ଏସ୍‌ଡିପିଓ ପ୍ରଭାସ ସାହୁ ଆଜି ପୁଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ ଲମ୍ବୋଦରଙ୍କ ଘରୁ ଏକ ଜୋତାମାଳ ଜବତ କରିଛି। ଏହି ଘଟଣାରେ ୧୦ ଜଣଙ୍କ ନାମରେ ମାମଲା ରୁଜୁ ହେବା ସହ ଜଣକୁ ଅଟକ ରଖାଯାଇଛି ବୋଲି ଏସ୍‌ଡିପିଓ ଶ୍ରୀ ସାହୁ କହିଛନ୍ତି।

## ମାନ୍ୟତା ହରାଇଲେଣି...

ଆଶଙ୍କା ରହିଛି। ଏଣୁ ଏହା ପୂର୍ବରୁ ମାନ୍ୟତା ନବୀକରଣ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱାରୋପ କରିଛି। ମାନ୍ୟତା ନ ଥିବା ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ପରୀକ୍ଷା ନିୟନ୍ତ୍ରକଙ୍କ ସହ ବୈଠକ କରିଛି। ବିଭାଗୀୟ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାନ୍ୟତା ନବୀକରଣ ପାଇଁ ଆବେଦନ କରି ନ ଥିବା ମହାବିଦ୍ୟାଳୟଗୁଡ଼ିକୁ ତାଗିଦ କରାଯିବା ସହ ତୁରନ୍ତ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଯେଉଁମାନେ ଆବେଦନ କରିଛନ୍ତି, ୟୁଜିସି ଆବଶ୍ୟକ କରୁଥିବା ଅଧିକ ତଥ୍ୟ ଦାଖଲ କରି ମାନ୍ୟତା ନବୀକରଣ କରିବାକୁ କୁହାଯାଇଛି। ବିଡ଼ମ୍ବନା ହେଉଛି ମାନ୍ୟତା ନଥାଇ ମଧ୍ୟ ଅନେକ କଲେଜ ନିଜର ପରୀକ୍ଷା ନିଜେ ପରିଚାଳନା କରୁଛନ୍ତି। ୟୁଜିସିର କନଫର୍ମେଣ୍ଟ ଅଫ୍ ଅଟୋନୋମସ ଷ୍ଟାଟସ୍ ଓପନ୍ କଲେଜ ଏବଂ ମେଜର୍ସ ଫର୍ ମେଣ୍ଟେନାନ୍ସ ଅଫ୍ ଷ୍ଟାଣ୍ଡାର୍ଡସ ଇନ୍ ଅଟୋନୋମସ କଲେଜ ନିୟମାବଳୀ, ୨୦୨୩ର ଉଲ୍ଲଙ୍ଘନ କରି ଉକ୍ତ କଲେଜଗୁଡ଼ିକୁ ପରୀକ୍ଷା ଆୟୋଜନ ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକ ଅନୁମତି ଦେଉଛନ୍ତି। ୟୁଜିସି ପକ୍ଷରୁ ଏନେଇ ବାରମ୍ବାର ଦାଗିଦ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ପିଲାଙ୍କ ଶୈକ୍ଷିକ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

Jan Shikshan Sansthan, Kendrapara, Odisha
**REQUIRES DIRECTOR**
Skill India
कौशल भारत - कुशल भारत

The Director would be in charge of providing the organization with leadership, direction and drive. He/she would be fully in charge of all day-to-day activities. The Director is expected to have proven capabilities of motivating and leading a team of professionals. He/she should have good management skills and be a team-builder.

**QUALIFICATION ESSENTIAL:**
1. Graduation from a recognized University / Institution or equivalent
2. Seven years' experience in a supervisory capacity
3. Working knowledge of the local language both written and spoken

**DESIRABLE:**
1. Vocational Degree / Diploma
2. Experience in Administration or Management/Accounts
3. Experience in leading a team
4. Experience in heading an organization
5. Experience in guiding/conducting of research or education

**AGE:** Not exceeding 55 years as on 06/02/2026
**EMOLUMENTS:** Rs. 30,000/- to 40,000/- Consolidated per month (all inclusive). No other allowance will be admissible.
**CONTRACT:** Appointment on contract basis for a period not exceeding five years, out of which the first year will be the probation period. Shortlisted candidates called for interview will be reimbursed to and fro second AC Rail fare on production of railway journey ticket.
Apply within 10 days from the date of publication of this advertisement by post / courier to **The Chairman, Jan Shikshan Sansthan, Upstairs of Bank of India, Tinimuhani, Kendrapara - 754211 (Odisha)** with complete bio-data (Include % of Marks, Present employment, Salary drawn two references of repute & Passport size photo duly signed). Enclose copies of certificates. This advertisement can be modified, substituted or cancelled at any time without assigning any reason thereof.

Phone-06842-253708
E-mail: rw_phulbani@yahoo.co.in
O-2056

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, PHULBANI
No. 386/RWDP, Dated the 15.01.2026
**Government of Odisha e-Procurement Notice**
**Bid Identification No. Online Tender/16/SERWD PHULBANI/ 2025-26**

| | | |
|---|---|---|
| 1 | Name of the work | :: Building Work (01No.) |
| 2 | Estimated cost | :: Rs.54.20 Lakhs |
| 3 | Period of Completion | :: Six Calendar months |
| 4 | Date & Time of availability of Bid documents in the Portal | :: From 28.01.2026 10.00 AM.to 09.02.2026 Upto 5.00 PM |
| 5 | Last Date/ Time for receipt of Bids in the Portal | :: 09.02.2026 upto 5.00 PM |
| 6 | Name and address of the Officer Inviting Bid | :: Superintending Engineer, Rural Works Division, Phulbani |

Further details can be seen from the e-procurement portal website www.tendersodisha.gov.in

Superintending Engineer
Rural Works Division, Phulbani
OIPR-

OHPC
**ODISHA HYDRO POWER CORPORATION LIMITED.**
CAD-3096
OFFICE OF THE SENIOR GENERAL MANAGER (ELECTRICAL),
BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764 051.
Phones: 06861-232581(O) / 232641(R),FAX – 06861-232541.
Email: unit.head_balimela@yahoo.com / bhep.balimela@gmail.com

'e'-Procurement Notice
**NOTICE INVITING TENDER NO.: BHEP/59/2025-26, DTD.22.01.2026**
The Unit Head, Balimela Hydro Electric Project, Balimela, Dist-Malkangiri invites percentage rate bids in double coversystem i.e. Cover-I (Technical Bid) & Cover II (Price bid) for the work through e-procurement as detailed in the table below.

| Sl No | Name of Work | Estimated cost (Rs) | EMD (Refundable) | Cost of bid documents (Rs) (non-refundable) | Class of Contractor/Firm | Period of Completion |
|---|---|---|---|---|---|---|
| 1 | ANNUAL OPERATION AND MAINTENANCE OF WATER SUPPLY SYSTEM OF BHEP, BALIMELA ON JOB CONTRACT BASIS FOR 01 (ONE) YEAR | 48,55,411.00 | 49,000.00 | 6,000/- + GST @ 18% = 7080/- | 'B' /Registered service provider/Agency | 365 days |

Date & Time of availability of bid document in the portal: From 10:00 Hrs of 27.01.2026to 17:00 Hrs of 05.02.2026
Last date & time of submission of bid: Up to 17:00 Hrs of 05.02.2026
The date & Time of opening of the bid: 12:00 Hrs onwards of 06.02.2026
(Only Technical bid)
*Further details can be seen from the e-procurement portal*https://tendersodisha.gov.in

Unit Head
Balimela Hydro Electric Project,
Balimela
OIPR-

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, UDALA
e_mail : rw_udala@yahoo.com
O-2143
e-Procurement Tender Call Notice No. Online 08/RWD/UDALA/2025-26

1. Name of the work : Road works
2. Total No.of works : 7 Nos.
3. Estimated Cost : Approx Estimated Cost Rs.5.04 to Rs.48.45 Lakhs
4. Class of Contractor : 'D', 'C' & 'B'
5. EMD : EMD @ 1% of Estimated Cost Put to tender
6. Period of completion : As per Annexure
7. Other details :

Further details can be seen from the website www.tendersorissa.gov.in

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E, Rural Works Division, Udala. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| S.E.R.W Division, Udala. | 08(Online)/ RWD-Udala of 2025-26 | 29.01.26 at 11.00 A.M. | 05.02.26 up to 5.00 P.M. | 05.02.26 up to 3.00 P.M. | 05.02.26 at 5.30 A.M. |

OIPR-
SuperintendingEngineer
RW Division, Udala

OFFICE OF THE PRINCIPAL
SINDHE DEVI (DEGREE) MAHAVIDYALAYA, NANDAPUR.
DIST-KORAPUT, PIN-764037(ODISHA)

*Letter No:- 20/SDDM/2026* *Date:-27.01.2026*

**ADVERTISEMENT**

Interested candidates may apply to the Principal, Sindhedevi Degree Mahavidyalaya, At/Po-Nandapur, Dist-Koraput, Pin-764037 (Odisha) by registered post with Bio-data and certificate for the posts of "DATA ENTRY OPERATOR" on contractual basis, having Graduation with P.G.D.C.A. and knowledge in Accounting, Excel, M.S. word, M.S. power point with excellent type writing and having one year work experience is proficiency. Age as per Govt. of Odisha norms. Salary negotiable and last date of receipt of application is Dt.12.02.2026

Sd-
Principal-cum-Secretary
SindheDevi(Degree) Mahavidyalaya,Nandapur.

**AFFIDAVIT**
By virtue of an affidavit sworn before the Executive Magistrate, Jaleswar, Balasore, Odisha vide Sl. No. 255 on dated 20/01/2026, I, Krupasindhu Mahanta, S/o. Parameswar Mahanta, At. Panchughanta, Po/Ps. Jaleswar, Dist. Balasore, Odisha, declare that I have changed my son name from Jajayantyi Dipti to Riyansh Kumar Mahanta . Henceforth, He will be known as **Riyansh Kumar Mahanta** for all purposes.

**AFFIDAVIT**
By virtue of an affidavit sworn before The Executive Magistrate, Mahakalpara, SL.NO- 1762, dated 01-12-2025 I, **NAMITA DAS,** W/o Jitendra Das, Permanent resident of village At- Ostar (Ghodabandha), Po- Teragan, PS- Marshaghai, Via- Mahakalpara Dist- Kendrapara, State- Odisha, PIN- 754224, declare that I have changed my Son's name from **RUDRA DAS** (Old name) to **AYUSHMAN DAS** (New name), Henceforth, he shall be known as **AYUSHMAN DAS** for all purposes.
**( Sd- NAMITA DAS )**

**AFFIDAVIT**
**I, Tarulata Sahu,** W/o.: Hrushikesh Sahu, Permanent/Currently Resident At.: Dhauragotha, PO.: Tainsi, P.S.: Purunakot, Dist.: Angul (Odisha)-759127, declare by this Affidavit No.: 391, dated: 27.01.2026, that now onwards my minor son will be known as **Siddheswar Sahu** for all future purposes.

**AFFIDAVIT**
**I, Sovabati Naik,** W/o.: Dillip Naik, Permanent/ Currently Resident At/PO.: Gadataras, P.S.: Bantala, Dist.: Angul (Odisha)-759129, declare by this Affidavit No.: 5983, dated: 14.11.2025, that now onwards my minor daughter will be known as **S Madhusmita** for all future purposes.

**ଦଲିଲ ହଜିଛି**
ମୁଁ ସୁବାଶ ଚନ୍ଦ୍ର ଡାକୁଆ ,ପିତା- ରାଧାକୃଷ୍ଣ ଡାକୁଆ , ଗ୍ରାମ - ଚୋରଦା, ଥାନା - ଯାଜପୁର ରୋଡ଼ , ଜିଲ୍ଲା - ଯାଜପୁର ନିବାସୀ ଗତ ୦୬/୧୦/୨୦୨୧ରେ ଯାଜପୁର ରୋଡ କୁ ଯିବା ରାସ୍ତାରେ ମୋରୋ ଲିଙ୍କ ଦଲିଲ ହଜିଯାଇଅଛି, ଯାହାର କ୍ରମିକ ସଂଖ୍ୟା - ୧୦୮୨୧୦୦୩୫୫୩ ଯାହାର ୨୭.୧୦.୨୦୧୦ ରେ ହୋଇଥିଲା. ଯଦି କେହି ସହୃଦୟ ବ୍ୟକ୍ତି ପାଇଥାନ୍ତି ଦୟାକରି ମୋତେ ୯୪୩୮୮୪୧୬୫୦ ରେ ଯୋଗାଯୋଗ କରିବେ

**AFFIDAVIT**
**I, Prabhat Mishra,** W/o.: Dillip Kumar Mishra, Permanent/Currently Resident At.: Susuda, PO.: Ankula, P.S.: Angul, Dist.: Angul (Odisha)-759132, declare by this Affidavit No.: 196, dated: 12.01.2026, that now onwards I will be known as **Prabhati Mishra** for all future purposes.

**AFFIDAVIT**
**I, Kishori Jena,** S/o.: Baikunth Jena, Permanent/ Currently Resident At.: Jhintipal, PO.: Korada, P.S.: Nisha, Dist.: Angul (Odisha)-759127, declare by this Affidavit No.: 6376, dated: 03.12.2025, that now onwards I will be known as **Kishor Chandra Jena** for all future purposes.

**Antares Systems Ltd.**
Ph:080-45982100/033-46046611
e-mail: esale@etenderwizard.com
Tender Wizard
**e-Auction for disposal of Burnt Oil, Old, Used & Unserviceable Items of Mahanadi Coalfields Limited, Sambalpur. Website:** www.tenderwizard.com/ESALE.
**Auction No's**
1) ASL/MCL/DISPOSAL/25-26/09 Auction Date: 04-02-2026
2) ASL/MCL/DISPOSAL/25-26/10 Auction Date: 05-02-2026
For further information, contact Helpdesk at the above address.
Refer Sale notice for further details.

**AFFIDAVIT**
By virtue of an affidavit sworn before in the court of Executive Magistrate and Tahasildar Basta, Sl No-902, Dt-11/02/2025 .I,Bijay Kumar Biswal ,Age-37,S/o-Rabindra Biswal,Of Village-Tikirapada,Po/Ps-Basta,Dist-Balasore,Odisha. Declared that My Son Actual name MANABENDRA BISWAL, But his birth certificate bearing Regd.no-3323/2021 (D.O.B-27/11/2021) his name mentioned as MAANAVENDRA BISWAL instated of Manabendra Biswal. Hence this affidavit the both name as MAANAVENDRA BISWAL and MANABENDRA BISWAL same name and one Person for all future purpose.
**Bijay Kumar Biswal**

**AFFIDAVIT**
By virtue of an affidavit sworn before Executive Magistrate, Rayagada, No. 67 dated 27.01.2026, I, Purna Chandra Huika, aged about 27 years, S/o Chaudhury Huika, resident of At-Adibasi Sahi, Therubali, PO-Therubali, PS-Chandili, Tahasil / Dist-Rayagada-765018, Odisha, declare that I have changed my name from Purna Huika to Purna Chandra Huika. Henceforth, I shall be known as Purna Chandra Huika for all purposes.
**Purna Chandra Huika**

**AFFIDAVIT**
By virtue of an affidavit (CF No. 06, dated 08.01.2026) sworn before the Executive Magistrate, Barkote, I, Lipi Pradhan, W/o Gajendra Kumar Sahoo, resident of At-Baishnaba Pali, P.O.-Kantapali, P.S./Dist.-Deogarh, Odisha, PIN-768108, declare that I have changed my name from Lipi Sahoo to Lipi Pradhan. Henceforth, I shall be known as **Lipi Pradhan** for all purposes.

**AFFIDAVIT**
By virtue of an affidavit sworn before the Executive Magistrate, Rairakhol, vide Cf.No. 121 on dated 27.01.2026, I, Sanjaya Dehury, Vill.: Tribanpur, P.O.-Tribanpur, P.S.-Rairakhol, Dist.-Sambalpur-768106 do hereby declare that I have changed my name from "Sanjay Dehuri" to "Sanjaya Dehury". Henceforth I shall be known as **"Sanjaya Dehury"** for all purposes.

**AFFIDAVIT**
By virtue of an affidavit (CF No. 07, dtd. 08.01.2026) sworn before the Executive Magistrate, Barkote, I, Gajendra Kumar Sahoo, S/o-Jogeswar Sahoo, resident of At-Baishnaba Pali, P.O.-Kantapali, P.S./Dist.-Deogarh, Odisha, PIN-768108, declare that I have changed my minor daughter's name from Shubhadrangi Sahoo to Saloni Sahoo. Henceforth, she shall be known as **Saloni Sahoo** (New Name) for all purposes.

**AFFIDAVIT**
By virtue of an affidavit sworn before the Notary Public, Sonepur, dtd.27.01.2026, I, Trayambaka Bhoi, formerly known as Trayambak Bhoi, resident of Raksa, Biramahrajpur, Dist. Subarnapur, Odisha, have changed my name from Trayambak Bhoi to Trayambaka Bhoi. Henceforth, I shall be known as **Trayambaka Bhoi** for all purposes.

**AFFIDAVIT**
By virtue of an affidavit sworn before the Executive Magistrate, Bhapur, Nayagarh dated 10.12.2025, I **Rina Pradhan @ Malia Pradhan** age about 50years W/o Sadasiva Pradhan resident of Vill./PO./PS.- Fategarh, Dist-Nayagarh, Aadhaar Card No.-6294 5159 1539, Voter Card No.-OR/09/063/338380, and Passport No.- S9072800 is one and same person. In my Son's passport No.-N8070653my name is written worngly Malia Pradhan instead of Rina Pradhan. So kindly treat my name as **RINA PRADHAN** instead of Malia Pradhan.

**ହଜିଛି**
ମୁଁ, ଦୀପକ କୁମାର ସାହୁ, ପିତା: ୰ନିଶାକର ସାହୁ, ସା: ସି.ଡି.ଏ, ପ୍ଲଟ୍ ନଂ.:୨ଡି/୭୬୦/୧୩, ସେକ୍ଟର-୧୧, କଟକ-୧୪ ଏହା ଜଣାଇବାକୁ ଚାହେଁ ମୋ ନିକଟରୁ ୧) ମହମ୍ମଦ ହବିବୁଲା ଖାଁଙ୍କ ସପକ୍ଷରେ ଜାରି ଓରି. ପ୍ରୋଭିଜନାଲ ଆଲଟମେଣ୍ଟ ଲେଟର ନଂ.: ୭୪୯୩ ତା.୦୯.୦୮.୧୯୯୪, ୨) ମହମ୍ମଦ ହବିବୁଲା ଖାଁଙ୍କ ସପକ୍ଷରେ ଜାରି ଓରି. ପଜେସନ ହ୍ୟାଣ୍ଡିଙ୍ଗ ମେମୋ ନଂ.: ୧୪୮୧୯ ତା. ୦୨.୧୨.୧୯୮୬, ୩) ମହମ୍ମଦ ହବିବୁଲା ଖାଁଙ୍କ ସପକ୍ଷରେ ଜାରି ଓରି. ଚୁଡାନ୍ତ ଆଲଟମେଣ୍ଟ ଲେଟର ନଂ.: ୨୮୨୧ ତା. ୦୧.୦୩.୧୯୯୬, ୪) ଦୀପକ କୁମାର ସାହୁଙ୍କ ସପକ୍ଷରେ ଓରି. ଟ୍ରାନସି ପରମିଶନ ଲେଟର ନଂ.୧୫୬୭୭/ସିଡିଏ, ତା. ୦୬.୦୬.୨୦୧୩, ୫)ସିଡିଏ ଦ୍ୱାରା ଦୀପକ କୁମାର ସାହୁଙ୍କ ସପକ୍ଷରେ ସମ୍ପାଦିତ ଓରି. ପଞ୍ଜିକୃତ ଲିଜ୍ ଡିଡ୍ ନଂ.: ୧୦୩୯୨୦୦୨୦୯୪, ତା. ୦୨.୦୬.୨୦୨୦, ୬) ଓରି. ସିଡିଏ ଅନୁମୋଦନ ଲେଟର ନଂ.:୨୨୬୨୪, ବିପି ନଂ.: ୧୨୫୦, ତା. ୧୮.୦୯.୨୦୧୩ ମୋ ନିକଟରୁ ବହୁଦିନରୁ ହଜିଯାଇଛି । ଏହାର ମୋର ସେକ୍ଟର-୯, ପ୍ଲଟ୍ ନଂ.: ୨ବି/୧୧୦, ସିଡିଏ ସମ୍ପର୍କିତ ଜମିର କାଗଜାତ ଅଟେ । ବହୁ ଖୋଜାଖୋଜି ପରେ ବି ସନ୍ଧାନ ପାଇଲି ନାହିଁ । ବର୍ତ୍ତମାନ ଏହା କାନାରା ବ୍ୟାଙ୍କ, ସି.ଡି.ଏ ଶାଖାରେ ବନ୍ଧକ ଅଛି । ବର୍ତ୍ତମାନ ମୁଁ ଏହାକୁ ଏସ.ବି.ଆଇ ହୋମ ଲୋନ ସେଣ୍ଟର, ମହାନଦୀବିହାର କଟକରେ ବନ୍ଧକ ଦେବାକୁ ଇଚ୍ଛୁକ । ଯଦି କୌଣସି ସହୃଦୟ ବ୍ୟକ୍ତି ସନ୍ଧାନ ପାଇଲେ ମୋ ନଂ.:୯୯୩୮୪୭୬୯୦୦ରେ ଜଣାଇବାକୁ ଅନୁରୋଧ ।

## ୭୭ତମ ସାଧାରଣତନ୍ତ୍ର ଦିବସ

# କେନ୍ଦୁଝର ହେବ ଓଡ଼ିଶାର ଆଦର୍ଶ ଜିଲ୍ଲା: ଯୋଗାଣ ମନ୍ତ୍ରୀ





କେନ୍ଦୁଝର,୨୭।୧(ସମିସ): ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଜିଲ୍ଲା ସଦର ମହକୁମାରେ ପାଳିତ ହୋଇଯାଇଛି। କେନ୍ଦୁଝର ଷ୍ଟାଡିୟମଠାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ବୈଷୟିକ ବିଭାଗ କୃଷ୍ଣଚନ୍ଦ୍ର ପାତ୍ର ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ମନ୍ତ୍ରୀ ଶ୍ରୀ ପାତ୍ର ଦେଶର ସ୍ୱାଧୀନତା ପାଇଁ ଅସୀମ ତ୍ୟାଗ କରିଥିବା ଏବଂ ବଳିଦାନ ଦେଇଥିବା ସଂଗ୍ରାମୀ ଓ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କେନ୍ଦୁଝର ଜିଲ୍ଲାକୁ ବୀର ମାଟି ଭାବେ ଅଭିହିତ କରି ସ୍ୱାଧୀନତା ସଂଗ୍ରାମ କାଳରେ ସଂଗ୍ରାମୀମାନଙ୍କର ଉଚ୍ଚ ଆଦର୍ଶ ଆମ ପାଇଁ ପ୍ରେରଣା ସାଜିଛି ବୋଲି କହିଥିଲେ। ସମସ୍ତେ ମିଳିମିଶି କେନ୍ଦୁଝର ଜିଲ୍ଲା ତଥା ଓଡ଼ିଶାର ପ୍ରଗତିକୁ ତ୍ୱରାନ୍ୱିତ କରିବା ସହ ଏହାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ି ତୋଳିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ଏହି ଅବସରରେ ସମ୍ମିଳିତ ପ୍ୟାରେଡ଼ରେ ୫୬ଟି ଦଳ ଅଂଶଗ୍ରହଣ କରିଥିଲେ। ୮ଟି ବିଭାଗ ତରଫରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ୪ଟି ଶିକ୍ଷାନୁଷ୍ଠାନ ତରଫରୁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କେନ୍ଦୁଝର ଜିଲ୍ଲା ଆମେଚର ତାଇକ୍ୱାଣ୍ଡୋ ଆସୋସିଏସନ୍ ତରଫରୁ ତାଇକ୍ୱାଣ୍ଡୋ ପ୍ରଦର୍ଶନ କରାଯାଇଥିଲା। ଶ୍ରେଷ୍ଠ ପରେଡ୍ ଦଳ ଭାବେ ଏନ୍‌ସିସି/ସ୍କାଉଟ୍/ଗାଇଡ୍/ରେଡକ୍ରସ୍ ବାଳିକା ବର୍ଗରେ ସିନିୟର ଡିଭିଜନ୍ ଏନ୍‌ସିସି ଡି. ଏ. କଲେଜ୍ କେନ୍ଦୁଝର, ଶ୍ରେଷ୍ଠ ବାଳକ ଦଳ ଭାବେ ଏନ୍‌ସିସି ଡିଏନ୍ ହାଇସ୍କୁଲ କେନ୍ଦୁଝର, ସିଭିଲିଆନ୍ ସିନିୟର୍ ବର୍ଗରେ ଶ୍ରେଷ୍ଠ ବାଳିକା ଦଳ ଭାବେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, କେନ୍ଦୁଝର, ଶ୍ରେଷ୍ଠ ବାଳକ ଦଳ ଭାବେ ଏନ୍‌ଏସ୍ ପୋଲିସ୍ ହାଇସ୍କୁଲ କେନ୍ଦୁଝର ଏବଂ ସିଭିଲିଆନ୍ ଜୁନିୟର ବର୍ଗର ଶ୍ରେଷ୍ଠ ବାଳିକା ଦଳଭାବେ ସିଭିଲିଆନ ଡିଏଭି ପବ୍ଲିକ୍ ସ୍କୁଲ, କେନ୍ଦୁଝର ଏବଂ ଶ୍ରେଷ୍ଠ ବାଳକ ଦଳ ଭାବେ ରବିନ୍ଦ୍ର ବିଦ୍ୟାନିକେତନ କେନ୍ଦୁଝରକୁ ମୁଖ୍ୟଅତିଥି ଟ୍ରଫି ପ୍ରଦାନ କରିଥିଲେ। ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କ୍ଷେତ୍ରରେ ପ୍ରକଳ୍ପ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା, କେନ୍ଦୁଝର, ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ, ଉଦ୍ୟାନ କୃଷି ବିଭାଗ କେନ୍ଦୁଝର ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କେନ୍ଦୁଝରକୁ ପୁରସ୍କୃତ କରାଯାଇଥିଲା। ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଡ଼ସ ପବ୍ଲିକ୍ ସ୍କୁଲ କେନ୍ଦୁଝର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବଣିଆପାଟ, ଏସବି ଇଣ୍ଟରନେସନାଲ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଝରର ଦଳକୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲାପାଳ ବିଶାଳ ସିଂହ ଏବଂ ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକରଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ପରିଚାଳନା କରିଥିଲା ବେଳେ ଆରଆଇଏଫ୍ ପୁଲିସ୍ ମାନସ ବେହେରା ପରେଡର ନେତୃତ୍ୱ ନେଇଥିଲେ। ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ରବୀନ୍ଦ୍ର ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ବିନୋଦ ବିହାରୀ ମିଶ୍ର, କେନ୍ଦୁଝର ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ ନାୟକ, କ୍ରୀଡା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ଥିଲେ। ମଧ୍ୟାହ୍ନରେ ଏକ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ ସହ ଅପରାହ୍ନରେ କେନ୍ଦୁଝର ଅଡିଟୋରିୟମ୍‌ଠାରେ ମିଳନୀ ସାହିତ୍ୟ ସଂସଦ ସହଯୋଗରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ଅଗ୍ରଣୀ କୃଷକ ଭାବେ କେନ୍ଦୁଝର ଉପଖଣ୍ଡର ବଂଶୀଧର ମହାନ୍ତ, ଆନନ୍ଦପୁର ଉପଖଣ୍ଡର କାହ୍ନୁଚରଣ ପରିଡା, ଚମ୍ପୁଆ ଉପଖଣ୍ଡର ସୁରେଶଚନ୍ଦ୍ର କୁଦାଦାଃ, ଶ୍ରେଷ୍ଠ କ୍ରୀଡାବିତ୍ ଭାବେ ସଂଯୁକ୍ତା ଦାସ, ଶ୍ରେଷ୍ଠ ମହିଳା ଫୁଟବଲ ଖେଳାଳି ଭାବେ ସୁବର୍ଣ୍ଣିକା ଚାମ୍ପିଆ, ଆଦର୍ଶ ଆଶାକର୍ମୀ ଭାବେ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କୁନ୍ତୀ ସ୍ୱାଇଁ, ଅଗ୍ରଣୀ ମାଣ୍ଡିଆ ଚାଷୀ ଭାବେ ସତ୍ୟବ୍ରତ ମହାନ୍ତ, ଶ୍ରେଷ୍ଠ ବ୍ଲକ ଭାବେ କେନ୍ଦୁଝର ସଦର ବ୍ଲକ୍, ଶ୍ରେଷ୍ଠ ତହସିଲ ଭାବେ ହରିଚନ୍ଦନପୁର ତହସିଲ, ଶ୍ରେଷ୍ଠ ଥାନା ଭାବେ ଟାଉନ ଥାନାକୁ ପୁରସ୍କୃତ କରାଯାଇଥିଲା।

ସେହିପରି ସଦର ବ୍ଲକ ନୂଆଗାଁ ପଞ୍ଚାୟତ ଗୋହାଲଡିହି ଗ୍ରାମର ବିର୍ସାମୁଣ୍ଡା ପ୍ରତିମୂର୍ତ୍ତିଠାରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଗୋହାଲଡିହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ କୁମାର ମହାନ୍ତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଭାପତି ଆଦିକନ୍ଦ ମୁଣ୍ଡା, ଉପସଭାପତି ନବଘନ ମାଝୀ, ସମ୍ପାଦକ ଟୁବଲୁ ମାଝୀ, କୋଷାଧ୍ୟକ୍ଷ ମକରଧ୍ୱଜ ମୁଣ୍ଡା, ସଦସ୍ୟ ସୋମନାଥ ମୁଣ୍ଡା, ଲାଲମୋହନ ମୁଣ୍ଡା, ସନାତନ ମୁଣ୍ଡା, ରବି ବାଲମୁଚୁ, ରାମଚନ୍ଦ୍ର କୁଲଡିହି, ରଇଦାସ କୁଲଡିହି, ପରେଶ କୁଲଡିହି, ମସ କୁଲଡିହି, ସନାତନ ବାଲମୁଚୁ, ମାଧ ସଏ, ମାନସିଂ ସଏ, ସୁରେଶ ସଏ, ରାବଣ ସୋରେନ, ଗଙ୍ଗାଧର ମୁର୍ମୁ, ରେଙ୍ଗ ବାଲମୁଚୁ, ଟାଙ୍କୁଲୁ ବାଲମୁଚୁ, ରଥୁବାଲମୁଚୁ, ଇଶ୍ୱରବାଲମୁଚୁସମେତସମସ୍ତକର୍ମକର୍ତ୍ତାଉପସ୍ଥିତଥିଲେ।

ସେହିପରି ସଦର ଥାନାଧିକାରୀ ଅଜିତ ଭୂୟାଁ ପତାକା ଉତ୍ତୋଳନ କରିଥିଲେ। ପଳାଶପଙ୍ଗା ଓ ଶୁଆକାଟି ବିଟ୍‌ରେ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା। ସଦର ବ୍ଲକର ବିଭିନ୍ନ ପଞ୍ଚାୟତ ସହ ପଦ୍ମପୁରର ବିଭିନ୍ନ ସ୍ଥାନରେ ଶିକ୍ଷାନୁଷ୍ଠାନ ସରକାରୀ ଅନୁଷ୍ଠାନ ଓ ସଂଗଠନ ପକ୍ଷରୁ ସାଧାରଣତନ୍ତ୍ର ପାଳିତ ହୋଇଥିଲା। କେନ୍ଦୁଝର ସଦର ବ୍ଲକ ନୂଆଗାଁ ପଞ୍ଚାୟତ କେନ୍ଦୁପୋଷି ଅଙ୍ଗନବାଡ଼ିରେ ସାମ୍ବାଦିକ ତଥା ୱାର୍ଡମେମ୍ବର ଦୁର୍ଯ୍ୟୋଧନ ପାତ୍ର ପତାକା ଉତ୍ତୋଳନ କରିଥିଲେ। ଶିଶୁମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଅଙ୍ଗନବାଡ଼ି କର୍ମୀ ସୁନାମଣି ଶୁଣ୍ଡି, ପାଚିକା ଜ୍ୟୋତ୍ସ୍ନା ପାତ୍ର ସମେତ ଦୁଷ୍ମନ୍ତ ବାଇପାଇ, ସୁରେଶ ସଏ, ତାଳକେଶର ପାତ୍ର, ସୀମାରାଣୀ ପାତ୍ର, ଲକ୍ଷ୍ମୀରାଣୀ ପାତ୍ର, ପୁଜାରାଣୀ ପାତ୍ର, ମଙ୍ଗୁଳ ଚରଣ ପାତ୍ର ଉପସ୍ଥିତ ଥିଲେ। ନୂଆଗାଁ ପଞ୍ଚାୟତ କେନ୍ଦୁପୋଷି ବାବାସାହେବ ସାଂସ୍କୃତିକ କ୍ଲବ ପକ୍ଷରୁ ୱାର୍ଡସଭ୍ୟ ଦୁର୍ଯ୍ୟୋଧନ ପାତ୍ର, ମଣ୍ଡୁଆପଞ୍ଚାୟତ ସରପଞ୍ଚ କେତକୀ ନାଏକ, ନରଣପୁର ପଞ୍ଚାୟତ ସରପଞ୍ଚ ଗୀତା ନାଏକ, ନେଲୁଙ୍ଗ ପଞ୍ଚାୟତ ସରପଞ୍ଚ ଚନ୍ଦ୍ରମଣୀ ସିଂ, ବଦପାଳସା ପଞ୍ଚାୟତ ସରପଞ୍ଚ ସୁଧାଂଶୁ ଶେଖର ନାଏକ, ଡିମ୍ବୋ ପଞ୍ଚାୟତ ସରପଞ୍ଚ ଅଞ୍ଜଳୀ ନାଏକ, ବଡବାପାଳ ପଞ୍ଚାୟତ ସରପଞ୍ଚ ଗଣେଶ ଚନ୍ଦ୍ର ମୁଣ୍ଡା, ମହାଦେଇଜୋଡା ସରପଞ୍ଚ ରମେଶ ମୁଣ୍ଡା, ରାଇସୁଆଁ ପଞ୍ଚାୟତ ସରପଞ୍ଚ ଅନନ୍ତ ଦେହୁରୀ, ଗୋପୀନାଥପୁର ପଞ୍ଚାୟତ ସରପଞ୍ଚ ସରୋଜ ଦେହୁରୀ, ପଦ୍ମପୁର ପଞ୍ଚାୟତ, ସରପଞ୍ଚ ତପନ ସାମଲ, ନୂଆଗାଁ ପଞ୍ଚାୟତ ସରପଞ୍ଚ ଅଶିର୍ବାଦ ନାଏକ, ଗୋବର୍ଦ୍ଧନ ପଞ୍ଚାୟତ ସରପଞ୍ଚ ସଞ୍ଜୟ ମୁଣ୍ଡା, ଶଙ୍କରା ପଞ୍ଚାୟତ ସରପଞ୍ଚ ସଂଯୁକ୍ତ ନାଏକ, କାଙ୍ଗୋରାକଳା ପଞ୍ଚାୟତ ସରପଞ୍ଚ ଭାରତୀ ମୁଣ୍ଡା, ଘାଣ୍ଟିଭଙ୍ଗା ପଞ୍ଚାୟତ ସରପଞ୍ଚ ପୂର୍ଣ୍ଣମୀ ନାଏକ, ବାଘରାପଦା ପଞ୍ଚାୟତ ସରପଞ୍ଚ ବିନୋଦିନୀ ଦେହୁରୀ, ଶିରିଷପାଳ ପଞ୍ଚାୟତ ସରପଞ୍ଚ କେଦାର ନାଏକ, ଜନାର୍ଦ୍ଦନପୁର ପଞ୍ଚାୟତ ସରପଞ୍ଚ ଜିତେନ୍ଦ୍ର କୁମାର ଦେହୁରୀ, ମହାଦନକେଲ ପଞ୍ଚାୟତ ସରପଞ୍ଚ ଭାଗୀରଥି ସିଂ, ପଳାଶପଙ୍ଗା ପଞ୍ଚାୟତ ସରପଞ୍ଚ ବାସନ୍ତୀ ନାଏକ, ରାଇକଳା ପଞ୍ଚାୟତ ସରପଞ୍ଚ ପ୍ରମୋଦ ନାଏକ, ପର୍ଜୁନପୁର ପଞ୍ଚାୟତ ସରପଞ୍ଚ ଡମ୍ବୁଧର ମାଝୀ, କଣ୍ଡରାପୋଷି ପଞ୍ଚାୟତ ସରପଞ୍ଚ ସାବିତ୍ରୀ ନାଏକ କାଠବାରୀ ପଞ୍ଚାୟତ ସରପଞ୍ଚ ସୁକବତୀ ଖଣ୍ଡୋଲ, ରାଘୁନାଥପୁର ପଞ୍ଚାୟତ ସରପଞ୍ଚ ଗୌରୀ ନାଏକ ଜାତୀୟପତାକା ଉତ୍ତୋଳନ କରିଥିଲେ। ଜଡିତୋର ସାନ୍ତାଳି ସ୍କୁଲରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଏସ୍ ବାୟା ଟୁଡୁ ଯୋଗ ଦେଇଥିଲେ। ସ୍କୁଲର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

**ଚମ୍ପୁଆ:** ଚମ୍ପୁଆ ଉପଖଣ୍ଡରେ ୭୭ତମ ସାଧାରଣତନ୍ତ୍ର ଦିବସ ବିଭିନ୍ନ ଶିକ୍ଷାନୁଷ୍ଠାନ, ପୁରପଲ୍ଲୀ, ସଂଗଠନ ପକ୍ଷରୁ ପାଳିତ ହୋଇଥିଲା। ସେହିପରି



କେନ୍ଦୁଝର ମା' ତାରିଣୀ ସୁପର ସ୍ପେସାଲିଷ୍ଟ ହସ୍ପିଟାଲ ପରିସରରେ ମୁଖ୍ୟଅତିଥି ତାରିଣୀ ହିସ୍ପିଟାଲର ଡାଇରେକ୍ଟ ଶୁଚିସ୍ମିତା ମହାନ୍ତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଡା ପ୍ରିତିଶ ମହାନ୍ତ, ଡା ରୁଦ୍ରନାରାୟଣ ବଳ ହସ୍ପିଟାଲର ସିଇଓ ପ୍ରମୋଦ ପାଣି ସମେତ ହସ୍ପିଟାଲ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

**ଆନନ୍ଦପୁର:** ଆନନ୍ଦପୁର ଉପଖଣ୍ଡସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଆନନ୍ଦପୁର ଷ୍ଟାଡିୟମଠାରେ ଅତ୍ୟନ୍ତ ଉତ୍ସାହ ସହ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ସମ୍ବିଧାନିକ ମୂଲ୍ୟବୋଧ, ଏକତା ଓ ସମର୍ପଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଆଧିକାରୀ କମଳ ପଣ୍ଡା, ଆନନ୍ଦପୁର ବିଡିଓ ମନୋଜ ମହାନ୍ତ, ତହସିଲଦାର



ପଲ୍ଲବୀ ପ୍ରିୟଦର୍ଶିନୀ, ଘସିପୁରା ତହସିଲଦାର ଅଭୟ ସ୍ୱାଇଁ ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପାଳି ପ୍ରିୟଦର୍ଶିନୀ ନାୟକ ଉପସ୍ଥିତ ଥିଲେ। ଆନନ୍ଦପୁର ଉପଖଣ୍ଡ ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ମିଳିତ ପରେଡ୍ ପ୍ରତିଯୋଗିତାରେ ବିଜେତା ଦଳ ଓ ପ୍ରତିଭାଗୀମାନଙ୍କ ସମେତ ରାଷ୍ଟ୍ରୀୟ କଳା ଉତ୍ସବରେ ତୃତୀୟ ସ୍ଥାନ ଲାଭ କରିଥିବା ସାଇଁକୁଳ କଲେଜର ଛାତ୍ରୀ ଅଭିଲିପସା ତ୍ରିପାଠୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଆନନ୍ଦପୁର ଉପକାରାଗାରର ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ ଓ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏଥିସହ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ସବୁଜିମା ସାହିତ୍ୟ ସଂସଦ ପକ୍ଷରୁ କବିତା ଆସର ଏବଂ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା।

**ହାଟଡ଼ିହୀ:** ହାଟଡ଼ିହୀ ବ୍ଲକର ବିଭିନ୍ନ ସ୍ଥାନରେ ଦେଶର ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଡ଼ିଓ ରଞ୍ଜନ କୁମାର ପରିଡ଼ାଙ୍କ ସଂଯୋଜନାରେ ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଡ଼ିଓଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ



ରାଉତ, ଜିଲ୍ଲାପରିଷଦ ସଭ୍ୟା କୌଶଲ୍ୟା ସେଠୀ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ହାଟଡ଼ିହୀ ବ୍ଲକ ବଞ୍ଚୋ ନିବାସୀ ତଥା ହାଟଡ଼ିହୀ ବ୍ଲକର ଉପାଧ୍ୟକ୍ଷ ରତିକାନ୍ତ ରାଉତ ଜଣେ ଉତ୍ତମ ସମାଜସେବୀ ଭାବେ ବ୍ଲକ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ହାଟଡ଼ିହୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡ଼ି ଅଫିସରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ପତାକା ଉତ୍ତୋଳନ କରିଥିଲେ। ସେହିପରି ବୈଦାଖିଆ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନ୍ମଥ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ଅନ୍ତେବାସୀମାନେ ପ୍ରଭାତ ଫେରି କରିଥିଲେ। ସୋସୋ ପଞ୍ଚାୟତର ସରପଞ୍ଚ ରାଜେନ୍ଦ୍ର ଦାଶ ପତାକା ଉତ୍ତୋଳନ କରିଥିଲେ। ଏହିପରି ସଡ଼ା ଅଙ୍ଗନବାଡ଼ି କେନ୍ଦ୍ରର ଶିକ୍ଷୟିତ୍ରୀ କନକଲତା ସାମଲ ପତାକା ଉତ୍ତୋଳନ କରିଥିଲା ବେଳେ ଚଣ୍ଡିଆବିରଞ୍ଚିପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଅଧକ୍ଷ ଉଦୟନାଥ କର ବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ସହ ସମସ୍ତ ଛାତ୍ରଛାତ୍ରୀ, ସ୍କୁଲ ଉପାଧ୍ୟକ୍ଷ, ଉପଦେଷ୍ଟା, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।

**ବଡ଼ବିଲ:** ସାଂସ୍କୃତିକ ଅନୁଷ୍ଠାନ "ନୀଳାଦ୍ରି'ରେ ଜନରାଜ୍ୟ ଦିବସ ପାଳନ କରାଯାଇଥିଲା। ସଭାପତି ବଳରାମ ମହାନ୍ତି ଜାତୀୟ ପତାକା ଉଡ଼ାଇଥିଲେ। କବିନ୍ଦ୍ର କୁମାର ରଥ, ତରଣୀସେନ୍ ମହାପାତ୍ର, କପିଳ ମହାନ୍ତି, ଶାନ୍ତନୁ ଦାସ, ଦେବକାନ୍ତ ଦାସ, କପିଳ ମହାନ୍ତି, ରାଜକିଶୋର ଦାଶ, ପ୍ରମୋଦନନ୍ଦ କର ପ୍ରମୁଖ ସ୍ୱାଧୀନତା ସଂଗ୍ରାମର ମହାରଥୀଙ୍କୁ ଭକ୍ତିପୂତ ପ୍ରଣିପାତ କରିଥିଲେ। ସରସ୍ୱତୀ ଶିଶୁ



ବିଦ୍ୟାମନ୍ଦିରରେ ଡ. ସୌଭାଗ୍ୟ ରଶ୍ମିରଞ୍ଜନ ସାମଲ, ଆଦିବାସୀ ବିକାଶ ସମିତିରେ ସମାଜସେବୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ବିଚାର ବିଭାଗୀୟ ଅଦାଲତରେ ମାଜିଷ୍ଟ୍ରେଟ ମଲ୍ଲିକା ଗୋଏଙ୍କା, ବଡବିଲ ପ୍ରେସ କ୍ଲବ୍‌ରେ ନଗରପାଳ ଲକ୍ଷ୍ମଣ ମହାନ୍ତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବଡବିଲ ପୌରାଞ୍ଚଳର ୧୮ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାମୂହିକ ପରେଡରେ ଯୋଗଦାନ କରିଥିଲେ। ସେହିପରି ଭଦ୍ରାସାହି, ସେରେଣ୍ଡା, ରୋଇଡା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚମାନେ ପତାକା ଉତ୍ତୋଳନ କରିଥିଲେ। ଭଦ୍ରାସାହି ପଞ୍ଚାୟତ କାର୍ଯ୍ୟାଳୟ ନିକଟ ଖେଳ ପଡ଼ିଆ ରେ ବିଭିନ୍ନ ପ୍ରକାରର ଖେଳକୁଦ କରାଯାଇ ପୁରସ୍କାର ବିତରଣ କରଯାଇଥିଲା।

**ବାଲିବନ୍ଧ:** ଝୁମ୍ପୁରା ସରକାରୀ ଉଚ୍ଚବିଦ୍ୟାଳୟ ଖେଳପଡିଆଠାରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସରେ ବିଡିଓ ହୃଦାନନ୍ଦ ଅଢା ପତାକା ଉତ୍ତୋଳନ କରିଥିଲେ। ଝୁମ୍ପୁରା ଥାନାଧିକାରିଣୀ ସମବାରୀ ହାଁସଦା, ଗୋଷ୍ଠୀଶିକ୍ଷାଧିକାରୀ ଭଗବାନ ମିଶ୍ର, ସ୍ଥାନୀୟ ସରପଞ୍ଚ ରେବତୀ ବିରୁଆ, ଝୁମ୍ପୁରା ଅଗ୍ନିଶମ କେନ୍ଦ୍ର ଅଧିକାରୀ ଆଶିଷ ସାହୁ, ଝୁମ୍ପୁରା ଥାନା ସବଇନ୍ସପେକ୍ଟର ବୁଦ୍ଧଦେବ ଓରାମ, ସବଇନ୍ସପେକ୍ଟର ଆନନ୍ଦ ପରିଡା,ଏଏସଆଇ ଶ୍ରୀବନ୍ତ ନାଏକ, ମୁଖ୍ୟମନ୍ତ୍ରୀଙ୍କ ଝୁମ୍ପୁରା ବ୍ଲକ ପ୍ରତିନିଧି ମହେନ୍ଦ୍ର ପଟ୍ଟନାୟକ, ଆନିଦ୍ୟ ବେହେରା, ସାଂସଦ ପ୍ରତିବିଧି ପଞ୍ଚାନନ ସାହୁ, ନାଏବ ସରପଞ୍ଚ ଶିବାନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦୁଇଟି ବର୍ଗରେ ପ୍ୟାରେଡ, ଝାଙ୍କି (ପ୍ରଜ୍ଞାପନ ମେଢ଼) ପ୍ରତିଯୋଗିତା



ଏବଂ ଗୋଟିଏ ବର୍ଗରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ବିଦ୍ୟାଳୟରୁ ଗ୍ରୁପ-ଏ ଏବଂ ଗ୍ରୁପ-ବିରେ ମୋଟ ୧୭ଟି ଟିମ ପରେଡ ୪ଟି ଟିମ ଝାଙ୍କି ଏବଂ ୬ଟି ଟିମ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସାମ୍ବାଦିକ ଡମ୍ବରୁଧର ଦାସ ଧାରା ବିବରଣୀ ପ୍ରଦାନ ସହ ସଂଯୋଜନା କରିଥିଲେ।

**ତୁରୁମୁଙ୍ଗା:** ପାଟଣା ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ପତାକା ଉତ୍ତୋଳନ କରି ୩୨ଟି ପ୍ୟାରେଡ୍ ଗ୍ରୁପରୁ ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ୍ ଅଧକ୍ଷା ବୀଣାପାଣି ନାୟକ, ବଡପାଟଣା ସରପଞ୍ଚ ବିନତୀ ବାନାରା, ବିଡ଼ିଓ ମାନସ ଦଣ୍ଡପାଟ, ତହସିଲଦାରା ଅଶ୍ୱିନୀ ନାଏକ, ବ୍ଲକ୍ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ,



ସାମାଜିକ କର୍ମୀ ଅଜୟ ଦାଶ ଯୋଗ ଦେଇଥିଲେ। ସାମ୍ବାଦିକତା କ୍ଷେତ୍ରରେ ଅବଦାନ ପାଇଁ ସାମ୍ବାଦିକ ବୀରକିଶୋର ଦାଶ, କିଶୋରଚନ୍ଦ୍ର ମହାନ୍ତ, ବିଜୟରତ୍ନ ପତି ଏବଂ ଭୂ-ବିଜ୍ଞାନ କ୍ଷେତ୍ରରେ ୨୦୨୫ରେ ରାଷ୍ଟ୍ରପତିଙ୍କଠାରୁ ସମ୍ବର୍ଦ୍ଧିତ ହୋଇଥିବା ଶ୍ରଦ୍ଧାଞ୍ଜଳି ଶୁଭଦର୍ଶିନୀଙ୍କ ପାଇଁ ତାଙ୍କ ବାପା ମଦନ ମୋହନ ଦ୍ୱିବେଦୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ପାର୍ଥସାରଥୀ ବେଜ ଏବଂ ଶିକ୍ଷକ ନେତା କମଳାକାନ୍ତ ପତି ସଂଯୋଜନା କରିଥିବା ବେଳେ କ୍ୟାପଟେନ ଧର୍ମେନ୍ଦ୍ର ସାହୁ ଓ ରେଫରୀ ପ୍ରମୋଦ ଭଞ୍ଜ ପ୍ୟାରେଡ ପରିଚାଳନା କରିଥିଲେ। ପାଟଣା ବ୍ଲକ ଅଧକ୍ଷା ବୀଣାପାଣି ନାୟକ, ତହସିଲଦାର ଅଶ୍ୱିନୀ ନାଏକ, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକ, ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ, ତୁରୁମୁଙ୍ଗା ଥାନାରେ ଏସ୍‌ଆଇ ସୁରେଶ ସାହୁ, ପାଟଣା ରେଞ୍ଜ କାର୍ଯ୍ୟାଳରେରେ ରେଞ୍ଜର ବନ ବିହାରୀ ସର୍ଦ୍ଦାର, ଅଗ୍ନିଶମ କାର୍ଯ୍ୟାଳୟରେ ଗୌର ମୋହନ ହେମ୍ବ୍ରମ, ପାଟଣା କଲେଜରେ ଅଧକ୍ଷ ବିରେନ୍ଦ୍ର ସାହୁ, ସ୍ୱାମମୁକ୍ତି ତୀର୍ଥରେ ସଭାପତି ଭାଗୀରଥି ଦାଶ, ପାଟଣା ସରକାରୀଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଧାୟକ ଶ୍ରୀ ନାଏକ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତୁରୁମୁଙ୍ଗା ବିଜେପି କାର୍ଯ୍ୟାଳୟରେ ବିଧାୟକ ଅଖିଳଚନ୍ଦ୍ର ନାଏକ, ତୁରୁମୁଙ୍ଗା ବଣିକ ସଂଘରେ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ସାହୁ ପତାକା ଉତ୍ତୋଳନ କରିଥିଲେ।

**ଯୋଡ଼ା:** ଜିନ୍ଦଲ ଷ୍ଟିଲ ପକ୍ଷରୁ ଏହାର ସମସ୍ତ ପ୍ରତିଷ୍ଠାନ ସମେତ ବଡ଼ବିଲ ପେଲେଟ ପ୍ଲାଣ୍ଟ,



କାଶିଆ ଆଇରନ ଏଣ୍ଡ ଡୋଲୋମାଇଟ୍ ମାଇନ୍ସ, ରୋଇଡ଼ା-ଓ ମାଇନ୍ସ ଓ ଟେନ୍ସା ମାଇନ୍ସରେ ବଡ଼ ଉତ୍ସାହ, ଦେଶପ୍ରେମ ଓ ସମ୍ବିଧାନ ପ୍ରତି ଗଭୀର ପ୍ରତିବଦ୍ଧତାର ପ୍ରଦର୍ଶନ ସହ ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଲୋକସଭା ସାଂସଦ ତଥା ଜିନ୍ଦଲ ଷ୍ଟିଲର ଅଧକ୍ଷ ନବୀନ ଜିନ୍ଦଲ ଦେଶବାସୀଙ୍କୁ ଗଣତନ୍ତ୍ର ଦିବସର ଶୁଭେଚ୍ଛା ଜଣାଇ କହିଛନ୍ତି, 'ସମ୍ବିଧାନ କେବଳ ଏକ ଦସ୍ତାବିଜ ନୁହେଁ; ବରଂ ସମାନତା, ସ୍ୱାଧୀନତାର ଅଧିକାର ସହ ଓ ଦାୟିତ୍ୱ ନିର୍ବାହର ସଂକଳ୍ପ'। ବଡ଼ବିଲ ପେଲେଟ ପ୍ଲାଣ୍ଟ ଏବଂ କାଶିଆ ଆଇରନ୍ ଏଣ୍ଡ ଡୋଲୋମାଇଟ୍ ମାଇନ୍ସରେ ଜିନ୍ଦଲ ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମହ୍ଲାନ ଜାତୀୟ ପତାକା ଉଡ଼ାଇବା ସହ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ପେଲେଟ ପ୍ଲାଣ୍ଟର ପ୍ରତିଷ୍ଠା ଓ ପରିଚାଳନା ପାଇଁ ସର୍ବଦା ସହଯୋଗ ଓ ସମର୍ଥନ କରିଆସିଥିବା ଗ୍ରାମବାସୀଙ୍କୁ ଜିନ୍ଦଲ ଷ୍ଟିଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିକେଟିଆର-କ୍ଲଷ୍ଟର ହେଡ୍ ପ୍ରମୋଦ ପାତ୍ର, ପେଲେଟ ପ୍ଲାଣ୍ଟ ହେଡ୍ ସତୀଶ ସିନ୍ଦୁରିଆ, ଏଚଆର ଏଣ୍ଡ ଇଏସ ହେଡ ବିକେଟିଆର୍



ବିପିନ ବିହାରୀ ପ୍ରଧାନଙ୍କ ସମେତ ବରିଷ୍ଠ ଅଧିକାରୀ, କର୍ମଚାରୀ, ପରିବାର ସଦସ୍ୟଙ୍କ ସମେତ ପାରିପାର୍ଶ୍ୱିକ ଗ୍ରାମର ବାସିନ୍ଦା ଓ ସ୍ଥାନୀୟ ଅଞ୍ଚଳର ସମାଜସେବୀ ଉପସ୍ଥିତ ଥିଲେ। ସେହିପରି ଜିନ୍ଦଲ ଷ୍ଟିଲର ଟେନ୍ସା ମାଇନ୍ସରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଅଧିକାରୀ, କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟଙ୍କ ସମେତ ସ୍ଥାନୀୟ ଗ୍ରାମାଞ୍ଚଳର ଶତାଧିକ ବ୍ୟକ୍ତି ଏହି ଉତ୍ସବରେ ସାମିଲ ହୋଇଥିଲେ।

ସେହିପରି ଜେଏସଡବ୍ଲୁ ଷ୍ଟିଲ ଓଡିଶାର ମାଇନିଂ ଡିଭିଜନ ଅପରେସନାଲ ଲୋକେସନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ନାରାୟଣପୋଷି ଖଣି, ନୂଆଗାଁ ଖଣି, ଗଣୁଆ ଖଣି, ଜଜାଙ୍ଗ ଅତିଥି ଭବନ, ବଡ଼ବିଲ୍ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱର କାର୍ଯ୍ୟାଳୟରେ କର୍ମଚାରୀ, ବରିଷ୍ଠ ନେତୃତ୍ୱ ଏବଂ ସମ୍ପ୍ରଦାୟ ପ୍ରତିନିଧିଙ୍କ ଅଂଶଗ୍ରହଣରେ ସାଂସ୍କୃତିକ କାର୍ଯ୍ୟକ୍ରମର ଏକ ଶୃଙ୍ଖଳା ଆୟୋଜନ କରାଯାଇଥିଲା।

## ଦେଶୀମଦ ଓ ପୋଚ ଜବତ; ଜଣେ ଗିରଫ


ହାଟଡ଼ିହୀ,୨୭।୧(ସମିସ): ହାଟଡିହୀ ଅବକାରୀ ଥାନା ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହୀ ଅବକାରୀ ଥାନା ଷ୍ଟାଫ୍‌ଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ସୋସୋ ଓ ନନ୍ଦିପଦା ଥାନା ଅନ୍ତର୍ଗତ ଜଳସରପୁର, ଚୋରଗଡିଆ, କଣ୍ଡିଆଡିହି, ହାଟଡିହୀ, ପୁରୁଣାପାଣି ଆଦି ଅଞ୍ଚଳରେ ଚଢ଼ଉ କରି ୧୮୮ ଲିଟର ଦେଶୀ ରନ୍ଧା ମହୁଲିମଦ ଓ ୩୨ଶହ ଲିଟର ମହୁଲ ପୋଚ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ କ୍ଷିରୋଦ ଜେନା, ବ୍ରହ୍ମାନନ୍ଦ ବେହେରା ଓ ପ୍ରଦୀପ କୁମାର ପ୍ରଧାନଙ୍କୁ ଗିରଫ କରାଯାଇଛି। ଜବତ ଦେଶୀ ରନ୍ଧା ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଚଢ଼ଉରେ ହାଟଡିହୀ ଅବକାରୀ ଥାନାର ଉପନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ପ୍ରମୁଖ ସାମିଲ ଥିଲେ। ଏନେଇ ହାଟଡିହୀ ଅବକାରୀ ଥାନା ପକ୍ଷରୁ ୪ଟି ମାମଲା ରୁଜୁ କରାଯାଇଛି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ତେଲକୋଇ, ୨୭।୧(ସମିସ): ତେଲକୋଇ ଥାନା ୪୯ ନମ୍ବର ଜାତୀୟ ରାଜପଥ କାଞ୍ଜିପାଣି ଘାଟିରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅନୁଗୁଳ ଜିଲ୍ଲା ରେଙ୍ଗାଳି ଥାନା ପୋଡ଼ାଗଡ଼ ଗ୍ରାମର ଦୟାନିଧି ପରିଡ଼ା (୪୨)। ଦୟାନିଧି ଜଣେ ଗାଡି ଚାଳକ। କେନ୍ଦୁଝର ଜିଲ୍ଲା ଶୁଆକାଟି ଅଞ୍ଚଳକୁ ଗାଡ଼ି ଚଳାଇବା ପାଇଁ ଘରୁ ନିଜ ମୋଟର ସାଇକଲ ଯୋଗେ ଶୁଆକାଟି ଅଭିମୁଖେ ଆସୁଥିଲେ। କାଞ୍ଜିପାଣି ଘାଟି ରାସ୍ତା ଉପରେ ପଡ଼ି ରହିଥିବା ବେଳେ ଜାତୀୟ ରାଜପଥ ଆମ୍ବୁଲାନ୍ସ ତାଙ୍କୁ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାଞ୍ଜିପାଣି ଥାନା ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଏଭରଗ୍ରୀନ କ୍ଲବ୍ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଯୋଡା,୨୭।୧(ସମିସ): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଜଜାଙ୍ଗ ପଞ୍ଚାୟତର ଜୋରିବାର ଖେଳ ପଡିଆରେ ଏଭର ଗ୍ରୀନ କ୍ଲବ ପକ୍ଷରୁ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ଦୁଇଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ବିଜେପି ସାଧାରଣ ସମ୍ପାଦକ ତଥା




ସାଂସଦ ପ୍ରତିନିଧି ଅଗନୁ ମହାନ୍ତ ଓ ଆଶାର ଦ୍ୱାର ଫାଉଣ୍ଡେସନର ଡାଇରେକ୍ଟର ବିଜୟ କୁମାର ମହାକୁଡ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ଜୁରୁଡି ସରପଞ୍ଚ ଶୁଭକାନ୍ତି ସଏ, ଜଜାଙ୍ଗ ସରପଞ୍ଚ ପ୍ରିୟଙ୍କା ମାଝୀ, ସଞ୍ଜୟ ପାତ୍ର, ଅନ୍ୟତମ ଅତିଥି ରୂପେ ଅରୁଣ ମିଶ୍ର, ଦୀପାରାଣୀ ମହାକୁଡ, ଶକୁନ୍ତଳା ଗୋପ, ଜୁନୀ ହେମ୍ବ୍ରମ ପ୍ରମୁଖ ମଞ୍ଚାସୀନ ଥିଲେ। ଜଜାଙ୍ଗ ପୂର୍ବତନ ସରପଞ୍ଚ ଇନ୍ଦ୍ରମଣୀ ପୂର୍ତ୍ତୀ ପତାକା ଉତ୍ତୋଳନ କରିବା ପରେ ପ୍ରାୟ ୬୨ରୁ ଉର୍ଦ୍ଧ୍ୱ ଖେଳ ଇଭେଣ୍ଟ ଆୟୋଜିତ ହୋଇଥିଲା। ଜୁରୁଡି, ବିଆଇଏଲ କଲୋନୀ, ଆନ୍ତାମାନ୍ତା, ହେସାବେଡା, ଜୋରିବାହାଲ ଭଳି ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀ, ଯୁବକଯୁବତୀ, ମହିଳା ଅଂଶଗ୍ରହଣ କରିଥିଲେ। କ୍ଲବର ସଭାପତି ହେମଲାଲ ଶର୍ମା, ସମ୍ପାଦକ ବସନ୍ତ ମାଝୀ, କୋଷାଧ୍ୟକ୍ଷ ସରୋଜ ଚାମ୍ପିଆ, ମନମୋହନ ସର୍ଦ୍ଦାର, ଟୁକୁନାନନ୍ଦ ମୁଣ୍ଡା, ଲକ୍ଷ୍ମଣ ମାଝୀ, ଖାନଦାନୀ ନାଏକ, ସଦାନନ୍ଦ ସର୍ଦ୍ଦାର, ରାଜୁ ପାତ୍ର, ସରୋଜ କୁଅଁର, ଧନ ବାହାଦୁରଙ୍କ ସମେତ ଅନ୍ୟ ସଦସ୍ୟ ପରିଚାଳନା କରିଥିଲେ।

## ସୁରେଶ ହେଲେ ସାଂସଦ ପ୍ରତିନିଧି



ଆନନ୍ଦପୁର, ୨୭।୧ (ସମିସ): ଆନନ୍ଦପୁର ପୌର ପରିଷଦର ପୂର୍ବତନ ଉପାଧ୍ୟକ୍ଷ ସୁରେଶ ସାହୁଙ୍କୁ ଘଷିପୁରା ଥାନାର ସାଂସଦ ପ୍ରତିନିଧି ଭାବେ ନିଯୁକ୍ତି ଦିଆଯାଇଛି। ଏନେଇ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଏକ ପତ୍ର ମାଧ୍ୟମରେ ଘଷିପୁରା ଥାନା ଇନ୍ସପେକ୍ଟର କିଶୋରଚନ୍ଦ୍ର ପ୍ରଧାନଙ୍କୁ ଏକ ନିଯୁକ୍ତିପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଏହି ନିଯୁକ୍ତି ପାଇବା ପରେ ଶ୍ରୀ ସାହୁ ସାଂସଦ ଅନନ୍ତ ନାୟକ ଓ ଆନନ୍ଦପୁର ବରିଷ୍ଠ ନେତା ଆଲୋକ ସେଠୀ, ବରିଷ୍ଠ ନେତା ରାମଚନ୍ଦ୍ର ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ନିଆଳୀଝରଣ ହତ୍ୟା ମାମଲାରେ ୩ ଗିରଫ

ଆନନ୍ଦପୁର, ୨୭।୧ (ସମିସ): ଘସିପୁରା ଥାନା ଅନ୍ତର୍ଗତ ନିଆଳୀଝରଣ ଗ୍ରାମରେ ହୋଇଥିବା ଟ୍ରିପଲ ମର୍ଡର ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଇନସ୍ପେକ୍ଟର କିଶୋର କୁମାର ପ୍ରଧାନ ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ବୈଦ୍ୟନାଥ ସୋରେନ, ସୁଦାମ ସୋରେନ ଓ ଜିତେନ୍ଦ୍ର ସୋରେନକୁ ବୟାନ ସଂଗ୍ରହ ପରେ ଆଜି ଆନନ୍ଦପୁର କୋର୍ଟକୁ ଚାଲାଣ କରିଛନ୍ତି। ଜମିବାଡ଼ି ବିବାଦ ଓ ଗୁଣିଗାରେଡି ସନ୍ଦେହରୁ ଏହି ହତ୍ୟାକାଣ୍ଡ ହୋଇଥିବା ବେଳେ ଧର୍ମ ପରିବର୍ତ୍ତନକୁ କେନ୍ଦ୍ରକରି ଏପରି ହତ୍ୟାକାଣ୍ଡ ହୋଇଛି ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ଉକ୍ତ ଗ୍ରାମ ଭୟରେ ଶୂନଶାନ ହୋଇଯାଇଥିବାରୁ ପ୍ରକୃତ କାରଣ ସ୍ପଷ୍ଟ ହୋଇ ପାରିନାହିଁ।

## ନନ୍ଦୀ ଗୋ-ସେବା ସଂସ୍ଥା ସମ୍ବର୍ଦ୍ଧିତ



ଯୋଡ଼ା, ୨୭।୧(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ାସ୍ଥିତ ନନ୍ଦୀ ଗୋ-ସେବା ସଂସ୍ଥାର ନିସ୍ୱାର୍ଥପର ସେବା ନିମନ୍ତେ ଗତ ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା ସଂସ୍ଥାର ସମ୍ପାଦକ କିଶୋରଚନ୍ଦ୍ର ବାରିକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଖଣି ଅଞ୍ଚଳରେ ଏହି ସଂସ୍ଥା ବିଭିନ୍ନ ବୁଲା ଗୋରୁଗାଈ,ଙ୍କୁ ସେବା କରି ଅଞ୍ଚଳରେ ବେଶ୍ ନାମ କମାଇଛି। ଏନେଇ ଯୋଡ଼ା ବଡ଼ବିଲ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୂର୍ବରୁ ସଂସ୍ଥାକୁ ସମ୍ବର୍ଦ୍ଧନା କରାଯାଇଥିବା ବେଳେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଚମ୍ପୁଆ ଉପଜିଲ୍ଲାପାଳ ଚମ୍ପୁଆ ନେହରୁ ଷ୍ଟାଡ଼ିଅମଠାରେ ସମ୍ବର୍ଦ୍ଧିତ କରିଥିଲେ। ଗୋ-ସେବା ସଂସ୍ଥା ପରିବାର ପକ୍ଷରୁ ଉପସଭାପତି ଧନଞ୍ଜୟ ମହାନ୍ତି, ସଦସ୍ୟ ରବିନ ହଣଙ୍ଗା, ସନ୍ତୋଷ ରାଉତ, ମନୋଜ ପାତ୍ର, ଆୟୁଷ ରାଉତରାୟ, କୁନାଲ ଜୈଶ୍ୱାଳ, ସୋନୁ ଶର୍ମା ଓ ମନିଷ ବିହାରୀ ଉପସ୍ଥିତ ଥିଲେ।

## ଘଟଗାଁ ନୂତନ କୋର୍ଟରେ ପ୍ରଥମ ଦଣ୍ଡାଦେଶ

ଘଟଗାଁ, ୨୭।୧(ସମିସ): କେନ୍ଦୁଝର ଜିଲ୍ଲା ଘଟଗାଁଠାରେ ନୂତନ ଭାବେ ପ୍ରତିଷ୍ଠିତ ଜେଏମ୍‌ଏଫସି ଅଦାଲତରେ ପ୍ରଥମ ରାୟ ପ୍ରକାଶ ପାଇଛି। ଜଣେ ଅଭିଯୁକ୍ତକୁ ଦଣ୍ଡବିଧାନ କରାଯାଇଛି। ୨୦୨୫ ଏକ ଚୋରି ମାମଲାରେ ବିଚାର କରି ଅଭିଯୁକ୍ତ ସୁଦର୍ଶନ ମହାନ୍ତଙ୍କୁ ଏକ ବର୍ଷ କାରାଦଣ୍ଡ ଏବଂ ୫ ହଜାର ଟଙ୍କା ଜରିମାନା କରିଛନ୍ତି ଘଟଗାଁ ଜେଏମ୍‌ଏଫସି କୋର୍ଟ ବିଚାରପତି ଅଭିନାଶ ନନ୍ଦ। ବହୁ ଦାବି ପରେ କିଛି ମାସ ପୂର୍ବରୁ ଘଟଗାଁରେ ଏକ ଜେଏମଏଫସି କୋର୍ଟ ପ୍ରତିଷ୍ଠା ହୋଇଛି। ପୂର୍ବରୁ ଘଟଗାଁରେ କୋର୍ଟ ନଥିବାରୁ କୌଣସି ମାନି ମକଦମା ପାଇଁ ଲୋକେ ଜିଲ୍ଲା ମୁଖ୍ୟାଳୟକୁ ଦଉଡି ଦଉଡି ନୟାନ୍ତ ହେଉଥିଲେ। ଏବେ ଏହି ରାୟ ପ୍ରକାଶ ପାଇବା ପରେ ସ୍ୱାଗତ କରାଯାଇଛି।

## ହାତୀ କ୍ଷତିଗ୍ରସ୍ତ ପରିବାରକୁ ଶସ୍ୟ ବାକ୍ସ ବଣ୍ଟନ

ତେଲକୋଇ, ୨୭।୧(ସମିସ): ତେଲକୋଇ ବନାଞ୍ଚଳ କାଳିଆହତା ଫରେଷ୍ଟ ସେକ୍ସନ ପକ୍ଷରୁ ହାତୀ ଦ୍ୱାରା କ୍ଷତିଗ୍ରସ୍ତ ପରିବାରକୁ ସୋମବାର ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ଶସ୍ୟ ବାକ୍ସ ପ୍ରଦାନ କରାଯାଇଛି। ତେଲକୋଇ ରେଞ୍ଜର ଅଶୋକ କୁମାର ମାଝୀଙ୍କ ନିର୍ଦ୍ଦେଶକ୍ରମେ କାଳିଆହତା ଫରେଷ୍ଟ ସେକ୍ସନରେ ହାତୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ୧୫ ପରିବାରକୁ ଶସ୍ୟ ବାକ୍ସ ପ୍ରଦାନ କରାଯାଇଛି। ହାତୀଙ୍କ କବଳରୁ ଶସ୍ୟକୁ ସୁରକ୍ଷା ଦେବା ପାଇଁ ଏହି ଶସ୍ୟ ବାକ୍ସ ପ୍ରଦାନ କରାଯାଇଛି ବୋଲି ରେଞ୍ଜର ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମ କାଳିଆହତା ବନପାଳ ମଳୟ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବନରକ୍ଷୀ ବିନୋଦ ବିହାରୀ ବେହେରା, ଅଭିମନ୍ୟୁ ନାୟକ ସମେତ ହାତୀ ସ୍କ୍ୱାଡ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ

# 'ଗଣତନ୍ତ୍ର ଲୋକଙ୍କୁ ସେବା ମାଧ୍ୟମରେ ଅଧିକାର ସାବ୍ୟସ୍ତ ସୁଯୋଗ ଦେଇଛି'

ବାରିପଦା, ୨୭ ।୧(ସମିସ): ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ



ପାଳିତ ହୋଇଛି । ଜିଲ୍ଲାପାଳ ହେମକାନ୍ତ ସଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଓ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ମୁଖ୍ୟଅତିଥିଙ୍କୁ ରିଜର୍ଭ ପୁଲିସ ପ୍ୟାରେଡ଼ ପଡ଼ିଆ ମଞ୍ଚକୁ ପାଛୋଟି ଆଣିଥିଲେ । ପୁଲିସ ବ୍ୟାଣ୍ଡ ଦ୍ୱାରା ପରିବେଷିତ ରାଷ୍ଟ୍ରୀୟ ସଙ୍ଗୀତ ଓ ତପ୍ରେ ପୁଲିସ ନିରୀକ୍ଷକ ତଥା କମାଣ୍ଡର ଆଲୋକ କାନୁନଗୋଙ୍କ ଦ୍ୱାରା ପରିଚାଳିତ ପ୍ୟାରେଡରେ ଓଏସଏପି, ପୁଲିସ, ହୋମଗାର୍ଡ, ଓଡ୍ରାଫ୍ଟ, ସମର ଶିକ୍ଷାର୍ଥୀ ବାହିନୀ, ରେଡକ୍ରସ, ଜାତୀୟ ସେବା ଯୋଜନା, ସ୍କାଉଟ୍ ଓ ଗାଇଡ୍, ସିଭିଲିଆନ ଓ ପୁଲିସ ବ୍ୟାଣ୍ଡକୁ ମିଶାଇ ସମୁଦାୟ ୩୩ଟି ଟ୍ରୁପ ରାଷ୍ଟ୍ରୀୟ ଏକତାର ପରିଚୟ ତ୍ରିରଙ୍ଗା ପତାକାକୁ ସମ୍ମାନ ଜଣାଇବା ସହ ମୁଖ୍ୟଅତିଥିଙ୍କୁ ଅଭିବାଦନ ଜଣାଇ ଏହି ପାରମ୍ପରିକ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ । ମୁଖ୍ୟଅତିଥି ଶ୍ରୀ ସଏ ଗଣତନ୍ତ୍ରର ଇତିହାସ, ଗଣତନ୍ତ୍ର ବ୍ୟବସ୍ଥା ଲାଗୁ ପାଇଁ ଭଞ୍ଜ ପ୍ରଶାସନର ମହତ୍ୱ, ଆଜିର ସମୟରେ ସମ୍ବିଧାନ କିଭଳି ଆମ୍ଭମାନଙ୍କୁ ଅଧିକାର ସାବ୍ୟସ୍ତ କରିବାକୁ ସୁଯୋଗ ଦେଉଛି ଓ ଆମେ ଆମ ଗଣତନ୍ତ୍ର ରାଷ୍ଟ୍ର ପାଇଁ କିପରି ଗର୍ବିତ । ଏକ ଗଣତନ୍ତ୍ର ରାଷ୍ଟ୍ରରେ ନାଗରିକର ଅଧିକାର ସାବ୍ୟସ୍ତ କରିବା ସହିତ ନାଗରିକ ଭାବେ ଦେଶମାତୃକା ପ୍ରତି କର୍ତ୍ତବ୍ୟ ମଧ୍ୟ ରହିଥାଏ । ତେଣୁ ଏହାକୁ ଆମେ ସମସ୍ତେ ଦାୟିତ୍ୱର ସହିତ ସମ୍ପାଦନ କରିବା ନିମନ୍ତେ ଯତ୍ନବାନ ହେବା ଉଚିତ ବୋଲି କହିଥିଲେ । ବିଭିନ୍ନ ସରକାରୀ ଜନକଲ୍ୟାଣକାରୀ ଯୋଜନାକୁ



ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ଜିଲ୍ଲାର ବିଭିନ୍ନ ବିଭାଗ ପ୍ରଦର୍ଶନ କରିଥିବାବେଳେ ଓଡ୍ରାଫ୍ଟ, ଉଦ୍ୟାନ କୃଷି ବିଭାଗ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାକୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରଜ୍ଞାପନ ଭାବେ ପୁରସ୍କୃତ କରାଯାଇଥିଲା ।

ସେହିପରି ଯଶିପୁର କ୍ଷୁଦ୍ର ଜଳସେଚନ ବିଭାଜନକୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଚକ୍ରଧର ପ୍ରଧାନ, ପଦ୍ମଶ୍ରୀ ପ୍ରଫେସର ଦମୟନ୍ତୀ ବେଶ୍ରା ଓ ସହକାରୀ ଶିକ୍ଷକ ମୟୂରଭଞ୍ଜ ଜିଲ୍ଲା ରେଡକ୍ରସ ଶାଖାର କନିଷ୍ଠ ରେଡ଼କ୍ରସ ଅଧିକାରୀ ସ୍ମୃତି ରଞ୍ଜନ ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ୬ ଜଣ କ୍ରୀଡ଼ାବିତ ୩୦ ମିଟର ଜାତୀୟ ତୀରନ୍ଦାଜ ଚାମ୍ପିଅନସିପ ଅଲିମ୍ପିକ ରାଉଣ୍ଡରେ ସ୍ୱର୍ଣ୍ଣପଦକ ବିଜେତା ରୋହିତ କୁମାର ମାର୍ଣ୍ଡି, ଜାତୀୟ ପାରା ସନ୍ତରଣ ୫୦ ମିଟରରେ ରୌପ୍ୟ ଓ ୧୦୦ ମିଟରରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଚୈତନ୍ୟ ମାର୍ଣ୍ଡି, ଜାତୀୟ ପାରା ସନ୍ତରଣ ୫୦ ଓ ୧୦୦ ମିଟରରେ ବ୍ରୋଞ୍ଜ ହାସଲ କରିଥିବା କମଳା ଟୁଡୁ, ଜାତୀୟ ପାରା ସନ୍ତରଣ ୫୦ ଓ ୧୦୦ ମିଟରରେ ରୌପ୍ୟ ପଦକ ହାସଲ କରିଥିବା ରଞ୍ଜନ ହାଁସଦା, ୧୦୦ ମିଟରରେ ବ୍ରୋଞ୍ଜ ପଦକ ହାସଲ କରିଥିବା ବିଜୁ ସିଂ ଓ ଜାତୀୟ ସବ ଜୁନିୟର ଯୋଗରେ ରୌପ୍ୟ ପଦକ ହାସଲ କରିଥିବା ନିହାର ରଞ୍ଜନ ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ପ୍ୟାରେଡ଼ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଏନସିସି ବର୍ଗରେ ଏମପିସି (ସ୍ୱୟଂଶାସିତ) ମହାବିଦ୍ୟାଳୟ (ବରିଷ୍ଠ) ଶ୍ରେଷ୍ଠ ପ୍ରଥମ ଦଳ ହୋଇଥିବାବେଳେ, ଅସନଯୋଡ଼ା କନ୍ୟାଶ୍ରମ ଏନସିସି ଶ୍ରେଷ୍ଠ ଦ୍ୱିତୀୟ, ସ୍କାଉଟ୍ ଓ ଗାଇଡ୍ ବର୍ଗରେ ସେଣ୍ଟ ଅନିସ କନଭେଣ୍ଟ ସ୍କୁଲ, ସରସ୍ୱତୀ ବିଦ୍ୟାମନ୍ଦିର, ତୁଳସୀ ଚଉରା ରେଡକ୍ରସରେ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଶିରୀଶବଣୀ, ଏମପିକେ ଗାର୍ଲସ ହାଇସ୍କୁଲ ଓ ସିଭିଲିଆନରେ ଶ୍ରୀସତ୍ୟସାଇ ବିଦ୍ୟାବିହାର ଗାର୍ଲସ ଓ ସେଣ୍ଟ ଜାଭିୟର ହାଇସ୍କୁଲଙ୍କୁ ଯଥାକ୍ରମେ ଶ୍ରେଷ୍ଠ ପ୍ରଥମ ଓ ଶ୍ରେଷ୍ଠ ଦ୍ୱିତୀୟ ଦଳ ଭାବେ ପୁରସ୍କୃତ କରାଯାଇଥିଲା । ଦେଶାତ୍ମବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ମଧ୍ୟରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତୁଳସୀଚଉରା, ସେଣ୍ଟ ଜାଭିୟର ସ୍କୁଲ, ମହର୍ଷି ପବ୍ଲିକ ସ୍କୁଲ ଓ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରକୁ ଶ୍ରେଷ୍ଠତା ପ୍ରତିପାଦନ ପାଇଁ ପୁରସ୍କୃତ କରାଯାଇଥିଲା । ମୁଖ୍ୟଅତିଥିଙ୍କ ଦ୍ୱାରା ଇନରହ୍ୱିଲ କ୍ଲବ ପକ୍ଷରୁ ଉତ୍କଳ ବଳାଶ୍ରମର ଅନ୍ତେବାସୀ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭିନ୍ନକ୍ଷମ ସ୍ୱତନ୍ତ୍ର ବିଦ୍ୟାଳୟର ଅନ୍ତେବାସୀଙ୍କୁ ଫଳ, ବିସ୍କୁଟ, ମିଷ୍ଟାନ୍ନ ଓ ପାଠ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା । ଜିଲ୍ଲା ଜରୁରିକାଳୀନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟ (ପିଆରଏମ), ମେଡିକାଲ କଲେଜ ଓ ହସ୍ପିଟାଲର ଅନ୍ତେବାସୀ ରୋଗୀ ଫଳ-ବିସ୍କୁଟ ଓ ମ୍ରିନ୍ନ ବଣ୍ଟନ କରାଯାଇଥିଲା । ଏ ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଜିଲ୍ଲାପାଳ ଏକାଦଶ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏକାଦଶ ମଧ୍ୟରେ ବାରିପଦା ଷ୍ଟାଡିୟମରେ ଆୟୋଜିତ ହୋଇଥିଲା । ଏଥିରେ ଜିଲ୍ଲାପାଳ ଏକାଦଶ ବିଜୟୀ ହୋଇଥିଲା । ଶେଷ ପର୍ଯ୍ୟାୟରେ ସନ୍ଧ୍ୟାରେ ସ୍ଥାନୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ସମ୍ମାନିତ ଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡ଼ା ଓ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ ।

**ବାରିପଦା:** ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ସଂଘ ଭବନରେ ପାଳିତ ହୋଇଯାଇଛି । ସଭାପତି ମେଜର ରବୀନ୍ଦ୍ର ପରିଡ଼ା ସଭ୍ୟସଭ୍ୟାଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଉପସଭାପତି ନଳିନ ଚୌଧୁରୀ ଓ ସୁଶ୍ରୀ ବୀଣାପାଣି ପଣ୍ଡା, ସଭ୍ୟ ଦିଲ୍ଲୀପ ଦାସ, ଚନ୍ଦ୍ରଶେଖର ମହାନ୍ତି, ସମ୍ପାଦକ ପ୍ରଦୀପ ପାଣି ଯୋଗ ଦେଇଥିଲେ । ଯୁଗ୍ମସମ୍ପାଦକ ସନ୍ତୋଷ କୁମାର କାସ୍ତ ଧନ୍ୟବାଦ ଦେଇଥିଲେ ।

ସେହିପରି ସ୍ଥାନୀୟ ସମ୍ପର୍କ ଛକରେ ସମ୍ପର୍କ ପରିବାର ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସମ୍ପର୍କ ପରିବାରର ସଭାପତି ସଞ୍ଜୀବ ରାଉତ, ସମ୍ପାଦକ ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବ ଗବେଷିକା ଲିପ୍ସା ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏ ଅବସରରେ



ବରିଷ୍ଠ ମହିଳା ସମାଜସେବୀ ସୁମିତ୍ରା ମିଶ୍ର, ବରିଷ୍ଠ ପରିବେଶ କର୍ମୀ ତଥା ସାନ୍ତାଳୀ ଭାଷା ସାହିତ୍ୟ ଗବେଷକ ରବୀନ୍ଦ୍ର ନାଥ ମୁର୍ମୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦୀପକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ, ଅଭିଜିତ ମହାନ୍ତି, ପ୍ରିୟବ୍ରତ ମିଶ୍ର, ହରେକୃଷ୍ଣ ଦାସ, ସୌଭାଗ୍ୟ ମହାପାତ୍ର, ଆର୍ଯ୍ୟଭଟ୍ଟ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

**ବାରିପଦା:** ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି । କୁଳପତି ପ୍ରଫେସର ପ୍ରମୋଦ ଶତପଥୀଙ୍କ ସମେତ ଅନ୍ୟ ସମସ୍ତ



ଅତିଥିଗଣ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାର୍ଘ୍ୟ ଅର୍ପଣ କରିଥିଲେ । ପରେ ପ୍ରଫେସର ଶତପଥୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଲଲୋଚନ ବାରିକ, ପରୀକ୍ଷା ନିୟନ୍ତ୍ରକ ଡକ୍ଟର ସୁବ୍ରତ କୁମାର ରଣା ଯୋଗ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ପକ୍ଷୁ ପ୍ରବୀଣ ପ୍ରଧାନ, ସତ୍ୟପ୍ରକାଶ ପତି, ସୁରକ୍ଷାକର୍ମୀ ପ୍ରେମ ପାତ୍ର ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ । ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ, ସୁରକ୍ଷାକର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । କ୍ରୀଡ଼ା ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ବାରିପଦା:** ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ରଭାଷା ବିଦ୍ୟାଳୟ ପକ୍ଷରୁ ପାଳିତ ଗଣତନ୍ତ୍ର ଦିବସରେ ଡଃ ମମତା ଗୁପ୍ତା ଜାତୀୟ ପତକା ଉତ୍ତୋଳନ କରିଥିଲେ । ଡଃ ଶ୍ୟାମସୁନ୍ଦର ଖଣ୍ଡେଲୱାଲ, ଗୟାପ୍ରସାଦ ଖଣ୍ଡେଲୱାଲ, ସୁକାନ୍ତ ଜୀଉ, ସରଦାର ହରିଚରଣ



ସିଂହ, ଡଃ ଅସିମ ଚକ୍ରବର୍ତ୍ତୀ ଯୋଗ ଦେଇଥିଲେ । ଦେବେନ୍ଦ୍ର କୌର, ଜ୍ଞାନରଞ୍ଜନ ବାରିକ, ବୈକୁଣ୍ଠ ବେହେରା, ବିସ୍ମିତା ସେଠୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ କାଯ୍ୟକ୍ରମକୁ ପରିଚାଳନା କରିଥିଲେ । ଡଃ ଅସୀମ ଚକ୍ରବର୍ତ୍ତୀ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

**ରାଇରଙ୍ଗପୁର:** ରାଇରଙ୍ଗପୁରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ କଚେରୀ ପଡ଼ିଆରେ ଆୟୋଜିତ ଉପଖଣ୍ଡସ୍ତରୀୟ ଉତ୍ସବରେ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ପ୍ୟାରେଡରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୨୬ଟି ଦଳ ଅଂଶଗ୍ରହଣ କରିଥିଲେ । ପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧ



ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ଏ ଅବସରରେ ପଦ୍ମଶ୍ରୀ ଚରଣ ହେମ୍ବ୍ରମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହିତ ୫ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ଓ କ୍ରୀଡ଼ା କ୍ଷେତ୍ରରେ ଜାତୀୟ ସ୍ତରରେ କୃତିତ୍ୱ ହାସଲ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ୟାରେଡରେ ଶ୍ରେଷ୍ଠ ବିବେଚିତ ପ୍ରଥମ ଓ ଦ୍ୱିତୀୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଦଳ ମଧ୍ୟରୁ ଶ୍ରେଷ୍ଠ ବିବେଚିତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଦଳକୁ ପୁରସ୍କୃତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ । ମୁଖ୍ୟଅତିଥି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ରୋଗୀ ଓ ଉପକାରାଗାର ଅନ୍ତେବାସୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ । ପ୍ରତ୍ୟୁଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକ ବାଜିଯନ୍ତ୍ର ଯୋଗେ ସହରରେ ରାମଧୂନ ପରିବେଷଣ ସହ ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରୀ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର ସେନାପତି, ରାଇରଙ୍ଗପୁର ଟାଉନ ଥାନାଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ, ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଶକୁନ୍ତଳା ହାଁସଦା, ସହକାରୀ ଅଗ୍ନିଶମ ସେବା ଅଧିକାରୀ, ରାଇରଙ୍ଗପୁର ଡାକ ମଣ୍ଡଳର ଅଧୀକ୍ଷକ ବିଭିନ୍ନ ବିଭାଗୀୟ ପଦାଧିକାରୀ, ପୌରପାଳିକା ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ୱାର୍ଡ କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ । ସହକାରୀ ଜିଲ୍ଲାପାଳ ମାନସ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ହେମ ମାଝୀ, କାର୍ତ୍ତିକ କାରୁଆ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲ୍ଲୀପ ମହାନ୍ତି, ତିମିର ପଣ୍ଡା, ଅଧ୍ୟାପକ ବିଜୟ ରାମ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ହରିଶ ଚନ୍ଦ୍ର ମହାପାତ୍ର ଓ ସଂଗ୍ରାମ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ରାଇରଙ୍ଗପୁର:** ମଦର ଟେରେସା ସେବା ସଂଘ ପକ୍ଷରୁ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଗହଣରେ ଗଣତନ୍ତ୍ର ଦିବସ ପାଳିତ ହୋଇଛି । ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଦେଶ ମାତୃକା ସେବାରେ ନିଜକୁ ନିୟୋଜିତ



କରିବାକୁ ଅତିଥି ଆହ୍ୱାନ ଦେଇଥିଲେ । ମୁଖ୍ୟ ପରିଚାଳକ ଡଃ ଦୋଳଗୋବିନ୍ଦ ପାତ୍ର, ମିନତୀ ମହାପାତ୍ର, ଦୀପକ ମହାନ୍ତ, ମୁକେଶ କୁମାର, ସୁମତି ମହାନ୍ତ, ଆରତୀ ମହାନ୍ତ ଓ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ରାଇରଙ୍ଗପୁର:** ରାଇରଙ୍ଗପୁରରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଗଣତନ୍ତ୍ର ଦିବସ ଯୁବ ନେତା ରୂପକ ମହାନ୍ତିଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି । ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରହଲ୍ଲାଦ ପୂର୍ତ୍ତି, ବିଧାୟକ ପ୍ରାର୍ଥୀ ଯୋଗେନ୍ଦ୍ର ବାନରା,



ଅଶୋକ ଅଗ୍ରୱାଲା, ହରିଚରଣ ସାହୁ, ବଇଲୋଚନ ଗିରି, କିଶୋର ମହାନ୍ତ, ଅମର ମହାନ୍ତ, ପିଥ ମୁର୍ମୁ, ଆଲୋକ ବରାଳ, ବିପି ସିମଲ ମାଝୀ, ଅମର ପ୍ରଧାନ ଓ ଦେବରା ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ କଂଗ୍ରେସ କର୍ମୀଗଣ ଗଣତନ୍ତ୍ର ଦିବସର ଆଭିମୁଖ୍ୟ ଉପରେ ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ ।

**ରାଇରଙ୍ଗପୁର:** ସହିଦ ନୁଦୁରାମ ସୋରେନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ



ହୋଇଯାଇଛି । ସହିଦଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସେବାସ୍ତମ୍ଭର ଜିଲ୍ଲା ସଭାପତି ପ୍ରତାପ ଚନ୍ଦ୍ର ହେମ୍ବ୍ରମଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମେଜର ମହେନ୍ଦ୍ର ମହାନ୍ତ ମୁଖ୍ୟଅତିଥି, ସାମ୍ବାଦିକ ସୌରଭ ପଟ୍ଟନାୟକ, ଏଏଓ ରଘୁନାଥ ମାଝି, ଭରତ ଚନ୍ଦ୍ର ବାରିକ, ସେବାସ୍ତମ୍ଭର ରାଷ୍ଟ୍ରୀୟ ସମ୍ପାଦକ ମୋଚିରାମ ମାଝି, ଅଧ୍ୟାପକ ଦଶରଥ ଗୋରାଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିଜୟ ରାମ ସଭା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାରୁ ମାରାଣ୍ଡି, ଶ୍ୟାମସୁନ୍ଦର ମଣ୍ଡଳ, କାହ୍ନୁ ମହାନ୍ତ, ଲାକାୟ ମାଝି, ମଣିଷ ମହାନ୍ତ, ପପୁ ଗିରି, ପ୍ରିୟଦର୍ଶିନୀ ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ ।

**ବେତନଟୀ:** ବେତନଟୀର ବିଭିନ୍ନ ସଂଗଠନ ଓ ବିଦ୍ୟାଳୟରେ ୨୭ତମ ଜନରାଜ୍ୟ ଦିବସ ପାଳନ କରାଯାଇଛି । ପ୍ରଭାତଫେରି, ଏନସିସି ଛାତ୍ରଛାତ୍ରୀଙ୍କ ମାର୍ଚ୍ଚପାଷ୍ଟ, ସାଇକଲରେ



ସଚେତନତା ରାଲି, କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ ଇତ୍ୟାଦି ସହ ଆତସବାଜି କାର୍ଯ୍ୟକ୍ରମ କରାଯାଇଥିଲା । ବେତନଟୀ ବିଚାରବିଭାଗ ଓ ଦେୱାନୀ ଅଦାଲତ୍ ରେ ମାନ୍ୟବର ବିଚାରପତି ରଶ୍ମୀ ନାରାୟଣୀ ମିଶ୍ର ପତାକା ଉତ୍ତୋଳନ କରିଥିଲେ । ବରିଷ୍ଠ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ସାଧାରଣତନ୍ତ୍ର ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମାଜିଷ୍ଟ୍ରେଟଙ୍କ ନେତୃତ୍ୱରେ କୋର୍ଟ ପରିସରରୁ ଏକ ବାଇକ୍ ରାଲି ବାହାରି ବିଭିନ୍ନ ଛକ ଦେଇ କୋର୍ଟରେ ପହଞ୍ଚିଥିଲା । ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ, ଏନ୍‌ସିସି କ୍ୟାଡେଟ୍‌ଙ୍କ ସହ କୋର୍ଟର ସମସ୍ତ କର୍ମଚାରୀ ଓ ଆଇନଜୀବୀ ସଂଘ ସମ୍ପାଦକ ପ୍ରବୀର ବାରିକ, ନାରାୟଣ ମହାପାତ୍ର, ସଚ୍ଚିଦାନନ୍ଦ ମହାନ୍ତି, ଲେମ୍ବୋଦର ନାୟକ ପ୍ରମୁଖ ପରିଚଳନାରେ ସହଯୋଗ କରିଥିଲେ । ସିଭିଲ ସୋସାଇଟି ପକ୍ଷରୁ ସ୍ଥାନୀୟ ରେଳ ଷ୍ଟେସନ ନିକଟରେ ସଭାପତି ଚୁଡାମଣି ମହାପାତ୍ର ପତାକା ଉତ୍ତୋଳନ କରିଥିଲେ ।

**କୁଳିଅଣା:** ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଘଂ କାର୍ଯ୍ୟାଳୟରେ ସମ୍ପାଦକ ସହଦେବ ବେହେରା ଜାତୀୟ ପତାକା



ଉତ୍ତୋଳନ କରିଥିଲେ । ଉପସଭାପତି କେଶବ ସାହୁ, ଉପଦେଷ୍ଟା ବିରଞ୍ଚି ଜେନା, ପୀତବାସ ନାଏକ, ସଭ୍ୟ ପ୍ରଦୀପ ବକ୍ସି, ଅରୁଣ ପାଣିଗ୍ରାହୀ, ଚିତ୍ତରଞ୍ଜନ ସାହୁ, ବ୍ରଜମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କୁଳିଅଣା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଅହଲ୍ୟା ନାଏକ, କୁଳିଅଣା ଲ୍ୟାମ୍ପସରେ ନିର୍ଦ୍ଦେଶକ ସୁଧାଂଶୁ ପାଣିଗ୍ରାହୀ, କୁଳିଅଣା ଥାନାରେ ଅଧିକାରୀ ସୁଦୀପ ମହାପାତ୍ର ପତାକା ଉତ୍ତୋଳନ କରିଥିଲେ । କୁଳିଅଣା ବ୍ଲକ କାର୍ଯ୍ୟାଳୟ, ତହସିଲ, ବ୍ୟାଙ୍କ, ପୋଷ୍ଟ ଅଫିସ, ତଥା ସରକାରୀ କାର୍ଯ୍ୟାଳୟ, ସରକାରୀ ବେସରକାରୀ ସ୍କୁଲରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି ।

**କୁଳିଅଣା:** ଚାନ୍ଦୁଆ ବ୍ଲକରେ ସାଧାରଣ ଦିବସ ପାଳିତ ହୋଇଯାଇଛି । ଚେୟାରମ୍ୟାନ ଦୀପିକା ସିଂ ଜାତୀୟ ପତକା



ଉତ୍ତୋଳନ କରିଥିଲେ । ବ୍ଲକ ଅଧିକାରୀ ଜିତେନ୍ଦ୍ର ମୁର୍ମୁ, ଜିପିଓ ବୈକୁଣ୍ଠ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

**କୁଆମରା:** ଗୋପବନ୍ଧୁନଗର ବ୍ଲକର ବିଭିନ୍ନ ଅନୁଷ୍ଠାନରେ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି । ଖୁଣ୍ଟା ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ଉତ୍ସବରେ ଉଦଳା ବିଧାୟକ ଭାସ୍କର



ଚନ୍ଦ୍ର ମଢେଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଅଧ୍ୟକ୍ଷା ଝୁଲଣ ବାରସାଳିଆ, ଉପାଧ୍ୟକ୍ଷା ରଶ୍ମିତା ଚୈଧୁରୀ, ବିଡିଓ ପୃଥ୍ୱିରାଜ ପରିଡ଼ା, ଥାନା ଅଧିକାରୀ ପଞ୍ଚାନନ ମହାନ୍ତି, ସାନଖୁଣ୍ଟା ପଞ୍ଚାୟତ ସରପଞ୍ଚ ସୁମି ହାଁସଦା, ସମିତି ସଭ୍ୟ ରଞ୍ଜନ ମହାନ୍ତି, ବ୍ଲକ ଶିକ୍ଷା ଅଧିକାରୀ ଡଃ ଅଭିମନ୍ୟୁ ସେଠୀ, ବିଆରସିସି କୁଳମଣି ନାଏକ ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଦେଶାତ୍ମକ ସଙ୍ଗୀତ, ନୃତ୍ୟ ଓ ଅଭିନୟ ପ୍ରଦର୍ଶନ କରିଥିଲେ । କୁଇଜ, ବକ୍ତୃତା, ସଙ୍ଗୀତ ପ୍ରଭୃତି ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷା ଝୁଲଣ ବାରସାଳିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିବାବେଳେ ସାଇଁକୁଳା ନବଯୁବକ ପାଠାଗାରରେ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଗୌର ଦାସ ପତାକା ଉତ୍ତୋଳନ କରିଥିଲେ । ରାଜସ୍ୱ ନୀରିକ୍ଷକ ସୁବ୍ରତ ପ୍ରଧାନ, ସମାଜସେବୀ ଭଗବାନ ନାୟକ, ଶିକ୍ଷାବିତ ସନାତନ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

**କରଞ୍ଜିଆ:** କରଞ୍ଜିଆ କଂଗ୍ରେସ ନଗର ଓ କରଞ୍ଜିଆ ବ୍ଲକ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । କଂଗ୍ରେସ ଟାଉନ ସଭାପତି ସୁରଜ ସିଂଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ଜିଲ୍ଲା



ସଭାପତି ଭୁବନ ସାହୁ ମୁଖ୍ୟଅତିଥି ଭାବେ ଓ କରଞ୍ଜିଆ ପାଞ୍ଚପୀର ପ୍ରେସ କ୍ଲବ୍ ସଭାପତି ଉମାଶଙ୍କର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସଭାପତି ସମସଦତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ସିଂ, ମହମ୍ମଦ ରିଆଜୁଦ୍ଦିନ, ଦେବାଶିଷ ସେଠୀ, ସେକ ଜାକିର ହୁସେନ, ମହମ୍ମଦ ଅସଗର ଅଲ୍ଲି, ମହମ୍ମଦ ୱାଲାମ ଆକ୍ରମ ପ୍ରମୁଖ ଉପସ୍ଥିତ ଥିଲେ ।

**ଖୁଣ୍ଟି:** ପୁଣ୍ୟତୀର୍ଥ ଦୋମୁହାଣୀ ବିକାଶ ପରିଷଦ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସଭାପତି ଡ. ବଳଭଦ୍ର ଘଡ଼ାଇଙ୍କ ପୌରୋହିତ୍ୟରେ ଆୟୋଜିତ



କାର୍ଯ୍ୟକ୍ରମରେ ଅର୍ଜୁନବିଲ୍ଲା ସରପଞ୍ଚ ଲକ୍ଷ୍ମୀ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସଭାପତି ଡ. ବଳଭଦ୍ର ଘଡାଇ, ସଂଯୋଜିକା ପ୍ରମୋଦିନୀ ଧଳ, କୋଷାଧ୍ୟକ୍ଷ ସହଦେବ ମୁଣ୍ଡା, ଉପଦେଷ୍ଟା ସଚ୍ଚିଦାନନ୍ଦ ଦେବ, ସୁମୋଦ ହରିଭକ୍ତ ବେହେରା, ବରିଷ୍ଠ ଶିକ୍ଷକ ନିତ୍ୟାନନ୍ଦ ମନ୍ତ୍ରୀ, କ୍ରେଜି କ୍ଲବର ସଂଯୋଜକ ଚନ୍ଦ୍ରଶେଖର ମହାନ୍ତ ପ୍ରମୁଖ ସହ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।



**ଉଦଳା:** ଉଦଳାର ବିଭିନ୍ନ ଅଞ୍ଚଳରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଉଦଳା ହାଇସ୍କୁଲ ପଡ଼ିଆରେ କପ୍ତିପଦା ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି । ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ସୁଶାନ୍ତ ବାରିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏଥିରେ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଭାଗ ନେଇଥିଲେ ।

**ଶୁକ୍ରୁଳି:** ଶୁକ୍ରୁଳି ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ ହୋଇଛି । ତହସିଲଦାର ପିନାକୀ ପାର୍ଥସାରଥୀ



ମୁଖ୍ୟଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଶୁକ୍ରୁଳି ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ପ୍ୟାରେଡରେ ଯୋଗ ଦେଇଥିଲେ । ଅତିରିକ୍ତ ତହସିଲଦାର ସୁଶ୍ରୀ ଦୀପ୍ତିମୟୀ ଶର୍ମା, ସଂଘ ସଭାପତି କାହ୍ନୁଚରଣ ଗିରି, ଉପସଭାପତି ପ୍ରସନ୍ନ ପଣ୍ଡା, ସମ୍ପାଦକ ନଗେନ ପାଲ, ସହସମ୍ପାଦକ ଶ୍ରୀପତି କାରୁଆ ପ୍ରମୁଖ ଯୋଗ ଦେଇଥିଲେ ।

**ବହଳଦା:** ବହଳଦା ବ୍ଲକର ବିଭିନ୍ନ ପ୍ରଶାସନିକ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନ, ଛକ, ବଜାରରେ ଗଣତନ୍ତ୍ର ଦିବସ ପାଳିତ ହୋଇଛି । ବ୍ଲକ କାର୍ଯ୍ୟାଳୟ, ତହସିଲ, ଥାନା, ଅବକାରୀ ଥାନା, କୃଷି ବିଭାଗ, ବନାଞ୍ଚଳ କାର୍ଯ୍ୟାଳୟ ପରି ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଧୀରଜଲାଲ କଲେଜ, ବହଳଦା ସରକାରୀ ଉଚ୍ଚବିଦ୍ୟାଳୟ, କିଚକେଶ୍ୱରୀ ବାଳିକା ଉଚ୍ଚବିଦ୍ୟାଳୟ ସହିତ ସମସ୍ତ ପ୍ରାଥମିକ,



ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ସହିପରି ଝରାଡିହି ଅଞ୍ଚଳରେ ଝରାଡିହି ଫାଣ୍ଡି, ଫରେଷ୍ଟ ବିଟ୍, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବହଳଦାରୋଡ ରେଳ ଷ୍ଟେସନ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସହିତ ଝରାଡିହି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଜାତୀୟ ପତାକା ଉତ୍ତୋଳନ କରାଯାଇଛି । ଗିଦିଘାଟୀସ୍ଥ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ବ୍ୟାଙ୍କ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ଗିଦିଘାଟୀ ଛକ ସ୍ଥିତ ହୀରା କମ୍ପ୍ଲେକ୍ସ ପରିସରରେ ବଣିକ ସଂଘ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା ।

**ଠାକୁରମୁଣ୍ଡା/ମହୁଲଡିହା:** ଠାକୁରମୁଣ୍ଡା ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଏ ଅବସରରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ବିଇଓ କୁଞ୍ଜବିହାରୀ ପ୍ରଧାନ, ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା, ଥାନାଧିକାରିଣୀ ସାବିତ୍ରୀ ଦଳେଇ ପ୍ରମୁଖ ଯୋଗଦେଇଥିଲେ । ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ୪ ଜଣ କୃତୀ ଶିକ୍ଷକଙ୍କୁ ଆଦର୍ଶ ଗୁରୁ ସମ୍ମାନ ପ୍ରଦାନ କରାଯାଇଥିଲା ।



ପ୍ୟାରେଡର ସିନିୟର ଗ୍ରୁପରେ ଠାକୁରମୁଣ୍ଡା ସରକାରୀ ହାଇସ୍କୁଲ, ଜୁନିୟର ବିଭାଗରେ ସରକାରୀ ବାଳିକା ଏସଏସଡି ହାଇସ୍କୁଲ ଓ ସବଜୁନିୟର ସ୍ତରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରନିଙ୍ଗ କପ ହାସଲ କରିଥିଲେ । ସାଂସ୍କୃତିକ ପ୍ରତିଯୋଗିତାରେ ସରକାରୀ ଏସଏସଡି ବାଳିକା ଉଚ୍ଚବିଦ୍ୟାଳୟ, କୋଟିଲ୍ୟ ଇଣ୍ଟରନ୍ୟାସନାଲ ସ୍କୁଲ ଓ ହେରିଟେଜ ଇଂଲିଶ ମିଡିୟମ ସ୍କୁଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

**ଗୋରୁମହିଷାଣୀ:** ପିଏନ୍ ବୋଷ ପଡ଼ିଆରେ ଗୋରୁମହିଷାଣୀ ଜାଗରଣ ପରିବାର ଓ ଗୋରୁମହିଷାଣୀ ଲୌହ ଖଣି ମେଶସ୍ ଘନଶ୍ୟାମ ମିଶ୍ର ଆଣ୍ଡ ସନ୍‌ସ ପ୍ରାଇଭେଟ୍ ଲିମିଟେଡ ମିଳିତ ସହଯୋଗରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲା ଶିଳ୍ପ ମହାପ୍ରବନ୍ଧକ ଅଜୟ ମହାନ୍ତ ଯୋଗଦେଇ ପତାକା ଉତ୍ତୋଳନ



କରିଥଲେ । ସମ୍ମାନିତ ଅତିଥି ଭାବେ ଲୌହ ଖଣି ପ୍ରବନ୍ଧକ ବିକାଶ ନାୟକ, ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ, ବାଇଟ୍ ଅଧ୍ୟକ୍ଷା ଶ୍ରୀମତୀ ସରସ୍ୱତୀ ସୋରେନ, ଶ୍ରମିକ ନେତା ସୁରେଶ ସୋରେନ୍ ଉପସ୍ଥିତ ଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସଭାପତି ସୁବ୍ରତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

■ ନିଶାଗଡ଼ିଆରେ ବେଧଡ଼କ ଜୁଆ ଖେଳ

# ପୁଲିସର 'ଧର୍ମକୁ ଆଖିଠାର ଚଢ଼ଉ'



ଡୁରୁମୁଙ୍ଗା/ଚମ୍ପୁଆ, ୨୭।୧(ସମିସ): କେନ୍ଦୁଝର ଜିଲ୍ଲା ବାରିଆ ଥାନା ଅନ୍ତର୍ଗତ ପଡୁଆ ପଞ୍ଚାୟତ ନିଶାଗଡ଼ିଆ ଗ୍ରାମରେ ଦୁଇ ଦିନ ଧରି ଯାତ୍ରା ନାଁରେ ଜୁଆ ଖେଳ ସାଙ୍ଗକୁ କୁକୁଡ଼ା ଲଢେଇ ଖେଳ ଚାଲୁରହିଛି। ଜାନୁଆରୀ ୨୬ ତାରିଖରୁ ଏହି ଯାତ୍ରା ଆରମ୍ଭ ହୋଇଥିବା ବେଳେ ଆଗକୁ ଆହୁରି ୩ ଦିନ ଧରି ଚାଲିବ। ଲକ୍ଷ ଲକ୍ଷ ଟଙ୍କା ବାଜି ଲାଗିଥିବା ବେଳେ ଧୂଣ୍ଡିପାଲି ଖେଳ ବେଧଡ଼କ ଭାବରେ ଚାଲୁ ଥିଲା। ଏନେଇ ବାରିଆ ଥାନାକୁ ସଚେତନ ନାଗରିକ ଭାବରେ ଫୋନ କରି ଅଭିଯୋଗ କରାଯାଇଥିଲେ ହେଁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲା। ଦିନ ୧୨ଟାରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ଜୁଆ ଖେଳ ଚାଲୁ ରହିଥିବା ବେଳେ ବାରିଆ ଥାନାକୁ ଦିନ ଗୋଟାଏ ବେଳେ ଫୋନ କରି ସୂଚନା ଦିଆଯାଇଥିଲା। ଧର୍ମକୁ ଆଖି ଠାର ମାରିଲା ଭଳି ସନ୍ଧ୍ୟାରେ ଆସି ଚଢ଼ଉ କରିଥିଲା। ପୁଲିସର ବିଳମ୍ବ ଜୁଆଡିଙ୍କୁ ସୁହାଇଥିଲା। ସେମାନେ ପଳାଇବାରେ ସକ୍ଷମ ହୋଇଥିଲେ। ଏଠାରେ ୮ଟି ଧୂଣ୍ଡିପାଲି ପଡିଥିବା ବେଳେ କୁକୁଡ଼ା ଲଢେଇରେ ଶହ ଶହ କୁକୁଡ଼ାଙ୍କ ଜୀବନ ବାଜିରେ ଲାଗିଥିଲା। ଚଢ଼ଉ ପୂର୍ବରୁ ବାରିଆ ପୁଲିସ ଆୟୋଜକ କମିଟିର ସଦସ୍ୟଙ୍କୁ ହ୍ୱାଟ୍ସଆପରେ କଲ କରିଥିଲେ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଜୁଆ ଖେଳକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଜୁଆ ଖେଳକୁ ପ୍ରଶୟ ଦେଉଥିବା ପୁଲିସ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

# କରଦାଙ୍ଗି ଉଚ୍ଚବିଦ୍ୟାଳୟର ୭ ଛାତ୍ରୀ ଅସୁସ୍ଥ



ତେଲକୋଇ, ୨୭।୧(ସମିସ): ଲେକୋଇ ବ୍ଲକ କରଦାଙ୍ଗିସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟର ୭ ଜଣ ଛାତ୍ରୀଙ୍କ ଶରୀର ଅସୁସ୍ଥ ହୋଇ ପଡ଼ିବାରୁ ସେମାନଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବିଦ୍ୟାଳୟରେ ହଠାତ୍ ବାନ୍ତି କରିବା ସହ ଅସ୍ୱାଭାବିକ ଲକ୍ଷଣ ଦେଖା ଦେଇଥିଲା। ଫଳରେ ଛାତ୍ରୀମାନେ ଅସୁସ୍ଥ ହୋଇପଡ଼ିଥିଲେ। ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ରହିଥିବା ବେଳେ ଆଜି ଛାତ୍ରୀମାନେ ବିଦ୍ୟାଳୟକୁ ପଢ଼ିବା ପାଇଁ ଯାଇଥିଲେ। ପୂର୍ବାହ୍ନ ୧୧ଟା ସମୟରେ କିଛି ଛାତ୍ରୀଙ୍କ ଶରୀର ହଠାତ ଅସୁସ୍ଥ ହୋଇ ପଡ଼ିଥିଲା। ଏହି କ୍ରମରେ ୭ରୁ ଅଧିକ ଛାତ୍ରୀଙ୍କ ଶରୀର ଅସୁସ୍ଥ ହେବାରେ ଲାଗିଲା। ଅସୁସ୍ଥ ଛାତ୍ରୀଙ୍କ ଏହି ଲକ୍ଷଣ ଦେଖି ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଛାତ୍ରୀଙ୍କ ଶରୀରରେ ଭୂତ ସବାର ହୋଇଥିବା ଚର୍ଚ୍ଚା ଚାଲିଛି। ଅନ୍ୟପଟେ ଛାତ୍ରୀ ନିବାସରେ ଅନ୍ତେବାସୀଙ୍କୁ ପୁଷ୍ଟିକର ଖାଦ୍ୟ ଦିଆଯାଉ ନଥିବାରୁ ମାନସିକ ଓ ଶାରୀରିକ ଦୁର୍ବଳ ହୋଇ ଏଭଳି ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଏ ସମ୍ବନ୍ଧରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପି.ସତ୍ୟମ କହିଛନ୍ତି, କୌଣସି ପ୍ରକାରେ ମାନସିକ ସ୍ତରରେ ଆଘାତ ଲାଗିଥିବାରୁ ଏଭଳି ଲକ୍ଷଣ ପରିଲକ୍ଷିତ ହେଉଛି। ତେବେ, ସନ୍ଧ୍ୟା ସୁଦ୍ଧା ଛାତ୍ରୀମାନେ ସୁସ୍ଥ ହୋଇ ଛାତ୍ରୀ ନିବାସକୁ ଫେରିଛନ୍ତି।

## ରାସ୍ତାକଡ଼କୁ ଓଲଟିଲା ଯାତ୍ରୀବାହୀ ବସ୍

ହାଟଡ଼ିହୀ,୨୭।୧(ସମିସ): କେନ୍ଦୁଝର ଜିଲ୍ଲା ସୋସୋ ଥାନା ବୈଦାଖିଆ ପେଟ୍ରୋଲ ପମ୍ପ ନିକଟରେ ଓଡ଼ି-୦୫ଏ-୬୩୭୭ ନମ୍ବର ବିଶିଷ୍ଟ ଶ୍ରୀଲକ୍ଷ୍ମୀ ନାମକ ଏକ ଯାତ୍ରୀବାହୀ ଘରୋଇ ବସ୍ ରାସ୍ତାକଡ଼କୁ ଓଲଟି ପଡ଼ିଛି। ବସଟି ସନ୍ଧ୍ୟା ସମୟରେ ବଉଳା ଅଭିମୁଖେ ଯାଉଥିଲା। ଡ୍ରାଇଭର ନିଶାସକ୍ତ ଥିବାରୁ ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି। ସୌଭାଗ୍ୟ ବଶତଃ ବସରେ କେହି ଯାତ୍ରୀ ନଥିଲେ। ଏପରିକି ବସ୍ ଷ୍ଟାଫ୍‌ଙ୍କର ମଧ କୌଣସି କ୍ଷତି ହୋଇନାହିଁ। ସୋସୋ ପୁଲିସ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଚଳାଇଛି।

# ମିଳିତ ବ୍ୟାଙ୍କ ୟୁନିୟନ ଫୋରମ୍‌ର ଧର୍ମଘଟ; ସେବା ପ୍ରଭାବିତ



କେନ୍ଦୁଝର, ୨୭।୧(ସମିସ): ୫ଟି କାର୍ଯ୍ୟ ଦିବସ ଦାବିରେ ମିଳିତ ବ୍ୟାଙ୍କ ୟୁନିୟନ ଫୋରମ ଡକରାରେ ଆଜି ପୂର୍ଣ୍ଣ ଦିବସ ବ୍ୟାଙ୍କ ଧର୍ମଘଟ ହୋଇଛି। ଏହି ଧର୍ମଘଟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଷ୍ଟାଫ୍ ଆସୋସିଏସନ୍ ଏବଂ ଅଫିସର ଆସୋସିଏସନ୍ ମିଳିତ ଭାବେ ସାମିଲ ହୋଇ କେନ୍ଦୁଝରସ୍ଥିତ ଏସବିଆଇ ଆଞ୍ଚଳିକ ବାଣିଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବ୍ୟାଙ୍କ ଧର୍ମଘଟ ଯୋଗୁଁ ବ୍ୟାଙ୍କ ସେବା ପ୍ରଭାବିତ ହେବା ସହ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ନଅଟି ବ୍ୟାଙ୍କ ୟୁନିୟନ ଏବଂ ସଂଗଠନ ଦ୍ୱାରା ଏହି ଧର୍ମଘଟ କରାଯାଇଥିଲା। ସେମାନଙ୍କର ମୁଖ୍ୟ ଦାବୀ ହେଉଛି ପାଞ୍ଚଦିନିଆ କାର୍ଯ୍ୟ ସପ୍ତାହ କାର୍ଯ୍ୟକାରୀ ଅର୍ଥାତ ଶନିବାର ଏବଂ ରବିବାର ଉଭୟ ଛୁଟି ରହିବା ଉଚିତ। ବର୍ତ୍ତମାନ ୬ ଦିନ କାର୍ଯ୍ୟ ଦିବସ ଥିବାବେଳେ ତାହାକୁ ୫ ଦିନ କରିବାକୁ ମିଳିତ ବ୍ୟାଙ୍କ ୟୁନିୟନ ଫୋରମ ପକ୍ଷରୁ କେନ୍ଦ୍ର ସରକାର ଏବଂ ଇଣ୍ଡିଆନ ବ୍ୟାଙ୍କର ଆସୋସିଏସନ୍ ନିକଟରେ ଦାବି କରିଆସୁଛି। ଧର୍ମଘଟରେ ଏସବିଆଇ ଷ୍ଟାଫ୍ ଆସୋସିଏସନ କେନ୍ଦୁଝର ଜିଲ୍ଲା ଆଞ୍ଚଳିକ ସମ୍ପାଦକ ଉମାକାନ୍ତ ହାଁସଦା, ସହସମ୍ପାଦକ ତୁଷାରକାନ୍ତ ବେହେରା, ଏସବିଆଇ ଅଫିସର ଆସୋସିଏସନର ପଦ୍ମଲୋଚନ ନାୟକ, ଜୋନାଲ ଉପସଭାପତି ବିଶ୍ୱରଞ୍ଜନ ପୃଷ୍ଟି, ଆଞ୍ଚଳିକ ସମ୍ପାଦକ ବିବେକାନନ୍ଦ ନାୟକ, ଦିଲ୍ଲୀପ ନାୟକ, ହରିହର ମହାନ୍ତ, ରବିଶଙ୍କର ମୁର୍ମୁ, ସସ୍ମିତା ପ୍ରଧାନ, ବୀଣାପାଣି ପାତ୍ର, ପ୍ରଶୀଳା ପାଲ, ବିଣାପାଣୀ ନାୟକ, ଐଶ୍ୱର୍ଯ୍ୟା ଖଣ୍ଡେଲୱାଲ, ଗୀତାଶ୍ରୀ ନାୟକ, ଶୁଭମ ସିଂ, ମାନସ ନାୟକ, ରବିଶଙ୍କର ମୁର୍ମୁଙ୍କ ସମେତ ଏସବିଆଇର ବହୁ ଅଧିକାରୀ ଓ କର୍ମଚାରୀ ଧର୍ମଘଟରେ ସାମିଲ ହୋଇଥିଲେ।

# ଯୋଗେଶ୍ୱର ୟୁଥ୍ କ୍ଲବ କ୍ରିକେଟ: ବିଶ୍ୱନାଥପୁର ଚାମ୍ପିଅନ



କେନ୍ଦୁଝର,୨୭।୧(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ବଣ୍ଡାଁ ଗ୍ରାମର ସ୍କୁଲ ଖେଳପଡିଆରେ ଯୋଗେଶ୍ୱର ୟୁଥ କ୍ଲବ ପକ୍ଷରୁ ୧୫ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ବିଶ୍ୱନାଥପୁର ଏବଂ ଗୁମରା ମଧ୍ୟରେ ଅନୁଷ୍ଠିତ ଫାଇନାଲରେ ବିଶ୍ୱନାଥପୁର ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଦଳରେ ଗୌତମ ଦେହୁରୀ ୬୮ ଏବଂ ଶିବୁ ଦେହୁରୀ ୫ଉିକେଟ ନେଇ ମେନ ଅଫଦ ସିରିଜ ଓ ମେନଅଫଦ ମ୍ୟାଚ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣୀରେ ପୂର୍ବତନ ବିଜେପି ଜିଲ୍ଲା ଉପସଭାପତି ଗଣେଶର ମହାନ୍ତ, ସରପଞ୍ଚ ସଞ୍ଜୟ ମୁଣ୍ଡା, ସୁଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଅମ୍ପାୟର ତୁଲାଇଥିଲେ। କ୍ଲବ ସଭାପତି ଦୀପକ ନାଏକ, ସମ୍ପାଦକ ରାମଚନ୍ଦ୍ର ନାଏକ, ସଦସ୍ୟ ସୁବ୍ରତ ନାଏକ, ଦେବାନନ୍ଦ ମହାକୁଡ, ଦେବବ୍ରତ ନାଏକ, ସୁବାସ ବିବେକାନନ୍ଦ ଦାସ, ସୁବ୍ରତ ନାଏକ ଖେଳ ପରିଚାଳନା କରିଥିଲେ। ଶାନ୍ତନୁ ବାରିକ ଧାରାବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଦାୟିତ୍ୱ ରାମଚନ୍ଦ୍ର ନାଏକ ନାଏକ, ସରୋଜ ମହାକୁଡ, ବାଦଲ ବାରିକ, ଶିବୁ ଗିରି, ବିଜୟ ପ୍ରଧାନ, ସଚିନ ତନ୍ତୁ, ଆକାଶ ନାଏକ, ଲୁଲୁ ମହାନ୍ତ, ଅରୁଣ ନାଏକ ସହଯୋଗ କରିଥିଲେ।



ଆନନ୍ଦପୁର: ଜାତୀୟ କନ୍ୟା ଦିବସରେ ବାଲ୍ୟବିବାହ ନିରାକରଣର ସଚେତନତା ବାର୍ତ୍ତାର ପ୍ରଚାରପ୍ରସାର ନେଇ ଆନନ୍ଦପୁର ତାଲୁକ୍ ଆଇନସେବା କମିଟି ଆନୁକୂଲ୍ୟରେ ସାଇକଲ ଶୋଭାଯାତ୍ରା

# ଟ୍ରାକ୍ଟର ଧକ୍କାରେ ଜଣେ ମୃତ, ୧ ଗୁରୁତର

ଆନନ୍ଦପୁର, ୨୭।୧ (ସମିସ): ସ୍ଥାନୀୟ ବାଂଖିଡ଼ି ନିକଟରେ ଟ୍ରାକ୍ଟର ଧକ୍କାରେ ମହୁଲଡିହା ଥାନା ଲୁଣଖାଇ ଗାଁର ଯୋଗେନ୍ଦ୍ର ଦେଓଗନଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଆନନ୍ଦପୁର ଥାନା ବୀରବଲ୍ଲ ଗାଁର ଯଦୁ ହୋଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଭୟେ ମଙ୍ଗଳବାର ସକାଳୁ ଭୋଗପୁର ଯାଇଥିଲେ। ମିସ୍ତ୍ରି କାମ କରି ଫେରିବା ବାଟରେ ବାଙ୍କିଡିର ତରଡ଼ିଆ ନାଳରେ ଟ୍ରାକ୍ଟର ସହ ଧକ୍କା ହୋଇଥିଲା।

# ମେଧାବୃତ୍ତି ପରୀକ୍ଷାରେ ସାଇ ବିଦ୍ୟାମନ୍ଦିରର ସଫଳତା

ବାରିପଦା, ୨୭ ।୧(ସମିସ): ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ମୟୂରଭଞ୍ଜର ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ସାଇ ବିଦ୍ୟାମନ୍ଦିର ଓଡିଶା ସରକାରଙ୍କ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ୨୦୨୩-୨୪ ଶିକ୍ଷା ବର୍ଷରେ ଷଷ୍ଠ ଶ୍ରେଣୀରେ ଅପୂର୍ବ ସଫଳତା ହାସଲ କରିଛି। ରାଜକୁମାର ମହାନ୍ତି, ତନ୍ମୟ ପାଢୀ, ଅଙ୍କିତା ଗିରି ବାରିପଦା ବ୍ଲକ୍ ସ୍ତରରେ ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ଏଥିନିମନ୍ତେ ବିଦ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ନିର୍ଦ୍ଦେଶକ ଡ. ପ୍ରଭଞ୍ଜନ ରାଉତ, ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ, ମହାପ୍ରବନ୍ଧକ ଦେବାଶିଷ ମୁଦୁଲି, ପ୍ରଧାନଶିକ୍ଷକ ଆଶିଷ ହୋତା, ସିଇଓ ଚିତ୍ତରଞ୍ଜନ ରାଉତ କୃତି ଛାତ୍ରଛାତ୍ରୀଙ୍କୁ ଫୁଲତୋଡା ଓ ସ୍ମାରକ ପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରି ସେମାନଙ୍କ ସଫଳତା ପାଇଁ ସାଧୁବାଦ ପ୍ରଦାନ କରିଥିଲେ। ଶିକ୍ଷାର ଗୁଣବତ୍ତା, ମାନ ଓ ପରିଧି ହେଉଛି ମୌଳିକ ଗୁଣାତ୍ମକ ଶିକ୍ଷା। ଏହା ମାନବ ସଭ୍ୟତାର କେନ୍ଦ୍ରବିନ୍ଦୁ। ଏହାଦ୍ୱାରା ଛାତ୍ର ଛାତ୍ରୀଙ୍କର ମହାନୁଭବ ପ୍ରକଟିତ ହେବା ସହିତ ଭବିଷ୍ୟତ ନିର୍ମାଣର ପଥ ସୁଗମ ହୁଏ। ଅଧୁନା ସାଇ ବିଦ୍ୟା ମନ୍ଦିର ଏଥିରେ ପୂର୍ଣ୍ଣ ଗୁରୁତ୍ୱ ପ୍ରଦାନ କରି ତୃଣମୂଳ ସ୍ତରରୁ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ମାଧ୍ୟମିକ, ଉଚ୍ଚମାଧ୍ୟମିକ ପରୀକ୍ଷା ହେଉ କିମ୍ବା ପ୍ରତିଯୋଗିତାମୂଳକ ପରୀକ୍ଷା, ସବୁଥିରେ ଏହି ଶିକ୍ଷାନୁଷ୍ଠାନ ଅପୂର୍ବ ସଫଳତା ହାସଲ କରିଆସୁଛି। ନିର୍ଦ୍ଦେଶକ ଡ. ପ୍ରଭଞ୍ଜନ ରାଉତ ଏହାର ଶ୍ରେୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନୁଷ୍ଠାନ ପ୍ରତି ଆସ୍ଥା ପ୍ରକଟ କରି ଆସୁଥିବା ଅଭିଭାବକଙ୍କୁ ପ୍ରଦାନ କରିଛନ୍ତି।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ତେଲକୋଇ, ୨୭।୧(ସମିସ): ତେଲକୋଇ ବ୍ଲକ ପରିସରରେ କେନ୍ଦୁଝର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୯୭ଟି ଅଭିଯୋଗର ଶୁଣାଣି କରାଯାଇ ଦ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନେକ ଅଭିଯୋଗକାରୀ ଏହି ଶୁଣାଣିରେ ନିରାଶ ହୋଇ ଆଉ ଅଭିଯୋଗ ଶୁଣାଣିରେ ଅଂଶଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରୁ ନଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ବିଶାଲ ସିଂ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ପ୍ରକଳ୍ପ ନିର୍ଦ୍ଦେଶକ କୁମାର ନାଗଭୂଷଣ, ଏଡିଏମ ରବୀନ୍ଦ୍ରନାଥ ପ୍ରଧାନ, ସିଡିଏମଓ ବିନୋଦ ବିହାରୀ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ତେଲକୋଇ ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ, ତହସିଲଦାର ଅନୁପମା ମୁର୍ମୁ ପରିଚାଳନା କରିଥିଲେ।

# ସହକାରୀ ଶିକ୍ଷୟିତ୍ରୀଙ୍କୁ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ



ଗୋପବନ୍ଧୁନଗର,୨୭।୧(ସମିସ): ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବଡ଼ଖମଣ ପଞ୍ଚାୟତର ବଡ଼ଖମଣ ଉନ୍ନିତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ କଳ୍ପଲତା ଜେନାଙ୍କୁ ଗ୍ରାମର ପରିବେଶକୁ ସରସ ସୁନ୍ଦର କରିବା ସହିତ ବିଦ୍ୟାଳୟ ପରିସରରେ ବିଭିନ୍ନ ଫଳନ୍ତି ବୃକ୍ଷ ରୋପଣ କରିବା ସହିତ ବନସାଥି ନାବରା ବହୁବନ୍ଧ ଦ୍ୱାରା ବନସାଥି କେନ୍ଦ୍ର ମୟୂରଭଞ୍ଜ ମିଶ୍ରଣ ଦିବସ ମହୋତ୍ସବରେ ପରିବେଶ ସଚେତନ ପ୍ରତିଯୋଗିତାରେ ବୃକ୍ଷପ୍ରେମୀ ମନୋନୀତ ହୋଇଛନ୍ତି। ତାଙ୍କୁ ମୁଖ୍ୟଅତିଥି ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଛି। ସେହିପରି ବିଶ୍ୱଦେବ ସମାଜ ପକ୍ଷରୁ ସହିଦ ଭବନ କଟକଠାରେ ରାଜ୍ୟସ୍ତରୀୟ ସମ୍ମାନ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉଦଳା ଦ୍ୱାରା ଛାତ୍ର ବତ୍ସଳତାର ଆଗ୍ରହ ପାଇଁ ଛାତ୍ରବାସକୁ ସରସ ସୁନ୍ଦର କରିଥିବାରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି।

# ସାଂସଦ ଅସୁସ୍ଥ; ହସ୍‌ପିଟାଲରେ ଭର୍ତ୍ତି



ରାଇରଙ୍ଗପୁର,୨୭।୧(ସମିସ): ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଉଚ୍ଚ ରକ୍ତଚାପ ଓ ମଧୁମେହଜନିତ ଚିକିତ୍ସା ନିମନ୍ତେ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳର ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବାବେଳେ ଅସୁସ୍ଥତା ଅନୁଭବ କରିଥିଲେ। ତୁରନ୍ତ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି।

# ଆଦିବାସୀଙ୍କ ନେଡ଼ା ପର୍ବ



କୁଳିଅଣା, ୨୭।୧ (ସମିସ): କୁଳିଅଣା ବ୍ଲକ ଚାନ୍ଦୁଆ ପଞ୍ଚାୟତର ବାଉଁଶବଣି ଗ୍ରାମରେ ସାନ୍ତାଳ ସମ୍ପ୍ରଦାୟର ନେଡ଼ା ପର୍ବ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବହୁ ପ୍ରତିଯୋଗୀ ଯୋଗ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ମୟୂରଭଞ୍ଜ ଜିଲ୍ଲା ବିଜେଡ଼ି ସଭାପତି ସୁଦାମ ମାରାଣ୍ଡୀ, ତାଙ୍କ ପତ୍ନୀ ରଂଜିତା ମାରାଣ୍ଡି, ପୂର୍ବତନ ସାଂସଦ ଲକ୍ଷ୍ମଣ ଟୁଡୁ, ତାଙ୍କ ପତ୍ନୀ ପୂର୍ବତନ ଚେୟାରମ୍ୟାନ ବାସନ୍ତୀ ଟୁଡୁ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏ ଅବସରରେ ସାନ୍ତାଳୀ ଅପେରା ସହିତ ଶେଷ ଦିନ ମେଲଡି କାର୍ଯ୍ୟକ୍ରମ କରାଯାଇଥିଲା।

# ୪୯ ଲିଟର ମଦ ଜବତ, ୩ ଗିରଫ



କୁଆମରା ୨୭ ।୧(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଆଜି ଖୁଣ୍ଟା ଅବକାରୀ ବିଭାଗ ପୃଥକ ସ୍ଥାନରେ ଚଢ଼ଉ କରି ୪୯ ଲିଟର ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ବଡ଼ସାତଶୋଳ ଗ୍ରାମର ସାଉଁରୀ ସରେନ (୩୦)ଙ୍କଠାରୁ ୧୪ ଲିଟର, ବାଙ୍ଗରା ଗ୍ରାମର ସୁମନ୍ତ ସିଂ (୨୯)ଙ୍କଠାରୁ ୧୫ ଲିଟର ଓ ସୂର୍ଯ୍ୟ ମୁର୍ମୁ (୨୫)ଙ୍କଠାରୁ ୨୦ ଲିଟର ମଦ ଜବତ ହୋଇ ପୃଥକ ମାମଲା ରୁଜୁ ହୋଇଛି। ଏସ୍‌ଆଇ କୃଷ୍ଣସୁନ୍ଦର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ଚନ୍ଦ୍ର ସୋରେନ ଓ ଦୀପାଞ୍ଜଳି ଦାସ ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ।

# ଭଞ୍ଜସେନାର ରିଲ୍ସ ପ୍ରତିଯୋଗିତାରେ ଆଶୁକବି ଆକାଶ ପ୍ରଥମ




ଉଦଳା, ୨୭।୧(ସମିସ): ଭଞ୍ଜସେନାର ୨୮ ତମ ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ରିଲ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଆଶୁ କବି ଆକାଶ ଓ ତାଙ୍କ ଦଳର ସଦସ୍ୟଙ୍କ ଦ୍ୱାରା ପ୍ରସ୍ତୁତ ରିଲ୍ସ ସର୍ବଶ୍ରେଷ୍ଠ ବିବେଚିତ ହୋଇ ଉଦଳା ପାଇଁ ଗୌରବ ଆଣିଛନ୍ତି। ବାରିପଦାସ୍ଥ ସହିଦ ସ୍ମୃତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଅଧିବେଶନରେ ଆଶୁକବି ଆକାଶ ଓ ତାଙ୍କ ଦଳକୁ ଏକଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ମୟୂରଭଞ୍ଜର ଏକମାତ୍ର ଅଗ୍ରଣୀ ଅଣରାଜନୈତିକ ଯୁବଛାତ୍ର ସଂଗଠନ ପକ୍ଷରୁ କରାଯାଇଥିବା ଏହି ଇନଷ୍ଟାଗ୍ରାମ ରିଲ୍ସ ପ୍ରତିଯୋଗିତାରେ ମୟୂରଭଞ୍ଜର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। "ଶିମିଳିପାଳ ବଞ୍ଚିଲେ ଆମେ ବଞ୍ଚିବା, ଆମେ ସ୍ୱାବଲମ୍ବୀ ହେବା' ଶୀର୍ଷକରେ ଆୟୋଜିତ ତିନି ମିନିଟର ଭିଡିଓରେ ଶିମିଳିପାଳର ସୁରକ୍ଷା ତଥା ମୟୂରଭଞ୍ଜ ଜିଲ୍ଲାରେ ଥିବା ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ, ଐତିହ୍ୟସ୍ଥଳୀ, କୁଟୀରଶିଳ୍ପ, ହସ୍ତତନ୍ତ, ହସ୍ତଶିଳ୍ପର ସର୍ବାଙ୍ଗୀନ ବିକାଶ ହେଲେ ଜିଲ୍ଲାର କିପରି ଆର୍ଥିକ ଅଭିବୃଦ୍ଧି ଘଟିବ ଏବଂ ଜିଲ୍ଲାବାସୀ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ବନ୍ଧରେ ଭିଡିଓଟି ପର୍ଯ୍ୟବେସିତ ଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ ଜେନା, ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ୟୁଟ୍ୟୁବର ଲବ ହାଁସଦା ପ୍ରମୁଖ ଯୋଗଦେଇଥିଲେ। ଆଶୁକବି ଆକାଶଙ୍କ ଏହି ସଫଳତା ପାଇବା ପରେ ତାଙ୍କ ଗାଁ ଶ୍ରୀଦାମଚନ୍ଦ୍ରପୁରସ୍ଥ ମାଟିହୁଡିରେ ଖୁସିର ଲହରି ଖେଳିଯାଇଛି।

# ରାସଗୋବିନ୍ଦପୁର ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ



ରାସଗୋବିନ୍ଦପୁର,୨୭।୧(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ସାମ୍ବାଦିକ ସଂଘର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଶୋକ ମହାନ୍ତିଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସମାଜସେବୀ ତଥା ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ପ୍ରତିଷ୍ଠାତା ଆଦିତ୍ୟ ପଟ୍ଟନାୟକ, ନିମନ୍ତ୍ରିତ ଅତିଥି ଭାବେ ରାସଗୋବିନ୍ଦପୁର ବିଡିଓ ଅନନ୍ତ ହାଁସଦା, ରାସଗୋବିନ୍ଦପୁର ବିନୋଦ ରାୟ ଆଞ୍ଚଳିକ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ ମହାନ୍ତ ଓ ବୈଶିଙ୍ଗାର ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ସମାଜସେବୀ ପ୍ରଦୀପ ମହାନ୍ତି ପ୍ରମୁଖ ଯୋଗଦେଇ ସାମ୍ବାଦିକଙ୍କୁ ମାର୍ଗଦର୍ଶନ କରାଇଥିଲେ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହିସାବରେ ସାମ୍ବାଦିକଙ୍କ ଦାୟିତ୍ୱ କେତେ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏ ଅବସରରେ ମନ୍ତ୍ରୀ ରାସଗୋବିନ୍ଦପୁର ଅଞ୍ଚଳକୁ ଏନଏସି ହେବା ପରିପ୍ରେକ୍ଷୀରେ ପ୍ରଥମ ପର୍ଯ୍ୟାୟରେ ସ୍ୱଚ୍ଛତା ଓ ଆଲୋକୀକରଣ ପାଇଁ ୫୦ ଲକ୍ଷ, ଅଫିସ ଗୃହ ନିର୍ମାଣ ପାଇଁ ୫ କୋଟି ଟଙ୍କା ମଞ୍ଜୁର କରିଥିବା ପ୍ରକାଶ କରିଥିଲେ। ସତ୍ୟ ଘଟଣାକୁ ପ୍ରଚାର ପ୍ରସାର ପାଇଁ ସାମ୍ବାଦିକଙ୍କୁ ଆହ୍ୱାନ ଦେଇଥିଲେ।

# ଭଲିବଲ ଟୁର୍ଣ୍ଣାମେଣ୍ଟରେ ଅସନଖାଲି ଚାମ୍ପିଅନ



ବଡ଼ସାହି,୨୭।୧(ସମିସ): ବଡସାହି ବ୍ଲକ୍ ଅଧୀନ କେନ୍ଦୁଡିହା ପଞ୍ଚାୟତ କୁଳିଅଣା (ବି) ଗ୍ରାମରେ ୧୬ତମ ରାଧାକୃଷ୍ଣଜୀଉ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଅସନଖାଲି ଓ ଗୋପାଳପୁର ଫାଇନାଲକୁ ଉନ୍ନତି ହୋଇଥିଲେ। ଫାଇନାଲ ଖେଳରେ ଅସନଖାଲି ୨-୦ ସେଟରେ ଗୋପାଳପୁରକୁ ହରାଇ ଚଳିତ ବର୍ଷ ଚାମ୍ପିଅନ ହୋଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କୁଳିଅଣା(ବି) ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବାଣୀଶ୍ରୀ ଦାସ, ସମ୍ମାନିତ ଅତିଥି ଭାବେ ବଡସାହି ଓଷ୍ଟା ସଂଘ ସଭାପତି ହରିଶ୍ଚନ୍ଦ୍ର ଦାସ, ସାମ୍ବାଦିକ ଅଜିତ ସେନାପତି ଓ ଦେଉଳିଆ ସମିତି ସଭ୍ୟ ନିହାର ମହାପାତ୍ର ପ୍ରମୁଖ ଯୋଗ ଦେଇ ଫିତାକାଟି ଉଦଘାଟନ କରିଥିଲେ। ମୁଖ୍ୟ ପରିଚାଳକ ଗତିକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଅଶ୍ୱନୀ ରାଉତ, ଆଶୁତୋଷ ସେନାପତି, ଦିଲ୍ଲୀପ ସେନାପତି, ରାକେଶ ସେନାପତି, ଅଭିଜିତ ସେନାପତି, ଭବାନୀ ମହାନ୍ତି, ତପନ ଦ୍ୱିବେଦୀ ଓ ହୃଦାନନ୍ଦ ଦାଶ ପ୍ରମୁଖ ସହଯୋଗ କରିଛନ୍ତି। ଖେଳ ଶିକ୍ଷକ ନଳିନୀ ସେନାପତି ଓ ଉଷାନାଥ ମହାଳିକ ଖେଳ ପରିଚାଳନା କରିଛନ୍ତି।

# ତ୍ରିଶକ୍ତି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଠାକୁରମୁଣ୍ଡା/ମହୁଲଡିହା,୨୭।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝରଠାରେ ତ୍ରିଶକ୍ତି ଯୁବ କ୍ଲବ ପକ୍ଷରୁ ଆୟୋଜିତ ଆନ୍ତଃରାଜ୍ୟ ୧୯ ତମ ତ୍ରିଶକ୍ତି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଶିମିଳିପାଳର ପାଦଦେଶରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ ଓ ରାଜସ୍ଥାନରୁ ବିଭିନ୍ନ ଟିମ୍ ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ଉତ୍ସବରେ ଠାକୁରମୁଣ୍ଡା ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବନପାଳ ଅଲିଭା ଦୀପାଳୀ, ବନରକ୍ଷୀ ମନୋଜ ବେହେରା, ସାବିନା ବେହେରା ଓ ଭାରତୀୟ ସେନାର ଯବାନ ହୃଷିକେଶ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ମ୍ୟାଚ୍‌ରେ ମୟୂରଭଞ୍ଜର ରୁଦ୍ର ଇଲେଭେନ୍ ଓ କେନ୍ଦୁଝରର ଶାଳବଣି ଟିମ୍ ମଧ୍ୟରେ ମୁକାବିଲା ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ପୁରୀର ଭିଣ୍ଟ ସ୍ପୋର୍ଟିଂ ଓ ଭୁବନେଶ୍ୱରର କମାଣ୍ଡୋ ଇଲେଭେନ୍ ମଧ୍ୟରେ ଅନୁଷ୍ଠିତ ହୋଇଛି। ପ୍ରଥମ ଦଳ ଭାବେ ଭୁବନେଶ୍ୱରର କମାଣ୍ଡୋ ଇଲେଭେନ୍ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି।

● ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୪ଟି ଅଭିଯୋଗର ତ୍ୱରିତ ସମାଧାନ

ଉଦଳା, ୨୭।୧(ସମିସ): ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ହେମକାନ୍ତ ସଏ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କ ଯୋଗ ଦେଇ ୮୯ଟି ଅଭିଯୋଗର ଶୁଣାଣି କରିଛନ୍ତି। ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମୀନକେତନ ମହାନ୍ତି, ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ, ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ପଞ୍ଜିକୃତ ଅଭିଯୋଗ ମଧ୍ୟରୁ ୭୩ଟି ବ୍ୟକ୍ତିଗତ ଓ ୧୬ଟି ସାମୂହିକ ସମସ୍ୟା ସମ୍ବଳିତ ଥିଲା। ସେଥିରୁ ୧୪ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇଥିଲା। ଏଥିସହ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୩ ଜଣଙ୍କୁ ୮୫ ହଜାର, ଜୀବନ ଜୀବିକା ନିମନ୍ତେ ରେଡକ୍ରସ ପାଣ୍ଠିରୁ ଜଣକୁ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଡେପୁଟି କଲେକ୍ଟର ପ୍ରତୀକ ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ଶାଙ୍ଖାଇ ହେମ୍ବ୍ରମ, ରମେଶ ପୃଷ୍ଟି, କବିତା ଖିଲାର, ସତ୍ୟପ୍ରକାଶ ପାତ୍ର, ସାଇସ୍ୱରୂପ କର, ରାଉତରାୟ ମୁର୍ମୁ, ପାର୍ବତୀ କିସ୍କୁ, ପ୍ରୀତମ ମହାନ୍ତି, ହିମାଂଶୁ ଶଙ୍ଖୁଆ, ଅନୁଭବ ରାଉତ, ତାପସ ପ୍ରଧାନ, ତପୁ ପାତ୍ର, ଭବାନୀ ପଣ୍ଡା, କୈଳାସ ଦନୈକ, ଅଜିତ ମହାପାତ୍ର, ତରୁଣକାନ୍ତି ମହାପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ। ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇ ପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଅଟକି ଥିବା କାର୍ଯ୍ୟ ସମାପନ ହେବ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରଭୁ ମହାଦେବଙ୍କ ଆରାଧନା କରନ୍ତୁ।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି।

**ବିଛା:** ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ଖୁସିରେ ଖୁସି ହେବେ। ଅଚାନକ ଖୁସି ଖବର ମିଳିପାରେ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**ଧନୁ:** ସୃଜନଶୀଳତା ବୃଦ୍ଧି ପାଇବ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟା ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୮୬୫- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲାଲା ଲଜପତ ରାୟଙ୍କ ଜନ୍ମ।
- ୧୯୩୨- ସଂଘାଇ ଉପରେ ଜାପାନୀ ସେନାର ଆକ୍ରମଣ।
- ୧୯୪୮-ଆକାଶବାଣୀ କଟକ କେନ୍ଦ୍ରର ସ୍ଥାପନା।
- ୧୯୬୫- ବ୍ରିଟିଶ୍ ଟେଲିଭିଜନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରଥମ କାର୍ଯ୍ୟକ୍ରମ।



## ମହିଳାଙ୍କ ଅଜବ ସଉକ

# ନାକରେ ଖାଦ୍ୟଗ୍ରହଣ

ଅନେକେ ସେମାନଙ୍କ ନିଆରା ଖାଦ୍ୟରୁଚି ପାଇଁ ଚର୍ଚ୍ଚାରେ ଥାଆନ୍ତି। ଏହି କ୍ରମରେ ଆମେରିକାର ଭର୍ଜିନିଆ ବାସିନ୍ଦା କ୍ୟାଥରିନ୍ ପାଟି ବଦଳରେ ନାକରେ ଖାଦ୍ୟ ଗ୍ରହଣ କରନ୍ତି। ସେ ପାଟିରେ ଖାଦ୍ୟକୁ ଚୋବାଇ ଖାଇବା ପରିବର୍ତ୍ତେ, ତାକୁ ବ୍ଲେଣ୍ଡ କରି ନାକ ସାହାଯ୍ୟରେ ଶରୀରକୁ ନେଇଥାନ୍ତି। ଆମେରିକୀୟ ଟିଭି ଚ୍ୟାନେଲ୍ 'ମାଇ ଷ୍ଟ୍ରେଞ୍ଜ୍ ଆଡିକ୍ସନ'ରେ କ୍ୟାଥରିନ୍‌ଙ୍କ ଏଭଳି ଅଭ୍ୟାସ କଥା ସାମ୍ନାକୁ ଆସିଛି। ଏହି ଶୋ'ରେ କ୍ୟାଥରିନ୍ କହିଥିଲେ, "ପ୍ରଥମେ ତାଙ୍କ ଖାଦ୍ୟ ଖାଇବା ପ୍ରକ୍ରିୟା ସାଧାରଣ ଥିଲା। କମ୍ୟୁନିଟି କଲେଜରେ ପଢ଼ିବା ପରେ ତାଙ୍କର ଏହି ଅଭ୍ୟାସ ହୋଇଯାଇଥିଲା। ଥରେ ସେ ସାଙ୍ଗମାନଙ୍କ ସହ ଚ୍ୟାଲେଞ୍ଜ କରି ଫଳରସକୁ ନାକରେ ନେବାକୁ ଚେଷ୍ଟା କରିଥିଲେ। ଏଥିରେ ତାଙ୍କର ମୁଣ୍ଡ ହାଲୁକା ବୁଲାଇବା ସହ ଏକ ନିଆରା ଅନୁଭୂତି ମିଳିଥିଲା। ଏହା ପରଠୁ ସେ ଏହି ପ୍ରକ୍ରିୟାକୁ ସବୁଦିନ ପାଇଁ ଆପଣାଇବାକୁ ଇଚ୍ଛା କରିଥିଲେ। ସେ ବିଗତ ପାଞ୍ଚବର୍ଷ ହେଲାଣି ନାକ ମାଧ୍ୟମରେ ଖାଦ୍ୟ ଖାଇ ଆସୁଛନ୍ତି। ଆମଲେଟ୍, ପାଳଙ୍ଗ, ଛତୁ ଆଦିକୁ ବାଟି ଦେଇ ତରଳ ମିଶ୍ରଣ ଭାବେ ନାକ ବାଟେ ସେବନ କରନ୍ତି। ଏପରିକି କଫି ମଧ୍ୟ ସେ ନାକବାଟେ ସେବନ କରନ୍ତି।" କ୍ୟାଥରିନ୍‌ଙ୍କ କହିବାନୁସାରେ, ତାଙ୍କୁ ସାଧାରଣ ଖାଦ୍ୟ ଖାଇବା ପ୍ରକ୍ରିୟା ଅସହଜ ମନେ ହୋଇଥାଏ। ନାକରେ ଖାଦ୍ୟ ଗ୍ରହଣ କରିବା ତାଙ୍କୁ ବେଶ୍ ସହଜ ମନେ ହୋଇଥାଏ। ଏପରି ଅଭ୍ୟାସ ଦ୍ୱାରା ତାଙ୍କର ଗଳାରେ ଖାଦ୍ୟ ଅଟକିବା ସମସ୍ୟା ମଧ୍ୟ ନ ଥାଏ। ଅବଶ୍ୟ ତାଙ୍କର ଏହି ଅଭ୍ୟାସ ଯୋଗୁ ପରିବାର ଲୋକ ସାଙ୍ଗସାଥୀ ଅସହଜ ଅନୁଭବ କରିଥାନ୍ତି। ସେହିପରି ତାଙ୍କର ଏହି ଅଭ୍ୟାସ ତାଙ୍କ ବ୍ୟକ୍ତିଗତ ସମ୍ପର୍କ ଉପରେ ମଧ୍ୟ ପ୍ରଭାବ ପକାଉଛି ବୋଲି କ୍ୟାଥରିନ୍ କୁହନ୍ତି। ତାଙ୍କ ସାଥୀ ଜଷ୍ଟିନ୍ କ୍ୟାଥରିନଙ୍କୁ ଏପରି ଖାଦ୍ୟ ଖାଉଥିବାର ଦେଖି ବେଶ୍ ଅସହଜ ମନେ କରନ୍ତି। ଡାକ୍ତର ମଧ୍ୟ କ୍ୟାଥରିନ୍‌ଙ୍କୁ ନାକରେ ଖାଦ୍ୟ ନେବା ଦ୍ୱାରା ହେଉଥିବା ସମସ୍ୟା ବାବଦରେ ମଧ୍ୟ ଅବଗତ କରାଇଛନ୍ତି। ଡାକ୍ତରଙ୍କ କହିବାନୁଯାୟୀ, ତରଳ କିମ୍ବା ଗ୍ରାଇଣ୍ଡ ହୋଇଥିବା ଖାଦ୍ୟ ମଧ୍ୟ ଶ୍ୱାସନଳୀରେ ଅଟକି ଯାଇ ଏଥିରେ ମୃତ୍ୟୁ ହେବା ଆଶଙ୍କା ଥାଏ। ରାଗ ଜିନିଷ ନାକ ଏବଂ ଗଳାର ପତଳା ଝିଲ୍ଲୀର ପୋଡ଼ାଜଳା ଏବଂ ରକ୍ତସ୍ରାବର କାରଣ ଥାଏ। ସେହିପରି ତରଳ ଖାଦ୍ୟ ଫୁସ୍‌ଫୁସ୍‌ରେ ପହଞ୍ଚି ସଂକ୍ରମଣ କରିବା ସହ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଉପୁଯାଇବା ଆଶଙ୍କା ଥାଏ।





# ରାଣୀଙ୍କ ପୁଣିଥରେ ପୁଲିସ୍ ଅବତାର

ବଲିଉଡ୍ ଅଭିନେତ୍ରୀ ରାନୀ ମୁଖାର୍ଜୀ ଏବେ ତାଙ୍କ ଆଗାମୀ ଫିଲ୍ମ 'ମର୍ଦ୍ଦାନୀ ୩'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ନିକଟରେ ଏହାର ଟ୍ରେଲର୍ ରିଲିଜ୍ ହୋଇଛି। ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଏହାର ଟ୍ରେଲର୍‌କୁ ଅନେକ ସେଲିବ୍ରିଟି ମଧ୍ୟ ପ୍ରଶଂସା କରିଛନ୍ତି। ଅଭିନେତ୍ରୀ ଅନୁଷ୍କା ଶର୍ମା ଫିଲ୍ମର ଟ୍ରେଲର୍‌କୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରି ଲେଖିଛନ୍ତି- "ରାନୀ ଶୁଭେଚ୍ଛା ଆପଣଙ୍କୁ। ଆପଣଙ୍କ କାମକୁ ମୁଁ ସବୁବେଳେ ପ୍ରଶଂସା କରିଛି। ଆପଣ ଆଗକୁ ଯାହା କରିଛନ୍ତି ତାକୁ ଦେଖିବାକୁ ମୁଁ ଉତ୍ସାହିତ ଅଛି।" 'ମର୍ଦ୍ଦାନୀ ୩' ଜରିଆରେ ରାନୀ ପୁଣିଥରେ ପୁଲିସ୍ ଅଫିସର ଶିବାନୀ ଶିବାଜୀ ରୟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମରେ ଚାଇଲ୍ଡ ଟ୍ରାଫିକିଂ ଗ୍ୟାଙ୍ଗ ବିରୋଧୀ ମିଶନରେ ଶିବାନୀଙ୍କୁ ଦର୍ଶକେ ଦେଖିବାକୁ ପାଇବେ। 'ମର୍ଦ୍ଦାନୀ' ସିରିଜ୍‌ର ପୂର୍ବ ଦୁଇଟି ଫିଲ୍ମକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। 'ମର୍ଦ୍ଦାନୀ ୨' ରିଲିଜ୍ ହେବାର ସାତ ବର୍ଷ ପରେ ଏହାର ତୃତୀୟ ଫିଲ୍ମ ରିଲିଜ୍ ହେବ। ଏହାର ପ୍ରଯୋଜନା ଦାୟିତ୍ୱରେ ଆଦିତ୍ୟ ଚୋପ୍ରାଙ୍କ ଯଶରାଜ ବ୍ୟାନର୍ ରହିଛି। ଅଭିରାଜ ମୀନାୱାଲା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଆସନ୍ତା ୩୦ ତାରିଖରେ ଏହା ପରଦାକୁ ଆସିବ। ଏହାର ବଜେଟ୍ ରହିଛି ୭୫ କୋଟି।

# ୨୫ ଲକ୍ଷର ବିବାହ କାର୍ଡ

ଆଜିକାଲିର ଯୁବକଯୁବତୀମାନେ ନିଜ ବିବାହକୁ ସ୍ୱତନ୍ତ୍ର ଏବଂ ସ୍ମରଣୀୟ କରିବା ପାଇଁ ବେଶ୍ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରୁଛନ୍ତି। ଏହି କ୍ରମରେ ରାଜସ୍ଥାନ ଜୟପୁରର ବ୍ୟବସାୟୀ ଶିବ ଜୋହରି ତାଙ୍କ ଝିଅର ବାହାଘର ପାଇଁ ଏକ ଦାମୀ ନିମନ୍ତ୍ରଣ କାର୍ଡ ଛାପି ଚର୍ଚ୍ଚାରେ ଅଛନ୍ତି। ଝିଅକୁ ପାରମ୍ପରିକ ଭାବେ ବିଦା ଦେବା ବଦଳରେ ଏହାକୁ ସେ ବିଶ୍ୱାସ, ପରମ୍ପରା ଏବଂ ଭାବନାର ଉତ୍ସବରେ ପରିଣତ କରିବାକୁ ନିଷ୍ପତ୍ତି ନେଇ ଶୁଦ୍ଧ ରୂପାର ଏକ ବକ୍ସ ଆକାରର ବିବାହ ନିମନ୍ତ୍ରଣ କାର୍ଡ ତିଆରି କରିଛନ୍ତି। ଏହି କାର୍ଡର ଓଜନ ପାଖାପାଖି ତିନି କେଜି ହୋଇଥିବାବେଳେ ଏହାର ମୂଲ୍ୟ ୨୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସମ୍ପୂର୍ଣ୍ଣ ରୂପାରେ ନିର୍ମିତ ଏହି ବିବାହ ନିମନ୍ତ୍ରଣ କାର୍ଡର ଆକାର ୮ x ୬.୫ ଇଞ୍ଚ ଏବଂ ୩ ଇଞ୍ଚ ଗଭୀର। କାର୍ଡରେ ୬୫ ଦେବଦେବୀଙ୍କ ଚିତ୍ର ଅଙ୍କା ଯାଇଛି। କାର୍ଡର ସବୁଠୁ



ଉପରେ ଶ୍ରୀଗଣେଶ, ଗୋଟିଏ ପାର୍ଶ୍ୱରେ ଦେବୀ ପାର୍ବତୀ ଏବଂ ଅନ୍ୟପାର୍ଶ୍ୱରେ ଭଗବାନ ଶିବ ବିରାଜିତ। ତାଙ୍କ ତଳକୁ ଦେବୀ ଲକ୍ଷ୍ମୀ ଏବଂ ବିଷ୍ଣୁ, ତିରୁପତି ବାଲାଜିଙ୍କ ଦୁଇଟି ରୂପ ଏବଂ ତାଙ୍କ ଦ୍ୱାରପାଳ ରହିଛନ୍ତି। ଦୀପ ସାଙ୍ଗକୁ ଶଙ୍ଖ ଢୋଲ ବଜାଉଥିବା ଅନ୍ୟ ଦେବଦେବୀଙ୍କ ଚିତ୍ର ମଧ୍ୟ ଅଙ୍କିତ ହୋଇଛି। କାର୍ଡ ମଝିରେ ବରକନିଆ ଶ୍ରୁତି ଜୋହରି ଏବଂ ହର୍ଷ ସୋନିଙ୍କ ନାଁ କାବ୍ୟିକ ଶୈଳୀରେ ଲେଖାଯାଇଛି। ଏହି କାର୍ଡର ସ୍ୱତନ୍ତ୍ରତା ହେଉଛି, ଭଗବାନ କୃଷ୍ଣଙ୍କ ଜନ୍ମଠୁ ନେଇ ବାଲ୍ୟଜୀବନ ବେଶ୍ ନିଆରା ଶୈଳୀରେ ଚିତ୍ରିତ କରାଯାଇଛି। କାର୍ଡଧାରରେ ଭଗବାନ ବିଷ୍ଣୁଙ୍କ ଦଶ ଅବତାରକୁ ଦର୍ଶାଯାଇଛି। ରୂପାର ୧୨୮ ଖଣ୍ଡକୁ ଯୋଡ଼ି ଏହି କାର୍ଡ ତିଆରି କରାଯାଇଛି। ଏହାକୁ ପ୍ରସ୍ତୁତ କରିବାକୁ ତାଙ୍କୁ ପାଖାପାଖି ଏକ ବର୍ଷ ଲାଗିଯାଇଥିଲା। ଏହି କାର୍ଡଟିକୁ ସେ ଝିଅର ଭାବି ଶାଶୂଙ୍କୁ ଦେଇଛନ୍ତି। ତେବେ ସାମାଜିକ ଗଣମାଧ୍ୟମରେ ଏହି ବିବାହ ନିମନ୍ତ୍ରଣ କାର୍ଡକୁ ନେଇ ବେଶ୍ ଚର୍ଚ୍ଚା ଲାଗି ରହିଛି।

# ଦକ୍ଷତା ବୃଦ୍ଧି ପାଇଁ ସଂକ୍ଷିପ୍ତ ପାଠ୍ୟକ୍ରମ

**ଆଜିକାଲି ଯୁବକଯୁବତୀମାନେ ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର କୋର୍ସ କରୁଥିବାର ଦେଖିବାକୁ ମିଳୁଛି। ତେବେ ସେମାନେ ସ୍ୱଳ୍ପ ସମୟ ମଧ୍ୟରେ କିଛି ସଂକ୍ଷିପ୍ତ କୋର୍ସ କରି ନିଜର ଦକ୍ଷତା ବୃଦ୍ଧି କରିପାରିବେ।**



**ଲାଙ୍ଗୁଏଜ୍ କୋର୍ସ:** କୌଣସି ନୂଆ ଭାଷା ଶିଖିବା ଦ୍ୱାରା ଦକ୍ଷତା ବୃଦ୍ଧି ପାଏ। ଇଂରାଜୀରେ ଦୁର୍ବଳ ଥିଲେ ସ୍ପୋକନ ଇଂଲିଶ୍ କୋର୍ସ କରିପାରିବେ। ଏହାବାଦ୍ ଅନ୍ୟ ଭାଷାର କୋର୍ସ ମଧ୍ୟ କରିପାରିବେ।

**ଭଏସ୍ ମଡ୍ୟୁଲେସନ୍:** ଆର୍‌ଜେ କିମ୍ବା ଡବିଂରେ କ୍ୟାରିୟର କରିବାକୁ ଚାହୁଁଥିଲେ, ଏ ପ୍ରକାର କୋର୍ସ କରିବା ଭଲ। ଏହି କୋର୍ସ କରିବା ଦ୍ୱାରା ରେଡିଓ, ଫିଲ୍ମ, ଷ୍ଟୁଡିଓ ଆଦିରେ କାମ କରିବାର ସୁଯୋଗ ମିଳେ।

**ଫେଶନ ଡିଜାଇନିଂ:** ଯଦିଓ ଏ ଲାଗି ଡିପ୍ଲୋମା କୋର୍ସ କରିବାର ଆବଶ୍ୟକତା ଅଛି, ଜଣେ ଚାହିଁଲେ ଏଥିରେ ତିନିମାସର ଏକ ଛୋଟ କୋର୍ସ ମଧ୍ୟ କରିପାରିବେ।

**ଗ୍ରାଫିକ୍ ଡିଜାଇନିଂ:** ଏବେ ଗ୍ରାଫିକ୍ ଡିଜାଇନର୍‌ଙ୍କ ଚାହିଦା ଅଧିକ। ଏଣୁ ଗ୍ରାଫିକ୍ ଡିଜାଇନିଂ କୋର୍ସ କରି ଉତ୍ତମ କ୍ୟାରିୟର ଗଢ଼ିପାରିବେ।

**ସ୍କ୍ରିପ୍ଟ ରାଇଟିଂ:** ଲେଖାଲେଖିରେ ରୁଚି ଥିଲେ, ସ୍କ୍ରିପ୍ଟ ରାଇଟିଂର କୋର୍ସ କରିପାରିବେ। ଏହାଦ୍ୱାରା ସୃଜନଶୀଳତା ବୃଦ୍ଧି ପାଏ।

**ଫଟୋଗ୍ରାଫି:** ସେହିପରି ଫଟୋ ତଥା ଭିଡିଓ ଗ୍ରାଫିରେ ସଉକ ଥିଲେ, ଏହି କୋର୍ସରେ ନିଜକୁ ସାମିଲ କରନ୍ତୁ।

## ସମ୍ଭାବନା



# କୋଚିଂ କ୍ଲାସ୍ ପ୍ରତି ବଢୁଛି ଆଗ୍ରହ

**ବର୍ତ୍ତମାନ କୋଚିଂ କ୍ଲାସ୍‌ରେ ପଢ଼ିବାକୁ ପିଲାମାନେ ବେଶି ଆଗ୍ରହ ପ୍ରକାଶ କରୁଛନ୍ତି। କୋଚିଂ କ୍ଲାସ୍ କେତେ ଗୁରୁତ୍ୱପୂର୍ଣ୍ଣ ଓ ଏହା ପ୍ରତି କାହିଁକି ଆଗ୍ରହ ବଢ଼ୁଛି, ନିମ୍ନ ପ୍ରଦତ୍ତ ଟିପ୍ସରୁ ଜାଣନ୍ତୁ।**



- କୋଚିଂ କ୍ଲାସ୍‌ରେ ପିଲାଙ୍କୁ ପଢ଼ାଇବା ପାଇଁ ଶିକ୍ଷକଶିକ୍ଷୟିତ୍ରୀମାନେ ନୂଆ ତଥା ମଜାଦାର ତରିକା ଖୋଜନ୍ତି। ଯେଉଁଥିପାଇଁ ଛାତ୍ରଛାତ୍ରୀ କୋଚିଂ କ୍ଲାସ୍ ଯିବାକୁ ଆଗ୍ରହ ପ୍ରକାଶ କରନ୍ତି।
- ପରୀକ୍ଷା ପୂର୍ବରୁ ଅନେକ ରିଭିଜନ କ୍ଲାସ୍ କରାଯାଏ। ଯଦ୍ୱାରା ପିଲାଙ୍କୁ ପରୀକ୍ଷାରେ ଭଲ ମାର୍କ ରଖିବାରେ ସାହାଯ୍ୟ କରେ।
- କୋଚିଂ କ୍ଲାସ୍‌ରୁ ଅତିରିକ୍ତ ନୋଟ୍ ମିଳିଥାଏ।
- ସ୍କୁଲ ତୁଳନାରେ କୋଚିଂ କ୍ଲାସରେ ପିଲାଙ୍କ ଉପରେ ଅଧିକ ଧ୍ୟାନ ଦିଆଯାଏ।
- ଏଠାରେ ଏକାଧିକ ପିଲା ପଢୁଥିବାରୁ ଅନ୍ୟମାନଙ୍କ ତୁଳନାରେ ପିଲାଟି କେଉଁ ବିଷୟରେ ଦୁର୍ବଳ ଅଛି ତାହା ଜାଣିପାରି ସେଥିରେ ସୁଧାର ଆଣେ।

# ହ୍ୱାଟ୍ସଆପ୍‌ର ନୂଆ ଫିଚର୍

ହ୍ୱାଟ୍ସଆପ୍ ଗ୍ରୁପ୍ ଚାଟ୍‌କୁ ଅଧିକ ଉପଯୋଗୀ କରିବା ଲାଗି ଏକ ନୂଆ ଫିଚର୍ ଉପରେ ପରୀକ୍ଷା କରୁଛି। ଏହାର ନାଁ 'ରିସେଣ୍ଟ ହିଷ୍ଟ୍ରି ସେୟାରିଂ'। ଏହାଦ୍ୱାରା ଗ୍ରୁପ୍‌ରେ ଥିବା ସଦସ୍ୟ ନୂଆ ସଦସ୍ୟଙ୍କ ସହିତ ପୁରୁଣା ଚାଟ୍‌ର ଅଂଶକୁ ସେୟାର୍ କରିପାରିବେ। ଏହା ମାଧ୍ୟମରେ ୧୪ ଦିନ ମଧ୍ୟରେ ପଠାଯାଇଥିବା ୧୦୦ଟି ମେସେଜକୁ ବ୍ୟବହାରକାରୀ ସେୟାର୍ କରିପାରିବେ। ଏହି ମେସେଜ ଅଲଗା ରଙ୍ଗରେ ପ୍ରତିଫଳିତ ହେବ। ଫଳରେ ନୂଆ ଓ ପୁରୁଣା ମେସେଜ ସହଜରେ ଜଣାପଡ଼ିବ। ସେହିପରି ଏହି ଫିଚର ନୂଆ ସଦସ୍ୟଙ୍କୁ ଗ୍ରୁପ୍‌ର ଉଦ୍ଦେଶ୍ୟ ଏବଂ ପୁରୁଣା କଥାର ସନ୍ଦର୍ଭକୁ ବୁଝାଇବାରେ ସାହାଯ୍ୟ କରିବ। ଅନ୍ୟପଟେ ଉକ୍ତ ଫିଚର୍ ସମ୍ପୂର୍ଣ୍ଣ ଭାବେ ଅଟୋମେଟିକ୍ ହେବ ନାହିଁ, ବରଂ ବ୍ୟବହାରକାରୀଙ୍କ ନିୟନ୍ତ୍ରଣରେ ରହିବ। ସେହିପରି ବର୍ତ୍ତମାନ ଏହି ଫିଚର୍ ଆଇଫୋନ ବ୍ୟବହାରକାରୀଙ୍କ ଲାଗି ଟେଷ୍ଟଫ୍ଲାଇଟ୍ ବିଟା କାର୍ଯ୍ୟକ୍ରମ ମାଧ୍ୟମରେ ଉପଲବ୍ଧ। ଅବଶ୍ୟ ଏହା ଏବେ ପରୀକ୍ଷଣ ପର୍ଯ୍ୟାୟରେ ଅଛି। ତେଣୁ ସାଧାରଣ ବ୍ୟବହାରକାରୀଙ୍କ ଲାଗି ଏହାକୁ କେବେ ଜାରି କରାଯିବ, ସେ ସମ୍ପର୍କରେ କିଛି କୁହାଯାଇ ନାହିଁ।




# ସଫଳତା ପାଇଁ ବିଫଳତା ଜରୁରି



ସମସ୍ତେ ଜୀବନରେ ସଫଳତାର ସହ ନିରନ୍ତର ଭାବେ ଆଗକୁ ବଢ଼ିବାକୁ ଚାହାନ୍ତି। ତେବେ ଏହି ଯାତ୍ରା ସେତେଟା ସହଜ ନୁହେଁ। ସଫଳତା ଓ ବିଫଳତା ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ। ସଫଳତା ପାଇବା ପାଇଁ ବିଫଳ ହେବା ବି ଜରୁରି। ଜୀବନରେ ସେହି ମଣିଷ ସଫଳ ହୁଏ, ଯିଏ ବିଫଳତାକୁ ଭୟ କରି ନ ଥାଏ। ବରଂ ବିଫଳତାକୁ ସାମ୍ନା କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ପ୍ରଚେଷ୍ଟା ଜାରି ରଖେ। ବିଫଳତାରେ ନିରାଶ ହେବା ପରିବର୍ତ୍ତେ ନିଜ ଭୁଲ୍‌ରୁ ଶିକ୍ଷା ଲାଭ କରିବା ଉଚିତ। ତା'ସହ ସେହି ବିଫଳତାକୁ ସଫଳତାରେ ପରିଣତ କରିବାକୁ ଚେଷ୍ଟା କରିବା ଦରକାର। ଅବଶ୍ୟ ଏଥିପାଇଁ ଆବଶ୍ୟକ ସକାରାତ୍ମକ ଚିନ୍ତାଧାରା। ସକାରାତ୍ମକ ଚିନ୍ତାଧାରାରୁ ଦିନଚର୍ଯ୍ୟା ଆରମ୍ଭ କରିବା ଆବଶ୍ୟକ। ସେହିପରି ସଫଳ ହେବା ପାଇଁ ନିଜକୁ ଅନ୍ୟ ସହ ତୁଳନା କରିବାରୁ ଦୂରେଇ ରୁହନ୍ତୁ। ଅନ୍ୟସହ ନିଜକୁ ତୁଳନା ନ କରି ନିଜ ଦକ୍ଷତା ଉପରେ ବିଶ୍ୱାସ ରଖନ୍ତୁ। ତା'ସହ ବିଫଳତାକୁ ନେଇ ଯେଉଁମାନେ ତାଚ୍ଛଲ୍ୟ କରନ୍ତି, ସେମାନଙ୍କଠାରୁ ଦୂରେଇ ରୁହନ୍ତୁ। ଅନ୍ୟପଟେ ଜୀବନରେ ସଫଳତା ପାଇବା ପାଇଁ ଜ୍ଞାନୀ, ଗୁଣୀ ଲୋକଙ୍କ ସଂସ୍ପର୍ଶରେ ଆସିବା ସହ ସୁସ୍ଥ ଜୀବନଶୈଳୀ ଉପରେ ଗୁରୁତ୍ୱ ଦିଅନ୍ତୁ।

## ହକି ଇଣ୍ଡିଆ ଲିଗ୍: ଅମନଦୀପ୍ ଶ୍ରେଷ୍ଠ ଖେଳାଳି

# ରୟାଲ୍ସକୁ ହରାଇ 'କଳିଙ୍ଗ'ରେ ଲାନ୍ସର୍ସ ଚାମ୍ପିଅନ୍




ଭୁବନେଶ୍ୱର, ୨୭।୧ (ସମିସ): ଦୀର୍ଘ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି। ଘରୋଇ ପରିବେଶରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦ୍ୱିତୀୟଥର ଲାଗି ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛି। ସାଧାରଣତନ୍ତ୍ର ଦିବସ ଅବସରରେ ସୋମବାର ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଗ୍ରାଣ୍ଡଫାଇନାଲରେ ଘରୋଇ କଳିଙ୍ଗ ଲାନ୍ସର୍ସ ୩-୨ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରି ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲା। ଆଲେକ୍ସଜାଣ୍ଡର ହେଣ୍ଡ୍ରିକ୍ସ ଡବଲ୍ ଗୋଲ୍‌ସ୍କୋର କରି ଦଳର ବିଜୟରେ ନାୟକ ସାଜିଥିଲେ। କଳିଙ୍ଗ ଲାନ୍ସର୍ସ ଏଥିପୂର୍ବରୁ ୨୦୧୭ ସଂସ୍କରଣରେ ପ୍ରଥମଥର ଏହି ସମ୍ମାନଜନକ ଫ୍ରାଞ୍ଚାଇଜଭିତ୍ତିକ ହକି ଟୁର୍ଣ୍ଣାମେଣ୍ଟରେ ଟାଇଟଲ୍ ଜିତିଥିଲା। ସେହିଭଳି ଗତ ସଂସ୍କରଣରେ ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

ସାଧାରଣତନ୍ତ୍ର ଦିବସରେ ଘରୋଇ ପରିବେଶରେ କଳିଙ୍ଗ ଲାନ୍ସର୍ସ ଫାଇନାଲ ଖେଳୁଥିବା କଳିଙ୍ଗ ଷ୍ଟାଡିୟମ ପୁରା ଖଚାଖଚ୍ ଭିଡ ରହିଥିଲା। ଘରୋଇ ଦର୍ଶକଙ୍କୁ ନିରାଶ ନ କରି ବେଲ୍‌ଜିୟମ ତାରକା ହେଣ୍ଡ୍ରିକ୍ସ ୪ର୍ଥ ମିନିଟ୍‌ରେ ଲାନ୍ସର୍ସର ଗୋଲ୍‌ଖାତା ଖୋଲିଥିଲେ। ଲାନ୍ସର୍ସକୁ ମିଳିଥିବା ପେନାଲ୍ଟି କର୍ଣ୍ଣର (ପିସି)ର ଭରପୁର ଫାଇଦା ଉଠାଇ ହେଣ୍ଡ୍ରିକ୍ସ ବଲ୍‌କୁ ରାଞ୍ଚି ରୟାଲ୍ସର ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ତେବେ କଳିଙ୍ଗର ଏହି ଖୁସି ବେଶି ସମୟ ରହି ନ ଥିଲା। ମାତ୍ର ୫ ମିନିଟ୍ ପରେ ଅରଜିତ୍ ସିଂହ ହୁଣ୍ଡାଲଙ୍କ ଦମ୍‌ଦାର ଫିଲ୍ଡ ଗୋଲ୍ ବଳରେ ରାଞ୍ଚି ମ୍ୟାଚକୁ ୧-୧'ର ବରାବର୍‌ସ୍ତରକୁ ଆଣିଥିଲା। ପ୍ରଥମ କ୍ୱାର୍ଟରରେ ଏହି ସ୍ଥିତି ବଳବତ୍ତର ରହିଥିଲା। କିନ୍ତୁ ଲାନ୍ସର୍ସ ଦ୍ୱିତୀୟ କ୍ୱାର୍ଟରରେ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଦୁଇ ମିନିଟ୍ ବ୍ୟବଧାନରେ ୨ଟି ଗୋଲ୍ ଦେଇ ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେଇଥିଲା ଘରୋଇ କଳିଙ୍ଗ ଲାନ୍ସର୍ସ। ୨୫ତମ ମିନିଟ୍‌ରେ ମିଳିଥିବା ଏକ ପେନାଲ୍ଟି କର୍ଣ୍ଣରକୁ କୌଣସି ତ୍ରୁଟି ନ କରି ଦିଲପ୍ରୀତ୍ ସିଂହ କଳିଙ୍ଗର ଅଗ୍ରଣୀକୁ ୨-୧କୁ ବୃଦ୍ଧି କରିଥିଲେ। ଏହାର ଗୋଟିଏ ମିନିଟ୍ ପରେ କଳିଙ୍ଗକୁ ଆଉ ଏକ ପିସି ମିଳିଥିଲା। ଏଥର ପୁଣିଥରେ ହେଣ୍ଡ୍ରିକ୍ସ ତାଙ୍କ ଷ୍ଟିକ୍‌ର ଯାଦୁ ଦେଖାଇ ବଲ୍‌କୁ ପ୍ରତିପକ୍ଷ ନେଟ୍ସ ମଧ୍ୟକୁ ପଠାଇ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା କଳିଙ୍ଗ ଲାନ୍ସର୍ସ ୩-୧ ଗୋଲ୍‌ରେ ଆଗୁଆ ରହି ରାଞ୍ଚିକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା।

### ■ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଗୋଲ୍

ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ରାଞ୍ଚି ମ୍ୟାଚକୁ ଫେରିବାକୁ ଆପ୍ରାଣ ଉଦ୍ୟମ କରିଥିଲା। କିନ୍ତୁ ଲାନ୍ସର୍ସର ଡିଫେଣ୍ଡର ରାଞ୍ଚିର କୌଣସି ପ୍ରୟାସକୁ ସଫଳ ହେବାକୁ ଦେଇ ନ ଥିଲେ। ଫଳରେ ଏହି କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। ଅନ୍ତିମ ତଥା ୪ର୍ଥ କ୍ୱାର୍ଟର ଆହୁରି ରୋମାଞ୍ଚ ରହିଥିଲା। ଅଗ୍ରଣୀ ରହିଥିବା ଲାନ୍ସର୍ସ ପ୍ରତିପକ୍ଷ ରାଞ୍ଚିକୁ ଗୋଲ ଶୁଝାଇବାକୁ କୌଣସି ସୁଯୋଗ ଦେଇ ନ ଥିଲା। ତେବେ ମ୍ୟାଚ ଶେଷ ହେବାକୁ ଗୋଟିଏ ମିନିଟ୍ ବାକି ରହିଥିବାବେଳେ ରାଞ୍ଚିର ତାରକା ଖେଳାଳି ଟମ୍ ବୁନ ଗୋଟିଏ ଗୋଲ୍ ଶୁଝାଇ ଦେଇଥିଲେ। ଫଳରେ ମ୍ୟାଚ ୩-୨ ସ୍ଥିତିକୁ ଆସିଯାଇଥିଲା। ଟମ୍‌ଙ୍କ ଏହି ଗୋଲ୍ କିନ୍ତୁ ଫଳାଫଳ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା। ଶେଷରେ କଳିଙ୍ଗ ଲାନ୍ସର୍ସ ୩-୨ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଘରୋଇ ପରିବେଶରେ ଟାଇଟଲ୍ ଜିତିବା ପରେ ଲାନ୍ସର୍ସର ଖେଳାଳିଙ୍କ ସମେତ ଦର୍ଶକ ବିଜୟ ଉତ୍ସବ ମନାଇ ପରିବେଶକୁ ଆହୁରି ରୋମାଞ୍ଚକ କରିଦେଇଥିଲେ।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

### ତୁଫାନ୍ସକୁ କାଂସ୍ୟ ପଦକ

ଅପରପକ୍ଷରେ ୩ୟ ଓ ୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ହାଇଦରାବାଦ୍ ତୁଫାନ୍ସ ବାଜିମାତ୍ କରିନେଇଛି। ସୋମବାର ଅପରାହ୍ଣରେ ଅନୁଷ୍ଠିତ ଏହି କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ତୁଫାନ୍ସ ୪-୩ ଗୋଲରେ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନସିଲ (ଜିସି) ଦଳକୁ ପରାସ୍ତ କରିଛି। ତୁଫାନ୍ସର ଓଡ଼ିଆ ଖେଳାଳି ଅମନଦୀପ୍ ଲାକ୍ରା ୨ଟି ଗୋଲ୍ ଦେଇ ଦଳକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ପୁରସ୍କାର

ଚାମ୍ପିଅନ: କଳିଙ୍ଗ ଲାନ୍ସର୍ସ- ୩ କୋଟି
ରନର୍ସଅପ୍: ରାଞ୍ଚି ରୟାଲ୍ସ- ୨ କୋଟି
ତୃତୀୟ ସ୍ଥାନ: ହାଇଦରାବାଦ୍- ୧ କୋଟି
ଫେୟାର ପ୍ଲେ ଆୱାର୍ଡ- ଏଚ୍‌ଆଇଏଲ୍ ଜିସି
ଶ୍ରେଷ୍ଠ ଗୋଲ୍‌କିପର: ପ୍ରିନ୍ସଦୀପ୍ ସିଂହ- ୧୦ ଲକ୍ଷ
ଉଦୀୟମାନ ଖେଳାଳି: ତାଲେମା ପ୍ରିୟବ୍ରତ- ୧୦ ଲକ୍ଷ
ଟପ୍ ସ୍କୋରର: ଟମ୍ ବୁନ (୧୯ ଗୋଲ୍) - ୧୦ ଲକ୍ଷ
ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି: ଅମନଦୀପ୍ ଲାକ୍ରା- ୨୦ ଲକ୍ଷ



ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି: ଅମନଦୀପ୍ ଲାକ୍ରା

## ଜାତୀୟ କ୍ରୀଡ଼ା ପ୍ରଶାସନ ଅଧିନିୟମକୁ ଓଓଏର ସ୍ୱାଗତ

କଟକ,୨୭।୧(ସମିସ): ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ନୂତନ କ୍ରୀଡା ଆଇନ "ଜାତୀୟ କ୍ରୀଡା ପ୍ରଶାସନ ଅଧିନିୟମ-୨୦୨୫' କୁ ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ(ଓଓଏ) ପକ୍ଷରୁ ସ୍ୱାଗତ କରାଯାଇଛି। ଆସୋସିଏସନର ସଭାପତି ସମୀର ମହାନ୍ତି, ସମ୍ପାଦକ ଅଭିଜିତ ପାଲ୍ ଏବଂ ସମସ୍ତ ସଦସ୍ୟ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ଏହା ଅନ୍ତର୍ଜାତୀୟ ଖେଳାଳିମାନଙ୍କୁ ସିଧାସଳଖ କ୍ରୀଡା ପ୍ରଶାସନର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଛନ୍ତି। ନୂତନ ଅଧିନିୟମ ଅନୁଯାୟୀ, କ୍ରୀଡା ସଙ୍ଗଠନଗୁଡ଼ିକରେ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ମୁଖ୍ୟ କର୍ମକର୍ତ୍ତା ଭାବେ ବିବେଚିତ ହେବେ ଏବଂ ଅନ୍ତର୍ଜାତୀୟ ସ୍ତରର ଖେଳାଳିମାନେ ସିଧାସଳଖ ଏହି ପଦବୀ ତଥା କାର୍ଯ୍ୟକାରୀ କମିଟି ପାଇଁ ନିର୍ବାଚନ ଲଢ଼ିପାରିବେ। କାର୍ଯ୍ୟକାରୀ କମିଟିରେ ସଦସ୍ୟ ସଂଖ୍ୟା ସର୍ବାଧିକ ୧୫ ମଧ୍ୟରେ ସୀମିତ ରହିବା ସହ ସେଥିମଧ୍ୟରୁ ୪ ଜଣ ମହିଳା ରହିବା ବାଧ୍ୟତାମୂଳକ କରାଯାଇଛି, ଯାହା କ୍ରୀଡା କ୍ଷେତ୍ରରେ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବ। ଏଥିସହ କମିଟିରେ ଆନ୍ତର୍ଜାତୀୟ ଖେଳାଳି ଓ ଆଥଲେଟିକ୍ସ କମିଟିରୁ ଜଣେ ଲେଖାଏଁ ମହିଳା ଓ ପୁରୁଷ ସଦସ୍ୟ ରହିବେ। ନିୟମ ଅନୁଯାୟୀ, ଜଣେ ବ୍ୟକ୍ତି ସର୍ବାଧିକ ତିନିଥର ପାଇଁ ପଦବୀରେ ରହିପାରିବେ ଏବଂ ପ୍ରାର୍ଥୀଙ୍କ ବୟସ ସୀମା ୭୦ ବର୍ଷ ଧାର୍ଯ୍ୟ କରାଯାଇଛି। ପୁନଃ ନିର୍ବାଚିତ ହେବା ପାଇଁ ଏକ ପୂର୍ଣ୍ଣାଙ୍ଗ କୁଲିଂ-ଅଫ୍ ପିରିୟଡ୍ ବା ବିରତି ରହିବା ଆବଶ୍ୟକ। ସରକାରଙ୍କ ନିର୍ଦ୍ଦେଶନାମା ମୁତାବକ, ସମସ୍ତ ଜାତୀୟ ଓ ରାଜ୍ୟ କ୍ରୀଡା ସଙ୍ଗଠନଗୁଡ଼ିକୁ ୩୦ ଜୁନ୍ ୨୦୨୬ ମଧ୍ୟରେ ସେମାନଙ୍କ ସମ୍ବିଧାନରେ ସଂଶୋଧନ ଆଣିବାକୁ ପଡ଼ିବ। ଯେଉଁ ସଙ୍ଗଠନଗୁଡ଼ିକର ନିର୍ବାଚନ ବାକି ଅଛି ସେମାନେ ଏହି ନୂତନ ଆଇନ ଅନୁଯାୟୀ ସମ୍ବିଧାନ ସଂଶୋଧନ କରି ୩୧ ଡିସେମ୍ବର ସୁଦ୍ଧା ନିର୍ବାଚନ ଶେଷ କରିବେ।

## ସନ୍ତୋଷ ଟ୍ରଫି: ଓଡ଼ିଶାର ଦ୍ୱିତୀୟ ପରାଜୟ

କଟକ,୨୭।୧(ସମିସ): ୭୯ତମ ଜାତୀୟ ସିନିଅର ପୁରୁଷ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡରେ ଓଡ଼ିଶା ଦ୍ୱିତୀୟ ପରାଜୟର ସମ୍ମୁଖୀନ ହୋଇଛି। ଆସାମରେ ମଙ୍ଗଳବାର ଖେଳାଯାଇଥିବା ତୃତୀୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୦-୧ ଗୋଲରେ କେରଳଠାରୁ ପରାସ୍ତ ହୋଇଛି। ଫରୱାର୍ଡ ଟି ସିଜିନ କେରଳ ନିମନ୍ତେ ଏକମାତ୍ର ଗୋଲ ସ୍କୋର କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୦-୧ ଗୋଲରେ ମେଘାଳୟ ଠାରୁ ହାରିବା ପରେ ସର୍ଭିସେସ ବିପକ୍ଷ ଡ୍ର' ରଖିଥିଲା। ୨୯ ତାରିଖରେ ରେଲୱେ ବିପକ୍ଷରେ ଓଡ଼ିଶା ୪ର୍ଥ ଲିଗ ମ୍ୟାଚ୍ ଖେଳିବ।

### ୧୯ ବର୍ଷରୁ କମ୍ ବିଶ୍ୱକପ୍

## ବିହାନଙ୍କ ଶତକରେ ଭାରତ ବିଜୟୀ

ବୁଲାୱାୟୋ, ୨୭।୧ (ଏଜେନ୍ସି): ଜିମ୍ବାୱେ ଓ ନାମିବ୍ୟାରେ ଚାଲିଥିବା ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍‌ରେ ଭାରତ ସୁପର୍-୬ରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ୨୦୪ ରନର ବିଶାଳ ବ୍ୟବଧାନରେ ଘରୋଇ ଜିମ୍ବାୱେକୁ ମାତ୍ ଦେଇଛି। ଫଳରେ ସୁପର-୬'ରେ ଭାରତ ପଏଣ୍ଟ ଖାତା ଖୋଲିଛି। ଭାରତ ପରବର୍ତ୍ତୀ ମ୍ୟାଚରେ ଫେବୃଆରୀ ୧ରେ ପାକିସ୍ତାନକୁ ଭେଟିବ।



ସ୍ଥାନୀୟ କୁଇନ୍ସ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ଭାରତ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା। ଓପନର୍ ବୈଭବ ସୂର୍ଯ୍ୟବଂଶୀ ଓ ଆରୋନ ଜର୍ଜ ପ୍ରଥମ ୱିକେଟ୍‌ରେ ୨୫ ବଲରୁ ୪୪ ରନ ସଂଗ୍ରହ କରି ଭଲ ପ୍ରାରମ୍ଭ ଦେଇଥିଲେ। ୧୬ ବଲରେ ୨୩ ରନ କରିଥିବାବେଳେ ଆରୋନ ଆଉଟ୍ ହୋଇଥିଲେ। ଏହାପରେ ବୈଭବ ଓ ଅଧିନାୟକ ଆୟୁଷ ମହାତ୍ରେ ଯୋଡ଼ି ଦଳୀୟ ସ୍କୋରକୁ ୧୦୦ ରନରେ ପହଞ୍ଚାଇଥିଲେ। ତେବେ ୨ଟି ବଲ ବ୍ୟବଧାନରେ ଉଭୟଙ୍କୁ ଆଉଟ୍ କରି ବାମହାତୀ ଦ୍ରୁତ ବୋଲର ତାତେନ୍ଦା ଚିମୁଗୋରୋ ଘରୋଇ ଜିମ୍ବାୱେକୁ ଡବଲ୍ ବ୍ରେକ୍ ଥ୍ରୁ ଦେଇଥିଲେ। ମହାତ୍ରେ ୨୧ ଓ ସୂର୍ଯ୍ୟବଂଶୀ ୩୦ ବଲରେ ୫୨ ରନ କରିଥିଲେ। ଏହି ଅର୍ଦ୍ଧଶତକୀୟ ପାଳିରେ ସେ ୪ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ଏହାପରେ ବିହାନ ମାଲହୋତ୍ରାଙ୍କ ସହ ୱିକେଟ୍‌କିପର ଅଭିଜ୍ଞାନ କୁଣ୍ଡୁ ଦମ୍‌ଦାର ବ୍ୟାଟିଂ କରିବାରୁ ଭାରତୀୟ ଯୁବ ଦଳ ୫୦ ଓଭରରେ ୮ ୱିକେଟ୍ ହରାଇ ୩୫୨ ରନର ବିଶାଳ ସ୍କୋର ଠିଆ କରାଇଥିଲା। ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବା ବାମହାତୀ ବ୍ୟାଟର୍ ମାଲହୋତ୍ରା ୧୦୭ ବଲରୁ ୧୦୯ ରନ କରିଥିଲେ। ସେହିଭଳି କୁଣ୍ଡୁ ୫ଟି ଚୌକା ଓ ଗୋଟିଏ ଛକା ବଳରେ ୬୨ ବଲରୁ ୬୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜବାବରେ ଏହି ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଜିମ୍ବାୱେ ୩୭.୪ ଓଭରରେ ୧୪୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ଭାରତ ପକ୍ଷରୁ ଉଦ୍ଧବ ମୋହନ ଓ ଆୟୁଷ୍ ମହାତ୍ରେ ୩ଟି ଲେଖାଏଁ ଏବଂ ଆରଏସ୍ ଆମ୍ବ୍ରିସଙ୍କୁ ୨ଟି ୱିକେଟ୍ ମିଳିଥିଲା।

### ● ଚତୁର୍ଥ ଟି-୨୦ ଆଜି

## ବିଜୟଧାରା ବଜାୟ ଲକ୍ଷ୍ୟରେ ଭାରତ


ବିଶାଖାପାଟନା, ୨୭।୧ (ଏଜେନ୍ସି): ଘରୋଇ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ଟି-୨୦ ସିରିଜର ୪ର୍ଥ ମ୍ୟାଚ ବୁଧବାର ବିଶାଖାପାଟନାରେ ଖେଳାଯିବ। ପୂର୍ବରୁ ପ୍ରଥମ ୩ଟି ମ୍ୟାଚକୁ ଯଥାକ୍ରମେ ୪୮ ରନ, ୭ ୱିକେଟ୍ ଓ ୮ ୱିକେଟରେ ଜିତି ଭାରତ ୩-୦ରେ ଆଗୁଆ ସିରିଜ କବ୍‌ଜା କରିସାରିଛି। ବିଶ୍ୱକପ୍ ପୂର୍ବରୁ ସିରିଜ ବିଜୟୀ ହୋଇସାରିଥିବାରୁ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଖେଳାଳିଙ୍କ ମନୋବଳ ବେଶ୍ ଦୃଢ଼ ରହିଛି। ତେଣୁ ଭାରତ ବିଶ୍ୱକପ୍ ପୂର୍ବରୁ ଏହାର ଶେଷ ଦୁଇଟି ମ୍ୟାଚ୍‌ରେ କମ୍ବିନେସନ ଉପରେ ଗୁରୁତ୍ୱ ଦେବ। ବିଶେଷ କରି ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ବରିଷ୍ଠ ୱିକେଟକିପର ସଞ୍ଜୁ ସାମସନଙ୍କ ଫର୍ମକୁ ନେଇ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ରହିଛି। ସାମସନ ପ୍ରଥମ ଦୁଇଟି ମ୍ୟାଚରେ ୧୦ ଓ ୬ ରନ କରିଥିବାବେଳେ ଶେଷ ଟି-୨୦ରେ 'ଗୋଲ୍ଡେନ ଡକ୍'ରେ ଆଉଟ୍ ହୋଇଥିଲେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ୱିକେଟ୍‌କିପର ଇଶାନ କିଶାନ ୨ୟ ଟି-୨୦ରେ ୩୨ ବଲରେ ୭୬ ରନର ବିସ୍ଫୋରକ ପାଳି ଖେଳି ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅପରପକ୍ଷରେ ଚଳିତ ସିରିଜରେ ଦୁଇ ଅଭିଜ୍ଞ ସ୍ପିନର କୁଲଦୀପ୍ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ଶ୍ରେଷ୍ଠ ଫର୍ମକୁ ଫେରିବା ଲାଗି ସଂଘର୍ଷ କରୁଛନ୍ତି। ତେଣୁ ଶେଷ ଦୁଇ ମ୍ୟାଚ ଉଭୟଙ୍କ ଲାଗି ବେଶ୍ ଗୁରୁତ୍ୱବହନ କରୁଛି। ସେହିଭଳି ସିରିଜ ବିଜୟୀ ହୋଇସାରିଥିବାରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟିମ୍ ମ୍ୟାନେଜମେଣ୍ଟ ଶେଷ ଦୁଇ ମ୍ୟାଚରେ ବିଶ୍ରାମ ଦେଇପାରନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଅପରପକ୍ଷରେ ମିଚେଲ ସାଣ୍ଟନରଙ୍କ ନେତୃତ୍ୱାଧୀନ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ସିରିଜ ହାରିସାରିଛି। କିନ୍ତୁ ଶେଷ ଦୁଇ ମ୍ୟାଚରେ ବିଜୟୀ ହୋଇ ଦଳ ମନୋବଳ ଦୃଢ଼ ମନୋବଳ ସହ ବିଶ୍ୱକପ୍ ଖେଳିବାକୁ ଲକ୍ଷ୍ୟ ରଖିଛି। ତେବେ ପ୍ରଥମ ୩ଟି ମ୍ୟାଚରେ କିୱି ଦଳର ବୋଲିଂ ବିଭାଗ ଫେଲ୍ ମାରିବା ଦଳ ପାଇଁ ଚିନ୍ତାର କାରଣ ପାଲଟିଛି।

ମ୍ୟାଚ୍ ଆରମ୍ଭ: ରାତି ୭ଟା
ସ୍ଥାନ: ବିଶାଖାପାଟନା
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟୱର୍କ/ ଜିଓ ହଟଷ୍ଟାର

### ମହିଳା ପ୍ରିମିଅର ଲିଗ୍

## ବ୍ରଣ୍ଟଙ୍କ ଶତକରେ ମୁମ୍ବାଇର ବାଜିମାତ୍

ଭଦୋଦରା, ୨୭।୧ (ଏଜେନ୍ସି): ଇଂଲଣ୍ଡର ଅଭିଜ୍ଞ ଖେଳାଳି ନାଟାଲୀ ସ୍କିଭର-ବ୍ରଣ୍ଟଙ୍କ ଦମଦାର ଶତକ ବଳରେ ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ମୁମ୍ବାଇ ଇଣ୍ଡିଆନ୍ସ ୩ୟ ବିଜୟ ହାସଲ କରିଛି। ସୋମବାର ଖେଳାଯାଇଥିବା ଏକ ମ୍ୟାଚରେ ମୁମ୍ବାଇ ୧୫ ରନରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ପରାସ୍ତ କରିଛି। ଫଳରେ କ୍ରମାଗତ ୫ଟି ମ୍ୟାଚ୍ ଜିତିଥିବା ଆର୍‌ସିବି ଲଗାତର ୨ଟି ମ୍ୟାଚ ହାରିଯାଇଛି। ଏହାସତ୍ତ୍ୱେ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଆରସିବି ୭ ମ୍ୟାଚରୁ ୧୦ ପଏଣ୍ଟ ପାଇ ଟେବଲ୍ ଶୀର୍ଷରେ ଦୃଢ଼ ସ୍ଥିତିରେ ରହିଛି। ସପ୍ତମ ମ୍ୟାଚରୁ ୩ୟ ବିଜୟ ହାସଲ କରିଥିବା ମୁମ୍ବାଇ ୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନକୁ ଉଠିଛି।




କୋଟାମ୍ବି ଷ୍ଟାଡିୟମରେ ଖେଳାଯାଇଥିବା ଲିଗର ଏହି ୧୬ତମ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ୩ୟ ଓଭରରେ ଓପନର୍ ସଞ୍ଜୀବନ ସଜନା (୭ ରନ)ଙ୍କ ୱିକେଟ୍ ହରାଇଥିଲା। ତେବେ ଅନ୍ୟତମ ଓପନର୍ ଆଲିସେ ହେଲୀଙ୍କ ସହ ମିଶି ନାଟାଲୀ ସ୍କିଭର-ବ୍ରଣ୍ଟ ଦ୍ୱିତୀୟ ୱିକେଟ୍‌ରେ ସ୍ଥିତି ସମ୍ଭାଳିଥିଲେ। ଦ୍ୱିତୀୟ ୱିକେଟ ଭାଗୀଦାରିରେ ମାଥ୍ୟୁସ ଓ ବ୍ରଣ୍ଟ ଯୋଡ଼ି ୭୩ ବଲକୁ ୧୩୧ ରନ ଉଠାଇ ଦଳକୁ ଏକ ବିଶାଳ ସ୍କୋର ଅଭିମୁଖେ ଅଗ୍ରସର କରାଇଥିଲେ। ତେବେ ମାଥ୍ୟୁସ (୩୯ ବଲରେ ୫୬ ରନ)ଙ୍କୁ ଆଉଟ୍ କରି ଲୌରାନ ବେଲ୍ ଏହି ଯୋଡ଼ି ଭାଙ୍ଗିଥିଲେ। ତେବେ ବ୍ରଣ୍ଟ ବିସ୍ଫୋରକ ବ୍ୟାଟିଂ ଜାରି ରଖି ଡବ୍ଲ୍ୟୁପିଏଲ୍ ଇତିହାସରେ ତାଙ୍କର ପ୍ରଥମ ଶତକୀୟ ପାଳି ଖେଳିଥିଲେ। ବ୍ରଣ୍ଟ ୫୭ ବଲରେ ୧୦୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହି ପାଳିରେ ସେ ୧୬ ଚୌକା ଓ ଗୋଟିଏ ଛକା ମାରିଥିଲେ। ଫଳରେ ମୁମ୍ବାଇ ୨୦ ଓଭରରେ ୪ ୱିକେଟ୍‌ରେ ୧୯୯ ରନର ବିଶାଳ ସ୍କୋର କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ହରମନପ୍ରୀତ୍ କୌର ୨୦, ଅମନଜୋତ୍ କୌର ୪ ଓ ଆମେଲିଆର କେର ୧ ରନ କରିଥିଲେ। ଜବାବରେ ୱିକେଟକିପର ରିଚା ଘୋଷଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ଆରସିବି ୯ ୱିକେଟ୍‌ରେ ୧୮୪ ରନ କରିବାକୁ ସମର୍ଥ ହୋଇଥିଲା। ରିଚା ୬ଟି ଛକା ଓ ୧୦ଟି ଚୌକା ସହାୟତାରେ ୫୦ ବଲରେ ୯୦ ରନ କରିଥିଲେ। ବୋଲିଂରେ ମାଥ୍ୟୁସ ୩ଟି ଏବଂ କେର୍ ଓ ସବନିମ ଇସମାଇଲ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ବ୍ରଣ୍ଟଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

### ଅଷ୍ଟ୍ରେଲିଆନ ଓପନ୍

## ପ୍ରଥମଥର ପାଇଁ ସେମିରେ ଆଲ୍‌କାରାଜ

ମେଲବୋର୍ଣ୍ଣ, ୨୭।୧ (ଏଜେନ୍ସି): ଟପ୍ ସିଡ୍ କାର୍ଲୋସ ଆଲ୍‌କାରାଜ ଓ ଆରିନା ସାବାଲେଙ୍କା ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ଲଢ଼େଇରେ ସ୍ପାନିଶ ତାରକା ଆଲ୍‌କାରାଜ ୭-୫, ୬-୨, ୬-୧ ସେଟ୍‌ରେ ଘରୋଇ ଅଷ୍ଟ୍ରେଲିଆର ୬ଷ୍ଠ ସିଡ୍ ଆଲେକ୍ସ ଡି ମିନାଉରନଙ୍କୁ ପରାସ୍ତ କରିଥିଲେ। ଛଅଟି ଗ୍ରାଣ୍ଡସ୍ଲାମ ଟାଇଟଲ୍ ବିଜୟୀ ହୋଇଥିବା ୨୨ ବର୍ଷୀୟ ଆଲ୍‌କାରାଜ ଏଥିସହ କ୍ୟାରିୟରରେ ପ୍ରଥମଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଫଳରେ ଅନ୍ୟ ୩ଟି ଗ୍ରାଣ୍ଡସ୍ଲାମ ଜିତି ସାରିଥିବା ଆଲ୍‌କାରାଜଙ୍କ ନିକଟରେ ପ୍ରଥମ ଅଷ୍ଟ୍ରେଲିଆନ୍ ଓପନ ଟ୍ରଫି ଜିତିବାର ସୁଯୋଗ ସୃଷ୍ଟି ହୋଇଛି। ସେମିଫାଇନାଲରେ ତାଙ୍କର ମୁକାବିଲା ଗତ ସଂସ୍କରଣର ଉପବିଜେତା ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କ ସହ ହେବ। ତୃତୀୟ ସିଡ୍ ଜ୍ୱେରେଭ ଅନ୍ୟ ଏକ କ୍ୱାର୍ଟରରେ ୬-୩, ୬-୭ (୫), ୬-୧, ୭-୬ (୩) ସେଟରେ ଆମେରିକାର ଲିର୍ନର ତିଏନଙ୍କୁ ପରାସ୍ତ କରିଥିଲେ।





### ୩ୟ ଟାଇଟଲ୍ ଅଭିମୁଖେ ସାବାଲେଙ୍କା; ଗଫ୍ ନିରାଶ

ଅପରପକ୍ଷରେ ମହିଳା ବିଭାଗରେ ବେଲାରୁଷ ତାରକା ଆରିନା ସାବାଲେଙ୍କା ୩ୟ ଅଷ୍ଟ୍ରେଲିଆନ ଓପନ୍ ଜିତିବା ଅଭିମୁଖେ ଅଗ୍ରସର ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସାବାଲେଙ୍କା ୬-୩, ୬-୦ ସିଧାସଳଖ ସେଟ୍‌ରେ ୨୯ତମ ସିଡ୍ ଇଭା ଜୋଭିକଙ୍କୁ ହରାଇ ସେମିରେ ପହଞ୍ଚିଛନ୍ତି। ସେମିଫାଇନାଲରେ ସାବାଲେଙ୍କାଙ୍କ ମୁକାବିଲା ୧୨ତମ ସିଡ୍ ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କ ସହ ହେବ। ଅନ୍ୟ ଏକ କ୍ୱାର୍ଟରରେ ଏଲିନା ୬-୧, ୬-୨ ସେଟ୍‌ରେ ୩ୟ ସିଡ୍ କୋକୋ ଗଫ୍‌ଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS